ଓଡିଶାର ପ୍ରଥମ ଏବଂ ଏକମାତ୍ର
ସଂପୂର୍ଣ୍ଣ ଓଡିଆ ଇ-ପତ୍ରିକା

# ଆହ୍ୱାନ

Volume 1, Issue: 11
December, 2006

ମାତୃଭାଷା ଓ ମାତୃଭୂମିର ସଜାଗ ପ୍ରହରୀ



ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର, ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ: ୯୨୩୮୬୮୫୬୯୮



ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା ଶିବିର

## ଏଥରର ସଂଖ୍ୟାରେ ଅଛି:


| | | | |
|---|---|---|---|
| ଆବିଷ୍କାର | ୨ | ଆମ ଗାଁ ହାଲ୍‌ଚାଲ | ୨୨ |
| ଛୁଟିବେଳେ ସିନେମା | ୯ | ମାରିନେଲେ ମହାପାତ୍ରେ | ୨୪ |
| ଆରାଧନା | ୧୦ | ମୋ ଗପ ଲେଖା | ୨୫ |
| ଯୋଜନା ବେଲ ଓ ଆମେ | ୧୦ | ନେତା ଭତ୍ତା ସ୍ୱାଧୀନତା | ୨୭ |
| ସ୍ୱାସ୍ଥ୍ୟ ସଚେତନତା ଶିବିର | ୧୨ | ଶିଳାଲେଖର ଓଡିଆ | ୨୮ |
| ରାଇକିଆର ଜଗନ୍ନାଥ ମନ୍ଦିର | ୧୫ | ଟାଇମ୍ ପାସ୍ | ୩୨ |
| ଜୀବନସାଥୀ | ୧୭ | ୨୦୦୬ର ସିନେମା | ୩୫ |
| ଜୋତା | ୧୯ | ଚିନ୍ତା | ୩୯ |
| କବାଟ ନଥିବା ଗାଁ | ୨୦ | ଚମ ବଧିରା ହେଲାଣି | ୪୧ |
| କବିତା | ୨୧ | ଆହୁରି ଅନେକ କିଛି......... | |


Printed and Published on 6th December, 2006, Under direct supervision of Dr Jyoti Prasad Pattnaik, Editor, Aahwaan.

ଗୋଟିଏ ବର୍ଷର ଶେଷ ମାସ, ଆଉ ଏକ ବର୍ଷର ଅପେକ୍ଷାର ଅନ୍ତକୁ ନିକଟତର କରିଦେବା ବେଳେ ଏହି ଘଡିସନ୍ଧି ମୂହୁର୍ତ୍ତରେ ଆମ ପାଇଁ ଆସିଛି ବିଚାର କରିବାର ସମୟ । କର୍ମତତ୍ପର ଚଳଚଞ୍ଚଳ ଜନମାନସରୁ ନୁତନ ବର୍ଷର ଉତ୍ସାହ ଓ ଉଦ୍ଦୀପନାକୁ ଦୁରେଇ ଦେଉଥିବା ସମୟରେ, ଅଳ୍ପ ସମୟ ନିମନ୍ତେ ହେଉ ପଛେ, ଖୁଶିର ସହିତ ନୁତନ ବର୍ଷକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିବା ଆମର କାମ୍ୟ ।

ଦେଖୁ ଦେଖୁ ବର୍ଷଟିଏ ନିଜର ସମୟର ଧାରା ସହିତ ଧରାପୃଷ୍ଠରୁ ଉଭେଇଯିବ, ଯାହା ରହିଯିବ, ତାହା ହେବ ଏହାର ସ୍ମୃତି । ଏହି ସ୍ମୃତି ଆହ୍ୱାନ ପାଇଁ ଚିରସ୍ମରଣୀୟ ହୋଇ ରହିବ, କାରଣ, ଏଇ ବର୍ଷ ଜନ୍ମ ନେଇଥିଲା ଏହି ପତ୍ରିକା ଆଉ ଏହି ବର୍ଷ ହିଁ ଏହାକୁ ଏକ ଆନ୍ଦୋଳନର ରୂପ ଦେବାର ପ୍ରୟାସ ଆମେ କରିଥିଲୁ । ବର୍ଷ ସରି ଆସୁଛି, ତଥାପି କିଛି ପ୍ରାଣ ରହିଯାଇଛି । ଏହି ପ୍ରାଣର ଶେଷ ଦିବସ ଗୁଡିକ ଆମେ ଖୁସିରେ ବିତିଯାଉ, ଏହି କାମନା କରି ଉପସ୍ଥାପନ କରୁଛୁ, ଏ ମାସର 'ଆହ୍ୱାନ' ।

ଦୀର୍ଘ ଏକ ବର୍ଷର ହିସାବ ନିକାଶ କରିବା ପାଇଁ ଆହୁରି ସମୟ ଅଛି, ଏବଂ ଏହାକୁ ଅପେକ୍ଷା କରିଛନ୍ତି ଅନେକ ବନ୍ଧୁ । ଦେଶବିଦେଶରେ ବସବାସ କରୁଥିବା ଅଗଣିତ ଓଡିଆଙ୍କ ମନରେ ତଥାପି ମହାନ ଉତ୍କଳୀୟତା ଓ ଏହାର ସମୃଦ୍ଧ ଐତିହ୍ୟକୁ ଜାଗ୍ରତ କରି ରଖିଛି ଆହ୍ୱାନ । ଏହି ପତ୍ରିକାଦ୍ୱାରା ଆମେ ଆଗାମୀ ସଂସ୍କରଣରେ ଉପସ୍ଥାପନା କରିବୁ ବିଗତ ଏକ ବର୍ଷର ଘଟଣାବଳୀର ସମୀକ୍ଷା ।

ଏହି ମାସର ପତ୍ରିକା ପ୍ରସ୍ତୁତି ବେଳେ ଜନୈକ ବନ୍ଧୁଙ୍କ ଦ୍ୱାରା ଦିଆଯାଇଥିବା କିଛି ଉପଦେଶକୁ ମାନିନେଇଥିଲୁ । ସେ ଚାହୁଁ ଥିଲେ ଯେ ବର୍ଷର ଶେଷ ସଂସ୍କରଣରେ ଏହି ପତ୍ରିକା ନିଶ୍ଚୟ ଭାବରେ କିଛି ଅଲଗା ହୋଇଥିବ । ଆଉ ଏହି ଧାରାରେ ଆମେ ଯୋଡିଦେଲୁ, ଓଡିଆ କ୍ୟାଲେଣ୍ଡର । ଅବଶ୍ୟ ଏହି କ୍ୟାଲେଣ୍ଡର୍ ଆମ ପତ୍ରିକା 'ଆହ୍ୱାନ' ପରି ଓଡିଶାର ପ୍ରଥମ ଇ-କ୍ୟାଲେଣ୍ଡର ହେବାର ସୌଭାଗ୍ୟ ପ୍ରାପ୍ତ କରିବ, କିନ୍ତୁ ଯଦି ଆପଣ ମାନେ ଏହି କ୍ୟାଲେଣ୍ଡରକୁ ଆମ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିବେ ତେବେ ହିଁ ଯାଇ ଏହାର ମହତ୍ତ୍ୱ ସିଦ୍ଧ ହୋଇପାରିବ ।

# ଆବିଷ୍କାର

*ତ ଏ ଗଳ୍ପଟି ମୋର ଜ ଣେ Senior ଙ୍କ ମାଙ୍କର ଆମେରିକା ଅନୁଭୂତିର ରୂପାନ୍ତର । ଗଳ୍ପର ସମସ୍ତ ଚରିତ୍ରର ନାମ ମୋର ମାନସ ପ୍ରସୂତ । ଏ ଗଳ୍ପଟି ମୁଁ ମୋର ପିତାମାତା ଙ୍କ ନାମରେ ଉତ୍ସର୍ଗ କରୁଛି । ପ୍ରିୟ ରଞ୍ଜନ ନନ୍ଦ ।*

ଆଠ ଇଞ୍ଚ ଲମ୍ବ ଓ ପାଞ୍ଚ ଇଞ୍ଚ ଚଉଡ଼ାର କାଠ ଫଳକଟି ମୋତେ ସ୍ୱର୍ଗାଧିପତି ଇନ୍ଦ୍ରଙ୍କ ମଣିମୟ ମୁକୁଟଠାରୁ ମୂଲ୍ୟବାନ ପ୍ରତୀତ ହେଉଥିଲା । ଭାରତର ରାଷ୍ଟ୍ରପତିଙ୍କଠାରୁ ଭାରତରତ୍ନ ଉପାଧି ପାଇଥିବା ବେଳେ ସଙ୍ଗୀତ ସାମ୍ରାଜ୍ଞୀ ଲତା ମଙ୍ଗେସ୍କରଙ୍କୁ କେମିତି ଲାଗିଥିବ ମୁଁ ଜାଣିନି; ତେବେ ଏ ଅଡିଟୋରିୟମ୍‌ରେ ପ୍ରାୟତଃ ଦୁଇଶହ, ତିନିଶହ ପ୍ରବାସୀ ଭାରତୀୟମାନଙ୍କ ସମ୍ମୁଖରେ ଭାରତର ରାଷ୍ଟ୍ରପତିଙ୍କ ହାତରୁ ଏ ଆୟତାକାର ଫଳକଟି ପାଇବା ମୋ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ଥିଲା । କଲେଜ ଅଧ୍ୟାପକ ସମରେନ୍ଦ୍ର ପଣ୍ଡାଙ୍କ ପତ୍ନୀ, ରାଣୀହାଟର ସେ ଟିକି ଗଳିଟିର ବାମକୋଣରେ ଥିବା ଛୋଟ ଘରଟିର ଗୃହଲକ୍ଷ୍ମୀ, କଲେଜମାଟି ମାଡ଼ି ନଥିବା ରତୁପର୍ଣ୍ଣା ଯେ ଏମିତି ଏକ ସମ୍ମାନର ଅଧିକାରିଣୀ ଦିନେ ହୋଇପାରିବ, ତାହା ଏକ କଳ୍ପନା ବହିର୍ଭୂତ ଘଟଣା । କିନ୍ତୁ ସେ କଳ୍ପନାତୀତ ଘଟଣା ଆଜି କେବଳ ମୋ ପାଇଁ ନୁହେଁ, ସାରା ଦୁନିଆଁ ପାଇଁ ସତ୍ୟ । ତାର ସାକ୍ଷୀ ମୋର ସ୍ୱାମୀ ଗଣିତ ଅଧ୍ୟାପକ ସମରେନ୍ଦ୍ର ପଣ୍ଡା (ମୁଁ ତାଙ୍କୁ ଲେକ୍‌ଚର୍‌ବାବୁ ବୋଲି କହେ ଓ ଅନ୍ୟମାନଙ୍କର ସମ୍ବନ୍ଧ ଲଗାଇ କହେ), ମୋ ସାନପୁଅ ପୁପୁନା (କଂପ୍ୟୁଟର ଇଞ୍ଜିନିୟର୍ ଶୋଭିତ ପଣ୍ଡା), ଅଡିଟୋରିୟମ୍‌ର ଦୁଇଶହ, ତିନିଶହ ଦର୍ଶକ ଓ ବିଶେଷତଃ ନିଜେ ଭାରତର ରାଷ୍ଟ୍ରପତି ମହୋଦୟ ।

ମୁଁ ଯେ ସତରେ ଏକ ଉଚ୍ଚକୋଟିର ଗାୟିକା, ତାହା ମୁଁ ଆଜି ପ୍ରଥମଥର ପାଇଁ ଆବିଷ୍କାର କଲି । ମୁଁ ଭଲ ଗାଉଥିଲି ବୋଲି ଗାଁରେ ସମସ୍ତେ କହୁଥିଲେ । ସେଇଟା ବତିଶ ବର୍ଷ ପୂର୍ବର ଘଟଣା । ବତିଶ ବର୍ଷ ପରେ ସେ ପ୍ରତିଭାକୁ ଆବିଷ୍କାର କରି, ସେଥିରେ ରୂପରଙ୍ଗ ଦେଇ ଭଲକୁ ଉଚ୍ଚକୋଟିର ପ୍ରମାଣିତ କରାଇଥିଲା ଯେଉଁ ସୁମିତା, ସେଇ ସୁମିତା ମିଶ୍ରଙ୍କୁ କେଉଁ ଭାଷାରେ ମୁଁ କୃତଜ୍ଞତା ଜଣାଇବି, ସେ ନେଇ ଚିନ୍ତିତା ଥିଲି ।

ସୁମିତା ସହ ଆମର ପ୍ରଥମ ପରିଚୟ ପ୍ରାୟ ପାଞ୍ଚମାସ ତଳେ; ହୋଟେଲ୍ ହିଲ୍‌ଟନ୍‌ରେ । ଯଦିଓ ନୂଆବର୍ଷ ପରେ ଦୁଇ ସପ୍ତାହ ବିତିଯାଇଥାଏ, ନୂଆବର୍ଷ ପାଳନ କରିବାପାଇଁ ସେ ହୋଟେଲ୍‌ରେ ଏକତ୍ରିତ ହୋଇଥାନ୍ତି ପ୍ରାୟ ଦୁଇ, ତିନି ଶହ ଭାରତୀୟ ପରିବାର । ଏ ନେଇ ମୁଁ ପୁପୁନାକୁ ପ୍ରଶ୍ନ କରିଥିଲି - କିରେ, ନୂଆବର୍ଷ ତ କେବେଠାରୁ ସରିଗଲାଣି; ଏମାନେ କି ନୂଆବର୍ଷ ପାଳିବେ ପୁଣି? ପୁପୁନା ଉତ୍ତର ଦେଇଥିଲା, ଆମେରିକାରେ ପର୍ବପର୍ବାଣୀ ପାଳିବାର ଦିନ ନିର୍ଦ୍ଧାରଣରେ ସେମିତି କିଛି ବାରଣ ନଥାଏ । ସମସ୍ତଙ୍କ ପାଇଁ ଯେଉଁ ଦିନଟା ସୁବିଧା, ସେଇ ଦିନରେ ପର୍ବ ପାଳନ କରାଯାଏ । ଏମିତିକି ହଲ୍ ନ ମିଳିଲେ କି ଲୋକମାନଙ୍କୁ ସୁବିଧା ନହେଲେ, ଆମ ଓଡ଼ିଆ କୁଆଁର ପୁନେଇଁ ବେଳେବେଳେ ଅମାବାସ୍ୟା ଦିନରେ ପାଳନ କରାହୁଏ । ପୁପୁନା କଥାରେ ମୁଁ ମୁଣ୍ଡରେ ହାତ ଦେଇଥିଲି, ସତରେ ତ ଇଏ ଗୋଟିଏ ବିପରୀତ ଦେଶ ।

ନାଲି, ନୀଳ, ସବୁଜ ରଙ୍ଗର ଆଲୋକରେ ସେଦିନ ହିଲ୍‌ଟନ୍ ହୋଟେଲ୍‌ର ରଙ୍ଗମଞ୍ଚଟି ଆକର୍ଷଣୀୟ ଦିଶୁଥିଲା । ତାହାଠାରୁ ଅଧିକ ଆକର୍ଷଣୀୟ ଦିଶୁଥିଲା ସୁମିତା । ସତେ ଯେମିତି ଷୋହଳ, ସତର ବର୍ଷର ଏକ ରଙ୍ଗୀନ ପ୍ରଜାପତି । ଗୀତ ତ ସେ ଗାଉଥିଲା; ଗୀତର ତାଳେ ତାଳେ ବି ବେଳେବେଳେ ନାଚି ଯାଉଥିଲା । ଚାଳିଶ, ପଇଁଚାଳିଶ ବର୍ଷ ବୟସରେ ତା'ର ଏ ତାରୁଣ୍ୟ, ଏ ଚପଳତା ଦେଖି ଯେତେଟା ଅଶ୍ଚର୍ଯ୍ୟ ହୋଇଥିଲି ମୁଁ, ସେତେଟା ପ୍ରଭାବିତ ବି । ସୁମିତା ମିଶ୍ର ବୋଲି ତ ନାଁଟା ଘୋଷଣା କରାଯାଇଥିଲା । ବୟସ ସମ୍ବନ୍ଧରେ ଜ୍ଞାନହେଲା ଯେହେତୁ ସୁମିତାର ପୁଅ, ଝିଅ ମୋ ପାଖରେ ବସିଥିଲେ ଓ ଭିଡିଓ ରେକର୍ଡିଂ କରୁଥିଲେ । ସେମାନେ କଲେଜରେ ପଢୁଥିଲେ । ସେଥିରୁ ସୁମିତାର ବୟସ ଚାଳିଶ, ପଇଁଚାଳିଶ ହେବ ବୋଲି ଅନୁମାନ କରୁଥିଲି । ଏହି ସମୟରେ ଲେକ୍‌ଚର୍‌ବାବୁ ମତେ ଚମକାଇ ଦେଇ କହିଲେ, ଜାଣିଛ ରୁନୁ! ସୁମିତା ଦେବୀ ପରା ତମ ମାମୁଁ ଘର ଗାଁର ଝିଅ ।

ତମେ କେମିତି ଜାଣିଲ? - ମୁଁ ପ୍ରଶ୍ନ କଲି । ତାଙ୍କ ମିଷ୍ଟର୍‌ଙ୍କ ସହିତ କଥାବାର୍ତ୍ତା କରୁକରୁ ଜାଣିଲି । ବାହାଘର ପୂର୍ବରୁ ତାଙ୍କ ନାଁ ଥିଲା ସୁମିତା ରଥ । ତାଙ୍କ ବାପାଙ୍କ ନାଁ ଜାଣିଛ କି?

ନା! ଏତେ ଡିଟେଲ୍‌ସ୍ ତ ବୁଝିନି । ପ୍ରୋଗ୍ରାମ୍ ସରିବାପରେ କଥାବାର୍ତ୍ତା ହୋଇ ବୁଝିବା ।

ହେଲେ ପ୍ରୋଗ୍ରାମ୍ ସରୁ ସରୁ ଡେରିହେଲା । ପ୍ରୋଗ୍ରାମ୍ ପରେ ବି ସୁମିତା ବହୁତ ବ୍ୟସ୍ତ ଥିଲେ । ଅତଏବ କଥାବାର୍ତ୍ତା କରିବାର ଏତେଟା ଅବକାଶ ମିଳିଲାନି । ଯେଉଁମାନେ ମଞ୍ଚଉପରେ କାର୍ଯ୍ୟକ୍ରମ କରନ୍ତି, ସେମାନେ ସେଇ ଅବସରରେ ବିଶିଷ୍ଟ ବ୍ୟକ୍ତି ପାଲଟିଯାଆନ୍ତି । ତେଣୁ ସେମାନଙ୍କ ସହିତ ମିଶିବା ଓ କଥାବାର୍ତ୍ତା କରିବାକୁ ଦର୍ଶକବୃନ୍ଦ ବ୍ୟାକୁଳ ରହନ୍ତି; ଯେମିତିକି ସେମାନଙ୍କ ସହିତ କଥାବାର୍ତ୍ତା ନକଲେ ମାନବଜୀବନ ବିଫଳ ହୋଇଯିବ । ଏମିତି ବି କିଛି ଭାରତୀୟ ବ୍ୟକ୍ତି ଅଛନ୍ତି, ଯେଉଁମାନେ ବିଶିଷ୍ଟ ଲୋକମାନଙ୍କ ପଛରେ ଜୋକଭଳି ଲାଗିଯାନ୍ତି ଓ ସୁଯୋଗ ପାଇଲେ ଫଟୋ ଉଠାଇ ରଖିବାକୁ ପରମ ସୌଭାଗ୍ୟ ମଣନ୍ତି । ହେଲେ ଆବଶ୍ୟକତା ନଥିଲେ ମୁଁ ବିଶେଷ ବ୍ୟକ୍ତିମାନଙ୍କଠାରୁ ଦୂରରେ ରହେ, ଯେହେତୁ ମତେ ଦୂରରୁ ବିଶେଷତା ବିଶ୍ଳେଷଣ କରିବାକୁ ଭଲଲାଗେ । ଯଦିଓ ଲେକ୍‌ଚର୍‌ବାବୁଙ୍କର ତଥାପି ଅପେକ୍ଷା କରିବାକୁ ଇଚ୍ଛାଥିଲା, ଆମେ ସୁମିତାଦେବୀଙ୍କୁ ଅପେକ୍ଷା ନକରି ପଳାଇ ଆସିଲୁ ।

ତାପର ରବିବାର ଦିନ ପୁପୁନା ଆମକୁ ମଲ୍ ବୁଲେଇନେଲା । ଆମେରିକା ଦେଶର ପ୍ରାଚୁର୍ଯ୍ୟ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏତେ ବଡ଼ ବଡ଼ ଦୋକାନ, ଏତେ ଜିନିଷ, ସବୁ ପୁଣି ସଫାସୁତୁରା । ଯେତେ ଦୋକାନ ବୁଲିଲେ ବି ନିଶା ଛାଡ଼ୁନଥାଏ । ସାରାଦିନ ବୁଲିସାରି ଶେଷରେ ସନ୍ଧ୍ୟାବେଳେ ଘରକୁ ଫେରିଲୁ । ଘରେ ଲୁଗାପଟା ବଦଳାଇ ମୁଁ ରୋଷେଇଘରକୁ ଯାଇ ଭାତ, ତରକାରୀ ରାନ୍ଧିବାପାଇଁ ପ୍ରସ୍ତୁତହେଲି । ପୁପୁନା ଉପରୁ ଆସି ଖବରଦେଲା, ବୋଉ, ସୁମିତାନାନୀ ମେସେଜ୍ ଛାଡ଼ିଥିଲେ । ଆସନ୍ତା ଶନିବାର ଦିନ ତାଙ୍କ ଘରକୁ ଡିନର୍ ପାଇଁ ଡାକିଛନ୍ତି । କଣ କହିବି କହ । ପୁପୁନାର ବାପା କହିଲେ, ଆରେ ବୋଉକୁ କଣ ପଚାରୁଛୁ ? ସୁମିତା ଦେବୀଙ୍କ ଭଳି ଏତେ ବଡ଼ଲୋକ ଡାକିଛନ୍ତି; ଯିବାନି କାହିଁକି ? ତାପରେ ବୋଉର ମାମୁଁଘର ଗାଁ ଝିଅ ସିଏ । ଟିକେ ଚିହ୍ନାଜଣା ବି ଭଲଭାବେ ହେବ ।

ମତେ କିନ୍ତୁ ପୁପୁନାର ସୁମିତାକୁ ନାନୀ ଡାକିବାଟା ବଡ଼ ଅବାଗିଆ ଲାଗିଲା । ମୁଁ ପଚାରିଲି, କିରେ, ସୁମିତାର ପିଲା ସବୁ ତୋ ଏକା ବୟସର; ତୁ ତାକୁ ମାଉସୀ ନ ଡାକି ନାନୀ କାହିଁକି ଡାକୁଛୁ ?

ପୁପୁନା କହିଲା, ଜାଣିଲୁ ବୋଉ, ଏ ଦେଶରେ ବୟସ୍କା ଓଡ଼ିଆ ସ୍ତ୍ରୀ ଲୋକମାନେ ମାଉସୀ ଡାକଠାରୁ ନାନୀ ଡାକ ବେଶୀ ପସନ୍ଦ କରନ୍ତି । ତାପରେ ଓଡ଼ିଶାରୁ ଯେଉଁମାନେ ଆସନ୍ତି, ସେମାନେ ନିଜ ପୁଅ, ଝିଅ ବୟସର ହେଲେ ବି ସେମାନଙ୍କ ସହିତ ବୟୋଜ୍ୟେଷ୍ଠ ମାନଙ୍କର ମନର ମେଳ ଅଧିକ । ନିଜ ପିଲାମାନେ ତ ଏ ଦେଶରେ ବଢ଼ିଲେ, ଏ ଦେଶର ସଂସ୍କୃତି ଶିଖିଲେ; ସେମାନଙ୍କ ସହିତ ଓଡ଼ିଆ ମନ ମିଳିବ ବା କେମିତି ?

ନାନୀ ହେଉ କି ମାଉସୀ ହେଉ, ଆତ୍ମୀୟତାର କିଛିଟା ଶବ୍ଦ ବ୍ୟବହାର କଲେ ହେଲା । ସେ କଥା ପାଇଁ ତମ ମୁଣ୍ଡ କାହିଁକି ଏତେ ଘୁରାଉଛି ? ଏତେ ଶ୍ରଦ୍ଧାରେ ସୁମିତାଦେବୀ ଡାକିଛନ୍ତି । ଯିବା ତ ! କଥା ସେଇଠି ଛିଣ୍ଡିଲା ।- ପୁପୁନାର ବାପା କଥା ଶେଷ କଲେ ।

ଦେଖୁଦେଖୁ ଛଅଟି ଦିନ ବିତିଗଲା । ଶନିବାର ଦିନ ସନ୍ଧ୍ୟାବେଳେ ପୁପୁନା ଆମମାନଙ୍କୁ ନେଇ ଯେଉଁ ଘର ସାମନାରେ ଗାଡ଼ି ରଖିଲା, ମତେ ସେ ଘର ଭିତରକୁ ଯିବାକୁ କୁଣ୍ଠା ଲାଗୁଥିଲା । ଯେଉଁ ଘରର ବାହାରର ଏତେ ଚାକଚକ୍ୟ, ସେ ଘରର ଭିତର ବା କଣ ନ ହୋଇଥିବ ? ମୁଁ ପୁପୁନାକୁ କହିଲି, ଚାଲ୍‌ରେ ପଳେଇଯିବା, ସେମାନେ ଏତେ ବଡ଼ଲୋକ; ଆମକୁ କଣ ଖାତର କରିବେ?

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଲେକ୍‌ଚର୍‌ବାବୁ ମୋ ଉପରେ ଚିଡ଼ିଲେ; ଯଦି ଖାତର ନ କରିବେ, ତେବେ ଡାକିଲେ କାହିଁକି? ଏକା ଓଡ଼ିଶା ରାଇଜର ଲୋକ; ପରଦେଶରେ ବଡ଼, ଛୋଟ କଥା କିଏ ଏତେ ଦେଖୁଛି ? ତାପରେ ସବୁ ବଡ଼ଲୋକ ମାନେ ଦିନେ ନା ଦିନେ ଦରିଦ୍ରତା ଅନୁଭବ କରିଥାନ୍ତି । ସବୁ ପ୍ରଫେସର୍‌ମାନେ ଦିନେ ଛାତ୍ର, ଛାତ୍ରୀ ଥାଆନ୍ତି; ସବୁ ବାପା, ମାଆ ଦିନେ ପୁଅ, ଝିଅ ଥାଆନ୍ତି; ଦେଖିବ ରୁହ, ତମ ପୁପୁନା ବି ଏମାନଙ୍କ ଠାରୁ ବଡ଼ ଘର କିଣିବ ।

ସୁମିତା ଓ ତାର ସ୍ୱାମୀ ଶୁଭେନ୍ଦୁବାବୁ ଆମମାନଙ୍କୁ ଯେମିତି ଅପେକ୍ଷାକରି ରହିଥିଲେ । ଆମେମାନେ କଲିଂବେଲ୍ ଟିପିବା ପୂର୍ବରୁ ସେମାନେ କବାଟ ଖୋଲି ଆମମାନଙ୍କୁ ପାଛୋଟିନେଲେ । ଏ ତ ଘର ନୁହେଁ, ରାଜପ୍ରାସାଦ । ମୋର ଏମିତି ଆଶ୍ଚର୍ଯ୍ୟାନ୍ୱିତ, ବିହ୍ୱଳ ଭାବ ଦେଖି ପୁପୁନା ମତେ ଚିମୁଟିଦେଲା । ସୁମିତା ଆମକୁ ତା ଭିତରଘରକୁ ଡାକିନେଇ ସୋଫାରେ ବସେଇଲା ଓ ପିଇବାକୁ କଣ ଦେବ ବୋଲି ପ୍ରଶ୍ନକଲା

ସୁମିତାର ଆତିଥେୟତାରେ ଆମେମାନେ ବହୁତ ମୁଗ୍‌ଧହେଲୁ । ଜଳଖିଆ ପରେପରେ ସଂପର୍କର ଅବତାରଣା ଆରମ୍ଭହେଲା । ଆପଣ ମଦନସାର୍‌ଙ୍କ ବଡ଼ଝିଅ । ତା ମାନେ ଆପଣ ରୁନୁନାନୀ, ଯାହାଙ୍କ କଥା ଆମ ହାଇସ୍କୁଲ୍‌ର ଦିଦିମାନେ ପ୍ରାୟତଃ କହୁଥିଲେ । ମୁଁ ବି ପଢ଼ିବାବେଳେ ମଦନସାର୍ ଆମର ସଙ୍ଗୀତ ଶିକ୍ଷକ ଥିଲେ । ଝୁନୁନାନୀ ବି ତ ବହୁତ ସୁନ୍ଦର ଗୀତ ଗାଉଥିଲେ ।- ସୁମିତାର ଜିଜ୍ଞାସା ଥିଲା ।

ସୁମିତାର କଥାବାର୍ତ୍ତାରୁ ଜାଣିଲି ସିଏ ମୋଠାରୁ ସାତ, ଆଠ ବର୍ଷ ସାନ । ସିଏ ମୋ ମାମୁଁଘର ଗାଁ ବରୀର ରଥ ସାହିର ଗଗନ ରଥଙ୍କ ନାତୁଣୀ । ତା ବାପାଙ୍କର ଯେତେବେଳେ କୋରାପୁଟ ବଦଳି ହୋଇଥିଲା, ସେତେବେଳେ ସିଏ ଆସି ଗାଁ ହାଇସ୍କୁଲ୍‌ରେ ପଢୁଥିଲା । ସେତେବେଳକୁ ମୁଁ ହାଇସ୍କୁଲ୍ ଛାଡ଼ିଥିଲି ଓ ମୋର ବାହାଘର ବି ହୋଇଯାଇଥିଲା । ବାପା ବରୀ ହାଇସ୍କୁଲ୍‌ର ସଙ୍ଗୀତ ଶିକ୍ଷକ ଥିଲେ ଓ ଆମ ଗାଁ ପଗିଡ଼ାରେ ହାଇସ୍କୁଲ୍ ନଥିବାରୁ ଆମେ ସବୁ ଭାଇଭଉଣୀ ମାନେ ବରୀ ହାଇସ୍କୁଲ୍‌ରେ ପଢୁଥିଲୁ । ସୁମିତା, ମୋ ବାପା ଓ ସାନଭଉଣୀ ଝୁନୁକୁ ସେଇଠାରୁ ଜାଣିଛି । ସୁମିତା ଅଷ୍ଟମ ଶ୍ରେଣୀ ପରେ ଭୁବନେଶ୍ୱରରେ ଆସି ପଢ଼ିଲା ଓ ବି.ଜେ.ବି କଲେଜରୁ ବି.ଏସ୍.ସି ପାସ୍ କରିବା ପରେ ବାହା ହୋଇଥିଲା । ସେମାନେ ୧୯୭୦ ମସିହାରେ ଆମେରିକା ଆସିଥିଲେ ଓ ଆମେରିକା ଆସି ସୁମିତା କଂପ୍ୟୁଟର୍ ଇଞ୍ଜିନିୟରିଂ ପଢ଼ିଲା । ହଠାତ୍ ସୁମିତା ମତେ ଅନୁରୋଧ କଲା, ରୁନୁନାନୀ, ଆପଣ ଗୋଟିଏ ଗୀତ ଗାଆନ୍ତୁ ନା! ଆପଣ ସୁନ୍ଦର ଓଡ଼ିଶୀ ଓ ଗୀତଗୋବିନ୍ଦ ଗାଉଥିଲେ ବୋଲି ଆମ ଗାଁ ସାରା ସମସ୍ତେ କହନ୍ତି । ମୋର୍ ତ ଶୁଣିବାର ସୌଭାଗ୍ୟ ନଥିଲା ।

ମୋର କଣ ଆଉ ଅଭ୍ୟାସ ଅଛି? ବାହାଘର ପରେ ଗୀତ ସହିତ ସମସ୍ତ ସଂପର୍କ ଯେମିତି ଛିନ୍ନ ହୋଇଗଲା । ତମେ ତ ସୁନ୍ଦର ଗୀତ ଗାଉଛ ସୁମିତା; ସେଦିନ ପ୍ରୋଗ୍ରାମ୍‌ରେ ଗାଉଥିଲ । ତମେ ବରଂ ଗାଅ; ଆମେ ଶୁଣିବ - ମୁଁ ଏଡ଼ି ଯିବାକୁ ଚାହୁଁଥିଲି ।

ମୋ ଗୀତ ତ ଚାଲୁ ଗୀତ । ଆପଣଙ୍କ ଭଳି ଗାୟିକା ହେବାକୁ ମତେ ପୁନର୍ଜନ୍ମ ନେବାକୁ ପଡ଼ିବ । ମୁଁ ହାର୍‌ମୋନିୟମ୍ ଆଣୁଛି; ଆପଣ ନିଶ୍ଚୟ ଗାଇବେ ।

ମୋ ଉତ୍ତରକୁ ଅପେକ୍ଷା ନକରି ସୁମିତା ଚାଲିଗଲା । ତିନି, ଚାରି ମିନିଟ୍ ପରେ ହାର୍‌ମୋନିୟମ୍ ଧରି ହାଜର ହେଲା । ଶୁଭେନ୍ଦୁବାବୁ ଚଟାଣରେ ବିଛଣାଚାଦର ପକାଇଦେଲେ ଓ ସୁମିତା ମତେ ନେଇ ହାର୍‌ମୋନିୟମ୍ ପାଖରେ ବସାଇଦେଲା । କହିଲା, ନାନୀ, ଆପଣ ଏତେ ସୁନ୍ଦର ଗାଉଥିଲେ । ଗୀତ ସହିତ ସ-ର୍କ ନ ରଖିଲେ ବି ସାର୍‌ଙ୍କ ପାଖରୁ ଯେଉଁ ତାଲିମ୍ ପାଇଛନ୍ତି, ସେଇଟା କେବେ ଭୁଲିବାର ନୁହେଁ । ସାଇଣ୍ଟିଷ୍ଟ୍ ମାନେ ବି ତ ସେଇଆ କହନ୍ତି । ଦଶ, ବାର ବର୍ଷ ଭିତରେ ଯେଉଁ ବିଷୟଟିକୁ ପିଲା ଶିଖିଥାଏ, ତାହା ସଦା ସ୍ମୃତିରେ ଛାପି ହୋଇ ରହିଯାଏ । ତାପରେ ଏଠି ତ କେବଳ ଆମେ ଦୁଇଜଣ ଓ ଆପଣଙ୍କ ପରିବାର ଅଛନ୍ତି; ଆମମାନଙ୍କ ଆଗରେ ଏତେ କୁଣ୍ଠା କାହିଁକି ?

ସୁମିତାର ଅନୁରୋଧରେ କଣଥିଲା କେଜାଣି, ହଠାତ୍ ମୋର ଯେମିତି କିଛି ହୋଇଗଲା । ସା, ପା, ଗା ଇତ୍ୟାଦିକୁ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ପରଖୁ ପରଖୁ କେତେବେଳେ ଯେ ମୁଁ ସୁର ଧରିଛି ଲଳିତ ଲବଙ୍ଗଲତା ପରିଶୀଳନ, ବୁଝିପାରିନି । ମୁଁ ସେତେବେଳେ ପଚାଶ ବର୍ଷର ରତ୍ନପୁଷ୍ପ ଦେବୀ ପରିବର୍ତ୍ତେ ବାର-ତେର ବର୍ଷର ଗୁନୁ ପାଲଟି ଯାଇଥିଲି । ମତେ ଅନୁଭୂତ ହେଉଥିଲା ଯେମିତି ବାପା ମୋ ପାଖରେ ବସିଛନ୍ତି । ଜେଜେମା ଚାହା ପିଉପିଉ ମୁଣ୍ଡ ହଲେଇ ଗୁଣୁଗୁଣୁ ହୋଇ ଅସ୍ପଷ୍ଟ ସ୍ୱରରେ ମୋ ସହିତ ତାଳ ଦେଉଛି; ଆଉ ମୁଁ ବାପାଙ୍କୁ ପ୍ରଭାବିତ କରାଇବା ପାଇଁ ଗାଇଚାଲିଛି । ସମସ୍ତଙ୍କର କରତାଳି ବି ମୋର ଧ୍ୟାନଭଗ୍ନ କରିବାରେ ସକ୍ଷମ ହୋଇନଥିଲା ଯଦିଓ ସମସ୍ତଙ୍କର କରତାଳି ମୁଁ ଶୁଣିପାରୁଥିଲି ଓ ଦେଖିପାରୁଥିଲି । ପ୍ରାୟତଃ ତିନି-ଚାରିଟି ଗୀତଗୋବିନ୍ଦ ଗାଇସାରିବା ପରେ ହଠାତ୍ ପ୍ରକୃସ୍ଥିତ ହେଲି ମୁଁ ଯେତେବେଳେ ସୁମିତା ମୋ ସାମନାରେ ମାଇକ୍ରୋଫୋନ୍ ଆଣି ସେଟ୍ କରିଦେଇ ଗୀତ ରେକର୍ଡିଂ କରିବାକୁ ଚାହିଁଲା ।

ଆପଣ ତ ଜଣେ ବହୁତ ଉଚ୍ଚକୋଟିର ଗାୟିକା ।- ଶୁଭେନ୍ଦୁବାବୁ ମନ୍ତବ୍ୟ ଦେଲେ ।

ଧ୍ୟାନରୁ ପ୍ରକୃସ୍ଥିତ ହୋଇ ପରିବେଶ ପ୍ରତି ସଚେତନ ହେବାପରେ ପୁଣି ମତେ କୁଣ୍ଠା ଗ୍ରାସ କଲା । ସୁମିତା ବୋଧହୁଏ ବୁଝିପାରିଲା । ପାଖକୁ ଆସି ପୁଣି ହାତ ଧରି ଅନୁରୋଧ କଲା, ଆଇ ଆମ୍ ସୋ ସରି ନାନୀ । ମାଇକ୍ରୋଫୋନ୍ ଆଣି ଆପଣଙ୍କ ଧ୍ୟାନଭଗ୍ନ କଲି । ଆପଣଙ୍କୁ ଆଉ ମାତ୍ର ଦୁଇଟି ଗୀତ ଗାଇବାକୁ ଅନୁରୋଧ । ତାପରେ ଆମେ ଡିନର୍ ଖାଇବା ।

ଏ ତ ସୁମିତା ନୁହେଁ; ଠିକ୍ ମୋ ବାପା । ବାପା ସେମିତି କହୁଥିଲେ - ମାରେ ଆଉଥରେ କାଳିନ୍ଦୀ କୂଳକୁ ମୋର ଗାଇ ଦେ; ତାପରେ ଖାଇବା । ସୁମିତାର ଅନୁରୋଧରେ ପୁଣି ମୁଁ ଧ୍ୟାନମଗ୍ନ ହେଲି ଓ ଦୁଇଟି ଗୀତ ବଦଳରେ ଚାରିଟି ଗୀତ ଗାଇସାରିବା ପରେ ମୋର ପରିବେଶ ପ୍ରତି ସଚେତନତା ଆସିଲା । ସେଇ ମୁହୂର୍ତ୍ତରେ ମୁଁ ମୋ ନିଜ ଭିତରର ଲୁକ୍କାୟିତ ଚେତନାକୁ ଆବିଷ୍କାର କଲି - ଦୀର୍ଘ ବତିଶ ବର୍ଷର ବ୍ୟବଧାନ ତଥାପି ମୋ ଭିତରର ସଙ୍ଗୀତ ପ୍ରତିଭାକୁ ଅକ୍ଷୁଣ୍ଣ ରଖିଥିଲା ।

ସେଦିନ ସୁମିତା ମତେ ତା ହାର୍‌ମୋନିୟମ୍ ଦେଲା ଓ ସଙ୍ଗୀତ ସମ୍ବନ୍ଧରେ ସଂଗ୍ରହ କରିଥିବା କେତେଗୁଡ଼ିଏ ପୁସ୍ତକ ଦେଇ କହିଲା, ନାନୀ, ଆପଣ ତ ଏଠି ବୋର୍ ହେଉଥିବେ । ମୁଁ ସିନା ଏ ସବୁ କିଣିଥିଲି; ହେଲେ ପ୍ରାକ୍ଟିସ୍ କରିବାକୁ ସମୟ ବାହାର କରିପାରୁନି । ଆପଣ ଥିବାପର୍ଯ୍ୟନ୍ତ ବ୍ୟବହାର କରୁଥାଆନ୍ତୁ । ଶନିବାର, ରବିବାର ଦିନ ଯଦି ଆପଣ ବୁଲାବୁଲି କରିବାକୁ ନ ଯାଇ ଘରେ ରହୁଥିବେ, ମୁଁ ବି ଆପଣଙ୍କ ପାଖକୁ ଗୀତ ଶିଖିବାକୁ ଆସିବି ।

ସତରେ ତ ସୁମିତା ମୋ ମନକଥା ବୁଝିଥିଲା । ପୁପୁନାର ବାପା ବହି ଲେଖୁଥିଲେ ଆଉ ମୁଁ ଏକାକିନୀ ଅନୁଭବ କରୁଥିଲି । ଏବେ ମତେ ମିଳିଗଲା ମୋ ସାଧନାର ସୂତ୍ର । ବାସ୍, ସେଇଦିନରୁ ଚାଲିଲା ମୋର ସଙ୍ଗୀତ ସାଧନା । ପୁପୁନାର ବାପା ବି ତଟସ୍ଥ ହୋଇଯାଇଥିଲେ । ବତିଶ ବର୍ଷର ସଂପର୍କ ପରେ ସେ ଯେମିତି ନିଜର ସହଧର୍ମିଣୀକୁ ନୂଆକରି ଚିହ୍ନୁଥିଲେ । ମୁଁ ଗୀତ ଗାଉଥିଲି ବୋଲି ସେ ଜାଣିଥିଲେ ଓ ବେଳେବେଳେ ଗାଇବାକୁ ଯେ ଅନୁରୋଧ କରିନଥିଲେ ସେମିତି ନୁହେଁ । ମୁଁ ବି ତାଙ୍କ ଅନୁରୋଧରେ ଗୀତ ଗାଇଥିଲି; ହେଲେ ସେ ଗାଇବାରେ ସେମିତି କିଛି ନୂତନତା ନଥିଲା । ସେ ଅନୁରୋଧ ସେମିତି ପାଟିଭିତରୁ ବାହାରୁଥିଲା ଓ ସେଥିରେ ଚାପ ନଥିଲା । ସୁମିତା ଭଳି ହାର୍‌ମୋନିୟମ୍ ସାମନାରେ ରଖି, ମତେ ତା ପାଖରେ ବସାଇ, ସଙ୍ଗୀତ ଶୁଣିବାର ବିଶେଷ ଆଗ୍ରହ ନେଇ ସେ କେବେ ଅନୁରୋଧର ଚାପ ପକାଇ ନଥିଲେ । ପ୍ରକୃତରେ ଘର ଚଳାଇବାର ଏତେ ଚାପ ଥିଲା ଯେ, ହାର୍‌ମୋନିୟମ୍ କିଣିବାରେ ଅର୍ଥ ଖର୍ଚ୍ଚ କରିବାଟା ସେତେବେଳେ ତାଙ୍କ ପକ୍ଷେ ସମ୍ଭବ ନଥିଲା । ସେଦିନ ସୁମିତା ଘରେ ମୁଁ ଆଉ ଏକ ଆବିଷ୍କାର କରିଥିଲି ମୋ ସମ୍ବନ୍ଧରେ - ସ୍ନେହପୂର୍ଣ୍ଣ ଅନୁରୋଧର ଚାପ ମତେ କାର୍ଯ୍ୟପାଇଁ ଉତ୍ସାହିତ କରେ ଓ ଦୃଢ଼ମନା ହୋଇ କାର୍ଯ୍ୟର ସଫଳତା ପାଇଁ ମନପ୍ରାଣ ଢାଳିଦେବାକୁ ପ୍ରେରଣା ଯୋଗାଏ ।

ସୁମିତାର ହାର୍‌ମୋନିୟମ୍‌କୁ ବହୁଦିନର ହଜିଯାଇଥିବା ସ-ଦ ଭଳି ମୁଁ ଜାବୁଡ଼ି ଧରୁଥିଲି । ବାହାଘର ପରେ ସଂସାର

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଜଞ୍ଜାଳରେ ହାର୍‌ମୋନିୟମ୍ କଥା ଭାବିବାକୁ ବି ମୋର ଅବସର ନଥିଲା । ତିନିଟି ପିଲାଙ୍କର ଲାଳନପାଳନ ଦାୟିତ୍ୱସହିତ ଦିଅର, ନଣନ୍ଦ ମାନଙ୍କ ପାଠପଢ଼ା ଓ ବାହାଘରର ଦାୟିତ୍ୱ ବି ଥିଲା । ତା ସାଙ୍ଗକୁ କଟକର ସେ ଛୋଟ ଭଡ଼ାଘରଟିରେ ସବୁବେଳେ ଗାଁ ଲୋକଙ୍କ ଯାତାୟତ । କାହାର ମେଡିକାଲ୍ ଯିବା ଦରକାର, କାହାର ହାଇକୋର୍ଟରେ କେଶ୍ ଲାଗିଛି, କାହା ପିଲା ସ୍କଲାର୍‌ସିପ୍ ପରୀକ୍ଷା ଦେବାପାଇଁ ଆସୁଛି, ସମସ୍ତେ ସବୁବେଳେ ସେଇ ସାମୁ ବାବୁଙ୍କ ବସାରେ ହାଜର । ଏମିତିକି ସମ୍ବଲପୁର, ରାଉର୍‌କେଲା, କୋରାପୁଟ, ହାଇଦ୍ରାବାଦ, ବମ୍ବେ ଇତ୍ୟାଦି ଦୂର ସହରକୁ ଯାଉଥିବା ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କର ଆମ ଭଡ଼ାଘରଟିହିଁ ଥିଲା ଏକମାତ୍ର ଧର୍ମଶାଳା । ମୁଁ କେବେ ପ୍ରତିବାଦ କରିପାରିନି । ଲେକ୍‌ଚର୍‌ବାବୁ ବେଳେବେଳେ ଚିଡ଼ାନ୍ତି, ଏତେ ଭଲ ଖାଇବା ପିଇବାକୁ ଦେଇ ଚର୍ଚ୍ଚା ଯେ କରୁଛ, ସେଥିପାଇଁ ସମସ୍ତେ ଏଇଠି ହାଜର । ନହେଲେ ଆମ ଗାଁର ଚିକନ, ଶାମା, ବ୍ରଜ, ସମସ୍ତେ ତ ଅଛନ୍ତି । କେହି ସେମାନଙ୍କ ବସାକୁ ଯାଆନ୍ତିନି କାହିଁକି ? ମୁଁ ଏ ମନ୍ତବ୍ୟରେ ଆନନ୍ଦ ପାଏଁ । କିନ୍ତୁ ବେଳେବେଳେ ମନ ମୋର ଖୋଜେ ନୀରବତାକୁ; ଏକ ପ୍ରଶାନ୍ତମୟ ପରିବେଶ ଯେଉଁଠି କି ମୁଁ କେବଳ ହାର୍‌ମୋନିୟମ୍ ବଜାଇ ଗାଇଚାଲିଥାନ୍ତି ରାଗ ପରେ ରାଗ - ଶଙ୍କରାଭରଣ, କାମୋଦୀ, କଳାବତୀ, ରାମକେରୀ, ... ଆଉ ଛୁଟାଇ ଦିଅନ୍ତି ମୂର୍ଚ୍ଛନା ଶୃଙ୍ଗାର ରସର, ଭକ୍ତି ରସର, ଓ ପ୍ରେମ ରସର । କିନ୍ତୁ ସେ ଘରଭିତରେ କେବେ ନୀରବତା ମିଳେନି; କର୍ତ୍ତବ୍ୟର ଅନେକ ବନ୍ଧନ ଭିତରେ ବାନ୍ଧିହୋଇ ରହିଯାଏ ମୋର ସଙ୍ଗୀତପ୍ରେମୀ ମନ । ରେଡିଓରେ ଭୁବନେଶ୍ୱରୀ ମିଶ୍ରଙ୍କର ଗୀତ ଆସେ, ଶ୍ୟାମାମଣି ପଟ୍ଟନାୟକଙ୍କ ଗୀତ ଆସେ; ନୂଆକରି ଗୀତ ଗାଉଥିବା ସୁଧା ମିଶ୍ର ଓ ଇନ୍ଦ୍ରାଣୀ ମିଶ୍ରଙ୍କର ଗୀତ ବି ଆସେ । ମୋର ବି ଇଚ୍ଛାହୁଏ ମୋ କଣ୍ଠର ଗୀତ ରେଡିଓରେ ଶୁଣିବାକୁ । ହେଲେ, ବଣମାଳତୀର ଫୁଟି ଝଡ଼ିଯିବା ହିଁ ଭାଗ୍ୟରେ ଲେଖା । ପରିବେଶର ପ୍ରଭାବରେ ଏକାଗୁଣର ବ୍ୟକ୍ତିମାନଙ୍କ ଭିତରେ ବି ସାମାଜିକ ପଦବୀରେ ଅନେକ ଦୂରତା । ରେଡିଓର ଗୀତ ସହିତ ସୁର ମିଳେଇ ବେଳେବେଳେ ଗୀତ ଗାଉ ଗାଉ କେବେ କ୍ଷୀର ଉତୁରିଯାଏ, ହାତରୁ ଗ୍ଲାସ୍ ପଡ଼ି ଭାଙ୍ଗିଯାଏ ଓ କେବେ ପୁଣି ଭଜା ପୋଡ଼ିଯାଏ । ଲେକ୍‌ଚର୍‌ବାବୁ ଥଟ୍ଟା କରନ୍ତି - କଣ କେଉଁ ପୁରୁଣା ପ୍ରେମିକଙ୍କ କଥା ଭାବୁଥିଲ ନା କଣ? ମୁଁ ଉତ୍ତରରେ ହସିଦେଇ ଭାବେ, ସତରେ ସଂଗୀତ ମୋର ପ୍ରଥମ ପ୍ରେମ ନୁହେଁ କି?

ଥରେ ଘଟଣା ବଡ଼ ଗୁରୁତର ହୋଇଥିଲା । ସେତେବେଳେ ରେଡିଓରେ ଭୁବନେଶ୍ୱରୀ ମିଶ୍ରଙ୍କର ଗୀତ ଆସୁଥିଲା । ସେ ଗୀତର ତାଳରେ ଗାଉଗାଉ ଫୁଲ୍ ପ୍ରେସର୍ ଥିବା ପ୍ରେସର୍‌କୁକର୍‌କୁ ମୁଁ ଅନ୍ୟମନସ୍କ ହୋଇ ଖୋଲୁଥିଲି । ହଠାତ୍ କୁକର୍ ଭିତରୁ ଗରମ ଡାଲି ଭସ୍‌ଭସ୍ ହୋଇ ବାହାରି ମୋ ହାତ, ମୁହଁ, ବେକ ଓ ଛାତିରେ ଡାଳି ହୋଇଗଲା; ରକ୍ଷା, ଆଖି ଅକ୍ଷତ ରହିଥିଲା । ସେଇଦିନରୁ ମୋର ରେଡିଓ ଶୁଣିବା ବନ୍ଦହେଲା ଓ ଗୀତଗାଇବା ଅଭ୍ୟାସ ବି କମିଗଲା ।

ସୁମିତା ଯେ ମତେ କେବଳ ହାର୍‌ମୋନିୟମ୍ ଧରାଇଦେଲା, ତାହା ନୁହେଁ । ତିନି ସପ୍ତାହ ପରେ ହିନ୍ଦୁ ମନ୍ଦିରରେ ମୋ ଗୀତ ଗାଇବାର ବ୍ୟବସ୍ଥାକଲା । ତବଲା ସହିତ ପ୍ରାକ୍‌ଟିସ୍ କରାଇବାକୁ ସିଏ ମତେ ନେଇଯାଉଥିଲା ଦୀପକ୍ ମାଥୁରଙ୍କ ବସାକୁ । ହିନ୍ଦୁ ମନ୍ଦିରର ପ୍ରୋଗ୍ରାମ୍ ଏତେ ଭଲ ହେଲା ଯେ, ସେଇଠୁ ଆରମ୍ଭହେଲା ମୋ ସଂଗୀତକାରର ଜୀବନ । ନିଉୟୋର୍କ, ନିଉଜର୍ସୀ ଅଞ୍ଚଳରେ କେତେ ଯେ ଭାରତୀୟ ସଂସ୍ଥା, ତାର ହିସାବ ନାହିଁ । ସେସବୁ ସଂସ୍ଥାର ପ୍ରୋଗ୍ରାମ୍‌କୁ ସୁମିତା ମତେ ନେଇଯାଉଥିଲା । ସୁମିତାର ମତେ ଏମିତି ଭାବେ ଗୀତ ପ୍ରୋଗ୍ରାମ୍ ସହିତ ଜଡ଼ିତ କରାଇବାରେ ପୁପୁନା ବେଳେବେଳେ ବ୍ୟସ୍ତ ହେଉଥିଲା । ନାଏଗ୍ରା ଫଲ୍ ଯିବା ପ୍ରୋଗ୍ରାମ୍ କ୍ୟାନ୍‌ସଲ୍ କରାଗଲା; ଆଟ୍‌ଲାଣ୍ଟିକ୍ ସିଟି ଯିବା ପ୍ରୋଗ୍ରାମ୍ ବି ବନ୍ଦହେଲା । ଏମିତିକି ଚିକାଗୋରେ ରହୁଥିବା ମୋ ବଡ଼ ଝିଆରୀ ଘରକୁ ଯିବାର ପ୍ରୋଗ୍ରାମ୍ ବି ବନ୍ଦ ହେଲା । ମୁଁ ଯେମିତି ସଂଗୀତ ସହିତ ମଜ୍ଜିଯିବାକୁ ଚାହୁଁଥିଲି, ହଜିଯିବାକୁ ଚାହୁଁଥିଲି ଓ ସଂଗୀତ ସହିତ ବିଲୀନ ହୋଇଯିବାକୁ ଚାହୁଁଥିଲି । ଏତେ ବର୍ଷର ବିଚ୍ଛେଦ ମୋର ସଂଗୀତ ପ୍ରେମକୁ ଯେମିତି ସହସ୍ରଗୁଣିତ କରିଥିଲା । ପୁପୁନାର ବାପା ପୁପୁନାକୁ ଛିଗୁଲାଇ କହୁଥିଲେ - ବୁଝିଲୁ, ତୋ ବୋଉ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଏବେ ଷ୍ଟାର୍ ହୋଇଗଲାଣି । ସିଏ ତ ଏବେ ଆଉ ଖାଲି କୁନୁ ବୋଉ, ମାନି ବୋଉ କି ପୁପୁନା ବୋଉ ହୋଇ ରହିନି । ଷ୍ଟାର୍ ମାନଙ୍କର ନିଜ ପରିବାର ପ୍ରତି ସମୟ ନଥାଏ ।

ସୁମିତା ସହିତ ମୁଁ ଯେମିତି ଭାବେ ବେଶଭୂଷା ହୋଇ ପ୍ରାକ୍ଟିସ୍ କରିବାକୁ ବାହାରିଯାଉଥିଲି, ସେ ନେଇ ଲେକ୍‌ଚର୍‌ବାବୁ ମତେ ଉପହାସ କରନ୍ତି । ପ୍ରକୃତରେ ସୁମିତାର ଓ ମୋର ବେଶଭୂଷାରେ ଆକାଶ, ପାତାଳ ପ୍ରଭେଦ । ଯଦିଓ ବୟସରେ ସିଏ ମୋଠାରୁ ଜମା ସାତ-ଆଠ ବର୍ଷ ସାନ ହେବ, ତଥାପି ରହିଆସିଥିବା ପରିବେଶର ପ୍ରଭାବରେ ଆମମାନଙ୍କ ବାହାରର ସ୍ୱରୂପ ଅଲଗା ଦେଖାଯାଏ । ସୁମିତା ସାର୍ଟ୍, ପ୍ୟାଣ୍ଟ୍ ପିନ୍ଧେ, ଯଦିଓ ଭାରତୀୟ ସମାରୋହ ମାନଙ୍କୁ ସିଏ ଶାଢ଼ୀ ପିନ୍ଧି ଯାଏ । ବେଳେବେଳେ ସୁମିତା ଟି-ସାର୍ଟ୍ ଓ ଜିନ୍‌ସ୍ ପ୍ୟାଣ୍ଟ୍ ପିନ୍ଧେ । ତାର ଛୋଟ ଛୋଟ କଟା କେଶରେ ସିଏ ବେଳେବେଳେ ରଙ୍ଗ ଲଗାଏ ଓ ଓଠରେ ସବୁବେଳେ ଲିପ୍‌ଷ୍ଟିକ୍ ମାରେ । ମୁହଁରେ ବି ସେ ଲଗାଏ କେତେ କଣ । ମୁଁ ଶାଢ଼ୀ ପିନ୍ଧେ ଘୋଡ଼େଇ ହୋଇ; କେଶକୁ ସଜାଡ଼ି ଖୋସା କରେ ଓ କପାଳରେ ସିନ୍ଦୂର ଟିପା ଲଗାଏ । ସିନ୍ଦୂର ବଦଳରେ ଟିକିଲି ଲଗାଇବାକୁ ନିଜେ ପୁପୁନାର ବାପା ମତେ କହିଥିଲେ ହେଁ, ମୁଁ ସେ ଅଭ୍ୟାସଟା ବଦଳାଇ ପାରିନି । ସେଥିପାଇଁ ସିଏ ମତେ ଚିଡ଼ାନ୍ତି । ସୁମିତା ଓ ମୁଁ ସମବୟସୀ ହେଲେ ହେଁ ସୁମିତା ଯେ ମୋର ଝିଅ ଭଳି ଦିଶେ, ସେ ନେଇ ଆକ୍ଷେପ କରନ୍ତି । ହେଲେ ଯଦିଓ ବେଶଭୂଷାରେ ଆମର ଏତେ ତାରତମ୍ୟ, ମନଭିତରେ ଆମମାନଙ୍କର ବହୁତ ମେଳ ଥାଏ; ଭାବନା ବହୁ ସମୟରେ ଏକାଭଳି ଶବ୍ଦରୂପ ନିଏ । ବିଶେଷତଃ ସଙ୍ଗୀତକୁ ଆମେ ଏକାଭଳି ନିଷ୍ଠାର ସହିତ ଭଲପାଉ । ଏ ବି ଥିଲା ମୋର ଆଉ ଏକ ଆବିଷ୍କାର - ବାହାରକୁ ସଂପୂର୍ଣ୍ଣ ବିପରୀତ ଦିଶୁଥିବା ଦୁଇଟି ମଣିଷମାନଙ୍କ ମନଭିତରେ ସାଦୃଶ୍ୟର ଏ ବିଶେଷ ଉପଲବ୍ଧି ।

ଏମିତି ସାଢ଼େ ଚାରିମାସ କେମିତି ବିତିଗଲା, ମୁଁ ଜାଣିପାରିଲିନି । ପୁପୁନା କହିଲା, ବୋଉ, ଆଉ ଜମା ଦେଢ଼ମାସ ରହିଲା ତୋ ରିଟର୍ଣ୍ଣ୍ ଟିକେଟ୍ । ଏଥର ଆଉ ନାଏଗ୍ରା ଫଲ୍ ଯିବା ପ୍ରୋଗ୍ରାମ୍ ବନ୍ଦ କରିବୁନି । ଉମାନାନୀ ଘରକୁ କେବେ ଯିବୁ କହ, ମୁଁ ଟିକେଟ୍ କରିଦେବି । ସୁମିତା ବି ବୁଝିଲା, ଯଦିଓ ତା ମନରେ ବି ମୋ ଭଳି ସଂଗୀତ ନିଶା ଲାଗିଥିଲା । କହିଲା, ନାନୀ, ଆପଣ ଏବେ ବୁଲାବୁଲି କରନ୍ତୁ, ନହେଲେ ମତେ ଗାଳି ଦେବେ । କିନ୍ତୁ ଆଉ ଠିକ୍ ମାସକ ପରେ ଆମର ଭାରତୀୟ ଦୂତାବାସ ତରଫରୁ ଏକ ବଡ଼ ପ୍ରୋଗ୍ରାମ୍ ହେଉଛି । ଭାରତର ରାଷ୍ଟ୍ରପତି ଆସୁଛନ୍ତି । ଆପଣ ନିଶ୍ଚୟ ସେ ଦିନଟି ମୋ ପାଇଁ ରଖିବେ । ମୁଁ ଆପଣଙ୍କ ଗୀତଗୋବିନ୍ଦ ପରିବେଷଣ ପାଇଁ ଅଧଘଣ୍ଟାଏ ରଖିଛି

ଉମାଘରେ ସାତଟି ଦିନରୁ ଅଧିକ ରହିପାରିଲିନି । ପ୍ରକୃତରେ ମୁଁ ମୋର ସଙ୍ଗୀତ ଅଭ୍ୟାସଟିକୁ ଝୁରୁଥିଲି । ଉମାର ପିଲାମାନଙ୍କ ଗହଳରେ ଯଦିଓ ବହୁତ ଖୁସି ଅନୁଭବ କରୁଥିଲି ଓ ନୂଆ ଚିକାଗୋ ସହରଟିକୁ ସଂପୂର୍ଣ୍ଣରୂପେ ଆବିଷ୍କାର କରିବାକୁ ଇଚ୍ଛା ଥିଲା, କିନ୍ତୁ ସଂଗୀତ ସମାରୋହରେ ସଂଗୀତ ପରିବେଷଣ କରିବାର ଯେଉଁ ତୀବ୍ର ନିଶା ଲାଗିଥିଲା ମନରେ, ସେ ନିଶାର ଶକ୍ତି ଏ ସବୁ ଇଚ୍ଛାଠାରୁ ଅଧିକ ବଳଶାଳୀ ଥିଲା । ଉମା ଓ ଜୁଆଁଇ ଶଶିକାନ୍ତ ବହୁତ ମନଦୁଃଖ କଲେ । ନାତି, ନାତୁଣୀ ଦୁଇଟି ବି ମୁହଁ ଶୁଖାଇଲେ । ଚିକାଗୋରୁ ଫେରିବା ପରେ କ୍ରମାଗତ ଭାବେ ମୁଁ ପ୍ରୋଗ୍ରାମ୍ ପାଇଁ ଗୀତ ଅଭ୍ୟାସ କରିବାରେ ଲାଗିପଡ଼ିଲି । ଶେଷରେ ଆସିଥିଲା ଏଇ ପ୍ରତୀକ୍ଷିତ ଦିନଟି, ଗୀତଗୋବିନ୍ଦ ପରିବେଷଣ କରିଥିବାରୁ ଏକ ଧନ୍ୟବାଦର ଫଳକ ମୋତେ ପ୍ରଦାନ କରିଥିଲେ ସ୍ୱୟଂ ଭାରତର ରାଷ୍ଟ୍ରପତି ।

ପାଇନ୍ କାଠର ସେ ଫଳକଟିକୁ ଧରି ମୁଁ ମନେମନେ ଭାବୁଥିଲି - ସୁମିତାକୁ କଣ ଦେଇ ଋଣମୁକ୍ତ ହେବି? ପରମେଶ୍ୱରଙ୍କ ଆଶୀର୍ବାଦରୁ ତାର ପରିପୂର୍ଣ୍ଣ ସୁଖୀ ସଂସାର; ସୁନ୍ଦର ଓ ପ୍ରତିଷ୍ଠିତ ଡାକ୍ତର ସ୍ୱାମୀ, ଆମେରିକାର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନଶୀଳ ପ୍ରତିଭାବାନ ଦୁଇଟି ପୁଅଝିଅ, ଆଉ ନିଜେ ସୁମିତା, କମ୍ପ୍ୟୁଟର ଇଞ୍ଜିନିୟର୍ । ଧନ, ସମ୍ମାନ, ପାରିବାରିକ ସୁଖ ସବୁ ସୁମିତା ପାଖରେ । ମୋ ଭଳି

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

ଏକ ସାମାନ୍ୟ ନାରୀର ଅନ୍ତର୍ନିହିତ ପ୍ରତିଭାକୁ ଜାଗ୍ରତ କରାଇ ଏ ଯେଉଁ ଉଚ୍ଚ ସମ୍ମାନର ଅଧିକାରିଣୀ କରାଇପାରିଛି ସେ, ସେ ଋଣ ଏ ଜନ୍ମରେ ଶୁଝିପାରିବି ବୋଲି ମୋର ବିଶ୍ୱାସ ନଥିଲା । କିନ୍ତୁ କାହାର ଋଣୀ ହୋଇ ରହିବା ମୋ ପକ୍ଷରେ ଅସମ୍ଭବ ଥିଲା । ମୋର ଏ ସ୍ଥାଣୁଭାବକୁ ଦୂରକରାଇ ହଠାତ୍ ଡାହାଣପଟ ଗହଳି ଭିତରୁ ବାହାରି ଆସି ସୁମିତା ମତେ ଫୁଲଗୁଚ୍ଛଟିଏ ଦେଇ ମୋ ଗୀତର ପ୍ରଶଂସା କଲା ଓ ତାର ଅନୁରୋଧ ରକ୍ଷାକରି ଗୀତ ଗାଇଥିବାରୁ ମତେ ଧନ୍ୟବାଦ ଜଣାଇଲା ।

ଆମେ ତମର ଋଣୀ ହୋଇ ରହିଲୁ ସୁମିତା । କେମିତି ସେ ଋଣ ସୁଝିବେ, ସେଇ କଥା ଭାବି ତମ ରୁନୁ ନାନୀ ବ୍ୟସ୍ତ ହେଉଛନ୍ତି । - ପୁପୁନାର ବାପା ସୁମିତାକୁ ମୋ ମନର ଭାବ ଜଣାଇଦେଲେ ।

ରୁନୁ ନାନୀ ତ ମତେ ଋଣୀ କରିଦେଇଛନ୍ତି । ତାଙ୍କ ଭଳି ସ୍ନେହୀ, ସୁଗାୟିକା ଓ ସରଳ ମନର ନାରୀଙ୍କ ସଂସ୍ପର୍ଶରେ ଆସିବାର ସୌଭାଗ୍ୟ ଯେ ମୁଁ ପାଇଲି, ସେଇଟା ମୋର ଭାଗ୍ୟ ।- ତାଙ୍କୁ ଏତିକି କହି ସୁମିତା ମୋ ହାତ ଧରି ଆଣି ମତେ ପାଖ ଚେୟାରରେ ବସାଇଲା । ତାପରେ କଣ୍ଠ ପରିଷ୍କାର କରି ଅନୁରୋଧ କଲା, ନାନୀ, ଆପଣ ସେମିତି ଭାବିବେନି । ପ୍ରକୃତରେ ପ୍ରତିଭା ତ ଆପଣଙ୍କର ଥିଲା; ଆପଣ ପ୍ରକାଶ କଲେ । ମୁଁ ବା କଣଟା ବଡ଼ କାମ କଲି ? ଆପଣ ଯେ ମତେ ବଡ଼ଭଉଣୀର ସ୍ନେହର ଅର୍ଥ ବୁଝାଇ ଦେଇଗଲେ, ସେଥିପାଇଁ ମୁଁ ଆପଣଙ୍କ ପାଖରେ ଋଣୀ । ଜୀବନରେ ବହୁସମୟରେ କଳୁଷିତ ମନର ମଣିଷ ମାନଙ୍କ ସଂପର୍କରେ ଆସି ମୋର ମନଟି କ୍ଷୁଣ୍ଣ ରହିଥିଲା । ହେଲେ ଆପଣଙ୍କ ସଂସ୍ପର୍ଶରେ ଆସି ମନରେ ପୂର୍ଣ୍ଣତା ଭରିଯାଇଛି ଓ ପୁଣି ମଣିଷମାନଙ୍କୁ ଭଲପାଇବାକୁ ଇଚ୍ଛା ହେଉଛି । ଆପଣ ମତେ ଆଶୀର୍ବାଦ କରନ୍ତୁ ଯେମିତି କି ମୁଁ ସର୍ବଦା ଆପଣଙ୍କ ଭଳି ସ୍ନେହୀ ଓ ସୁନ୍ଦର ଆତ୍ମାର ମଣିଷମାନଙ୍କ ସଂସ୍ପର୍ଶରେ ଆସେ ।

କିନ୍ତୁ ସୁମିତା, ହାର୍‌ମୋନିୟମ୍ ବ୍ୟବହୃତ ନହେଲେ ଯେମିତି ମୂଲ୍ୟହୀନ, ପ୍ରତିଭା ଅପ୍ରକାଶିତ ରହିଲେ ସେମିତି ମୂଲ୍ୟହୀନ । ତମେ ଯେ ମୂଲ୍ୟହୀନ ପଦାର୍ଥଟିକୁ ମୂଲ୍ୟବାନ କରାଇଛ, ପ୍ରେରଣାର ପାଣି ଦେଇ ଶୁଖିଲା ଗଛଟିକୁ ପଲ୍ଲବିତ କରି ସେଥିରେ ଫୁଲ ଫୁଟାଇ ପାରିଛ, ସେଥିପାଇଁ ସତରେ ତମପାଖରେ ମୁଁ ଋଣୀ । ହେଲେ ଏ ଗରୀବ ନାନୀ କଣ ବା ଦେଇପାରିବ ତମକୁ?- ମୁଁ ମୋ ଅନ୍ତରର ଭାଷା ପ୍ରକାଶ କରି ବୋଝ ହାଲୁକା କଲି ।

ତାହେଲେ ନାନୀ, ମତେ ନିଶ୍ଚୟ ଭଲ ଉପହାରଟିଏ ଦେବେ । ମୁଁ ଯାହା ମାଗିବି ଦେବେ ତ ? ପ୍ରତିଜ୍ଞା କରନ୍ତୁ ।

ମୁଁ ଟିକେ ଡରିଗଲି । ଏଠି ବହୁତ ଓଡ଼ିଆ ପରିବାର ସେମାନଙ୍କ ଝିଅ, ନହେଲେ ବନ୍ଧୁବାନ୍ଧବମାନଙ୍କ ଝିଅର ପ୍ରସ୍ତାବ ପୁପୁନା ସହିତ ପକାଉଥିଲେ । ସୁମିତା ସେମିତି କିଛି ମାଗିବନି ତ? ମୁଁ ହ କି ନାଁ କହିବା ପୂର୍ବରୁ ସୁମିତା ତା ଉପହାରଟି ମାଗିସାରିଥିଲା - ନାନୀ, ଆପଣ ମୋ ପାଇଁ ଆପଣଙ୍କ ଗୀତ ଗାଇବା ଅଭ୍ୟାସଟି ରଖିବେ । ମୁଁ ମୋ ବଡ଼ଭାଇଙ୍କୁ ଖବର ଦେଇଥିଲି, ସିଏ ଆପଣଙ୍କ ପାଇଁ ହାର୍‌ମୋନିୟମ୍ କିଣିକରି ରଖିଛନ୍ତି । ଆପଣ କଟକ ଫେରିଲାପରେ ସିଏ ହାର୍‌ମୋନିୟମ୍ ଆଣି ଆପଣଙ୍କ ଘରେ ଦେଇଯିବେ । ବାସ୍ତବରେ ଆପଣଙ୍କ ପୁଅ ସେଥିପାଇଁ ମତେ ଡଲାର୍ ଦେଇଛି । ଆପଣ ପୁଣି ଯେବେ ଆମେରିକା ଆସିବେ, ସେତେବେଳେ ଆପଣଙ୍କ ପାଇଁ ଗୋଟିଏ ବଡ଼ ପ୍ରୋଗ୍ରାମ୍ କରିବି ବୋଲି ଭାବିଛି । ଏବେ କୁହନ୍ତୁ, ଏ ଉପହାରଟି ମତେ ଦେବେ କି ନାହିଁ?

ସୁମିତା ଭଳି ଏତେ ସୁନ୍ଦର ମଣିଷଟିକୁ ଆବିଷ୍କାର କରିଥିବାର ସୁଖ ମୋ ଆଖିର ମମତାଶ୍ରୁ ହୋଇ ପ୍ରକାଶିତ ହେଲା ଓ ମୋ ହାତଭିତରେ ଥିବା ସୁମିତାର ହାତକୁ ଆଶୀର୍ବାଦର ସ୍ପର୍ଶ ଦେଲା ।

ଏହି କାହାଣୀଟିକୁ ନିଜେ ଲେଖକ କଂପ୍ୟୁଟରରେ ଟାଇପ୍ କରି ପଠାଇଥିଲେ, ତେଣୁ ଏହାକୁ ସଂପାଦନା କରିବା ସମ୍ଭବ ହେଲା ନାହିଁ। ଯଦି ଆପଣ କଂପ୍ୟୁଟର ରଖିଥାନ୍ତି, ଆଉ ଚାହୁଁଥାନ୍ତି ସେଥିରେ ଓଡିଆରେ କିପରି ଟାଇପ୍ କରିବେ, ତା' ହେଲେ ଆମ ସହିତ ଯୋଗାଯୋଗ କରନ୍ତୁ ।

ଅସୀମ ଆଶା ଓ
ଅଣାୟତ ଉନ୍ମାଦନାର ଆହ୍ୱାନ

# ଛୁଟିବେଳେ ସିନେମା, ପଢାବେଳେ ପାଠ: ଅଦ୍ୟାଶା

ଅଦ୍ୟାଶା ମହାପାତ୍ର। ଓଡିଆ ସିନେମାର ଏକ ଉଜ୍ଜଳ ତାରକା। 'ଅ ଆକାରେ ଆ' ଏବଂ 'ପୂଜା ପାଇଁ ଫୁଲଟିଏ' ସିନେମାରେ କେନ୍ଦ୍ରୀୟ ଭୂମିକାରେ ଅଭିନୟ କରିଛନ୍ତି ସେ। ଅ ଆକାରେ ଆ ସିନେମାରେ ସେ ହୋଇଛନ୍ତି ମିନି। ମିନି ସମକାଳୀନ ଶିକ୍ଷା ବ୍ୟବସ୍ଥାରେ ରୁଦ୍ଧି ହୋଇଯାଏ। ପୂଜାପାଇଁ ଫୁଲଟିଏ ରେ ସେ ପୂଜା।, ବାନ୍ଧବୀ ମିକି ପାଇଁ



ସବୁ ଭଲ ପାଇବା ଦିଏ, ଶେଷରେ ନିଜ ଆଖି ବି ଦେଇଯାଏ ଆଉ ମରିଯାଏ। ଏତେ ନିଛକ ଆଉ ସରଳ ଭାବରେ ସେ କେମିତି ଅଭିନୟ କରନ୍ତି? ଦେଖିବା ଲୋକ ଆଶ୍ଚର୍ଯ୍ୟ ହେବା ସୁନିଶ୍ଚିତ। ପୁଣି ପାଠ ପଢନ୍ତି ନବମ ଶ୍ରେଣୀରେ। ଦୁଇଟି ଗୁରୁ ଦାୟିତ୍ୱ ଭିତରେ କେମିତି ସମୟ ବାଣ୍ଟନ୍ତି ଓ ସମନ୍ୱୟ ରକ୍ଷା କରନ୍ତି ସେ ସଂକ୍ରାନ୍ତରେ ତାଙ୍କ ମୁହଁରୁ-

**ଆପଣ ବିଜେବି ଇଂଲିଶ ମିଡିୟମ ସ୍କୁଲ୍‌ରେ ନବମ ଶ୍ରେଣୀରେ ପଢନ୍ତି। ଭଲ ପଢନ୍ତି ମଧ୍ୟ। ଅଭିନୟ ପାଇଁ ପାଠ ପଢାରୁ ସମୟ କେତେବେଳେ ବାହାର କରନ୍ତି?**

ମୁଁ ଯେତେବେଳେ ସିରିୟଲ୍‌ରେ କାମ କରୁଥିଲି, ଯେମିତି ପଣତକାନି, ମାଉସୀ, ପ୍ରତିଧ୍ୱନି, ସେତେବେଳେ ଛୋଟ ଛୋଟ ଭୂମିକା ଥିବା ଯୋଗୁ ବେଶି ଅସୁବିଧା ହୋଇ ନଥିଲା। ପାଠ ପଢା ବିଶେଷ କ୍ଷତି ହେଉନଥିଲା। ପାଠ ସହିତ ଅଭିନୟ ପାଇଁ ସମୟ ମିଳି ଯାଉଥିଲା।

**ଏବେ ସିନେମାରେ ଅଭିନୟ ପାଇଁ ସୁଟିଂ ସେଟ୍‌କୁ ଯିବାକୁ ପଡୁଥିବ। ସେଥିପାଇଁ ଅଧିକ ସମୟ ଦରକାର। ପାଠପଢା ଆଉ ହୋମ୍‌ୱାର୍କ କେମିତି କରନ୍ତି?**

ହଁ, ମୁଁ ସିନେମାରେ ଅଭିନୟ କଲାବେଳେ ପ୍ରଥମେ ଅନୁରୋଧ କରିଥିଲି ସ୍କୁଲ୍ ଛୁଟି ସମୟରେ ସୁଟିଂ ରଖିବା ପାଇଁ। ପ୍ରଯୋଜକ ନିର୍ଦ୍ଦେଶକ ସୁବାସ ଦାସ ମୋ ଅନୁରୋଧ ରକ୍ଷା କରିଥିଲେ ଆଉ କେବଳ ଖରା ଛୁଟିରେ ହିଁ ସୁଟିଂ କରିଥିଲେ। ସେତେବେଳେ ଅ ଆକାରେ ଆ ସୁଟିଂ କରୁଥିଲି। କିନ୍ତୁ ପରେ ପୂଜାପାଇଁ ଫୁଲଟିଏ ର ସୁଟିଂର ଅଧା ସ୍କୁଲ୍ ଖୋଲିବା ପର୍ଯ୍ୟନ୍ତ ବାକି ଥିଲା ତେଣୁ ମୋର ପାଠ ପଢା ସାମାନ୍ୟ ଅସୁବିଧା ହୋଇଥିଲା। ସ୍କୁଲ୍ ଛାଡି ସୁଟିଂରେ ଭାଗ ନେବାକୁ ପଡିଲା।

**ସୁଟିଂ ସମୟ ଭିତରେ ସ୍କୁଲ୍ ପାଠପଢା ବେଶ୍ ଆଗେଇ ଯାଇଥିବ? କେମିତି କଣ କଲ?**

ହଁ ପ୍ରଥମେ ପ୍ରଥମେ ପାଠପଢା ଆଗେଇ ଯାଇଥିଲା, ତେଣୁ ମୋତେ ଅସୁବିଧା ହେଲା କିନ୍ତୁ ମୋ ସ୍କୁଲ୍‌ର ଶିକ୍ଷକମାନଙ୍କ ସହାୟତାରେ ମୁଁ ଶୀଘ୍ର ମୋ ପାଠ୍ୟକ୍ରମ କୁ ସଜାଡିବାରେ ସଫଳ



ହୋଇଥିଲି। ସେ ଦିନରୁ ମୁଁ ଠିକ୍ କଲି ଯେ ଛୁଟି ବେଳେ ସିନେମା ଆଉ ଅଭିନୟରେ ଭାଗ ନେବି ଆଉ ପାଠପଢା ବେଳେ କେବଳ ପାଠ ହିଁ ପାଠ।

## ଆରାଧନା- ଚାରି ଶ୍ରେଣୀୟ ପୂଜକଙ୍କର

ପରମହଂସ ରାମକୃଷ୍ଣ ସେଦିନ କଥା ପ୍ରସଂଗରେ ଆଧ୍ୟାତ୍ମିକ ମାର୍ଗର ତିନି ଶ୍ରେଣୀୟ ପୂଜକଙ୍କର ଆରାଧନାର ବିଭିନ୍ନତା ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ସୂଚନା ଦେଇଥିଲେ। ପରମହଂସ ଉପସ୍ଥାପନା କରିଥିଲେ ଯେ ଆମ୍ଭେମାନେ ଆମ୍ଭମାନଙ୍କର ଅନ୍ତରର ଅଭିଜ୍ଞତା ସ୍ତର ଅନୁସରଣ କରି ଦିବ୍ୟଶକ୍ତିଙ୍କ ଆରାଧନା କରିଥାଉ। ଏ ଦିଗରେ ଆମ ଅନ୍ତରର ଭାବ ଯେତିକି କାମ ଦେଇଥାଏ, ବାହ୍ୟିକ ଶାସ୍ତ୍ରଜ୍ଞାନ ଓ ଧର୍ମତତ୍ତ୍ୱ ବା ଧର୍ମର ବିଶଦ ବ୍ୟାଖ୍ୟା ସେତେ କାମ ଦେଇ ନଥାଏ। କଥାଟିକୁ ଭଲ ଭାବେ ବୁଝାଇବାକୁ ଯାଇ ପରମହଂସ କହିଲେ ଯେ ଚିନ୍ମୟୀ ମା'ଙ୍କର ହିଂସ୍ର ତଥା ଅମାର୍ଜିତ ତାମସିକ ଭକ୍ତର ଦୃଢ ହୃଦ୍‌ବୋଧ ହୋଇଥାଏ ଯେ ମା' କାଳୀଙ୍କୁ ପଶୁବଳି ଆନନ୍ଦ ଦେଇଥାଏ। ଅପରପକ୍ଷରେ ଉତ୍କୋଚ ବା ଲାଞ୍ଚରେ ବିଶ୍ୱାସ କରୁଥିବା ରାଜସିକ ଭକ୍ତ ସୁନ୍ଦର ସୁସଜ୍ଜିତା ମା'ଙ୍କ ମୂର୍ତ୍ତି ଆଗରେ ସୁସ୍ୱାଦୁ ଖାଦ୍ୟ ପଦାର୍ଥ ଥୋଇଦେଇ ମା'ଙ୍କର କୃପା ପ୍ରାର୍ଥୀ ହୋଇଥାଏ। କିନ୍ତୁ ମା'ଙ୍କର ପ୍ରକୃତ ପ୍ରିୟ ସାତ୍ତ୍ୱିକ ଭକ୍ତ ବାହ୍ୟ ଦେଖାଣିଆ ପୂଜାର୍ଚ୍ଚନାରେ ଆଦୌ ବିଶ୍ୱାସ କରିନଥାଏ ଏବଂ ସେ ପ୍ରକାର ପୂଜାର୍ଚ୍ଚନାରୁ ନିଜକୁ ସର୍ବଦା ଦୂରେଇ ରଖିଥାଏ। ପରମାତ୍ମାଙ୍କ ସହିତ ସଂପର୍କ ତାକୁ ଯେଉଁ ଦିବ୍ୟାନନ୍ଦ ପ୍ରଦାନ କରିଥାଏ ତାହା ତା' ଅନ୍ତରରେ ଉଦ୍‌ଭାସିତ ହୋଇଉଠେ। ଏହି ଭାଗ୍ୟବାନ ବ୍ୟକ୍ତି ଜଗତ୍‌ଜନନୀଙ୍କୁ କେତୋଟି ବୁନ୍ଦା ଗଙ୍ଗା ଜଳ ବା ବେଲ ଗଛରୁ ତୋଳି ଆଣିଥିବା କେତୋଟି ପବିତ୍ର ସବୁଜ ପତ୍ର ସମର୍ପଣ କରିଥାଏ। ତା'ପାଇଁ ଫୁଲ ଓ ଦୀପର ଆବଶ୍ୟକତା ନଥାଏ।

ପରମହଂସ କଥାଟିକୁ ଗଡେଇ ଚାଲିଲେ, ସାତ୍ତ୍ୱିକ ପୂଜକର ପୂଜାର୍ଚ୍ଚନାକୁ କେହି ମଧ୍ୟ ଲକ୍ଷ୍ୟ କରି ପାରନ୍ତି ନାହିଁ। କେବେ କେମିତି ସେ ଥାଳିଆରେ ଚୁଡାଭଜା ଗଣ୍ଡିଏ ମା' ଆଗରେ ଅନୌପଚାରିକ ଭାବେ ଥୋଇଦେଇ ପାରେ ବା କେବେ କେମିତି ପୂଣ୍ୟ ଦିନରେ ବା ବିଶେଷ ପର୍ବପର୍ବାଣିରେ ମା'ଙ୍କ ଉଦ୍ଦେଶ୍ୟରେ କ୍ଷୀରିଟିକେ ପ୍ରସ୍ତୁତ କରି ତାଙ୍କୁ ଭକ୍ତିପୂତ ହୃଦୟରେ ସମର୍ପଣ କରିଥାଏ। ଏ ପ୍ରକାର ତାମସିକ, ରାଜସିକ ଓ ସାତ୍ତ୍ୱିକ ତିନିଶ୍ରେଣୀୟ ଭକ୍ତଙ୍କ ଠାରୁ ଆଗେଇ ଯାଇଥାଏ, ଚତୁର୍ଥ ଶ୍ରେଣୀୟ ମା'ଙ୍କ ଭକ୍ତ। ସେ କିଛି ନ କରି ବ୍ୟାକୁଳ ହୃଦୟରେ ଅନ୍ତରର ଭକ୍ତି ନିବେଦନ କରି ପିଲାଙ୍କ ଭଳି ମା' ମା' ମା' ଡାକି ଡାକି ନାଚୁଥାଏ, କାନ୍ଦୁଥାଏ ଓ ହସି ହସି ଗଡିଯାଉଥାଏ। ଆନନ୍ଦ ଉନ୍ମାଦନାରେ ଭାବ ବିହ୍ୱଳ ହୋଇପଡି ନା କିଛି ଔପଚାରିକତା ରକ୍ଷା କରିଥାଏ ନା କିଛି ନୈବେଦ୍ୟ ଅର୍ପଣ କରିଥାଏ, ନା କିଛି ଶାସ୍ତ୍ରରୁ ଉଦ୍ଧାର କରିଥାଏ ନା କିଛି ମନ୍ତ୍ର ଉଚ୍ଚାରଣ କରିଥାଏ। ଏହାର କାରଣ ସେ ମା'ଙ୍କୁ ନିଜଠୁ ଅଲଗା ବୋଲି ଭାବେନି। ମା' ଭିତରେ ନିଜକୁ ଓ ନିଜ ଭିତରେ ମା'କୁ ସେ ମର୍ମେ ମର୍ମେ ଅନୁଭବ କରି ମା' ପ୍ରେମରେ କେବଳ ପାଗଳ ହୋଇ ଉଠିଥାଏ।

## ଯୋଜନା 'ବେଲ' ଓ ଆମେ

### ଅମ୍ବିକା ଦାଶ

କେଇଦିନ ତଳେ ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ଡ ଦାମୋଦର ରାଉତଙ୍କର ଲେଖାଟିଏ ପ୍ରକାଶିତ ହୋଇଥିଲା ସମ୍ବାଦ ଖବର କାଗଜରେ। ପ୍ରବନ୍ଧର ଶୀର୍ଷକ ଥିଲା 'ଯୋଜନାର ବେଲ ଗଛ ଓ କାକଶାବକ'। ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ/ ଯୋଜନା ସବୁ ଗ୍ରାମାଞ୍ଚଳରେ ଠିକ୍ ଭାବରେ ନ ପହଞ୍ଚି ପାରୁଥିବା ସଂପର୍କରେ ଉଲ୍ଲେଖ କରିବା ସହ ସେ ଏହାର କେତୋଟି କାରଣ ମଧ୍ୟ ଉପସ୍ଥାପନ କରିଥିଲେ। ଲୋକଙ୍କ ପାଖରେ ଯୋଜନା

ଯେତେବେଳେ ନ ପହଞ୍ଚେ ଏହା କାକଶାବକ ମାନଙ୍କ ପାଇଁ ପାଚିଲା ବେଲ ଭଳି ହୋଇଯାଇଥାଏ। - ଏହା ଥିଲା ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ମନ୍ତବ୍ୟ।

ନିକଟରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍‌ରେ ଘଟିଯାଇଛି ଏକ ଦୁଃଖଦ ଘଟଣା। ଗୋଠିଆଳି ଗ୍ରାମର ଏସ୍ ଗୋବିନ୍ଦ ଦୋରା ନାମକ ଜଣେ ବୃଦ୍ଧ ବ୍ୟକ୍ତି ବ୍ଲକ୍ କାର୍ଯ୍ୟାଳୟରେ ଗୁରୁତର ଭାବେ ଅସୁସ୍ଥ ହୋଇପଡିବା ଓ କିଛି ସମୟ ମଧ୍ୟରେ ମୃତ୍ୟୁବରଣ କରିବା ହିଁ ଏହି ଦୁଃଖଦ ଘଟଣା। ସେ ବ୍ଲକ୍ କାର୍ଯ୍ୟାଳୟକୁ ଆସିଥିଲେ ବିଡିଓଙ୍କୁ ଦେଖା କରିବାପାଇଁ। ଦେଖା କରିବା ମୂଳରେ ତାଙ୍କର ଉଦ୍ଦେଶ୍ୟ ଥିଲା ନିଜପାଇଁ ଇନ୍ଦିରା ଆବାସଟିଏ ମଞ୍ଜୁର କରାଇବା। ସେ ଦିନ ସେ ଏହି ଆବେଦନ ଧରି ପ୍ରଥମ ଥର ଆସିନଥିଲେ। ପୂର୍ବରୁ ମଧ୍ୟ ସେ କେତେଥର ଏହି କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିଯାଇଛନ୍ତି। ସେ ଦିନ ବିଧିର ବିଧାନ ଅଲଗା ପ୍ରକାର ଥିଲା। ବିଡିଓଙ୍କ ଠାରୁ ଇନ୍ଦିରା ଆବାସ ସଂପର୍କିତ ନକାରାତ୍ମକ କଥା ଶୁଣିବା ପରେ ସେ ଫେରୁଥିଲେ, ତେବେ ହଠାତ୍ ଅସୁସ୍ଥ ହୋଇ ଟଳି ପଡିଥିଲେ। ଡାକ୍ତରଖାନା ନେବା ବାଟରେ ପ୍ରାଣବାୟୁ ଉଡିଯାଇଥିଲା ତାଙ୍କର।

ଘଟଣାଟି ଘଟିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀରେ। ଗଣମାଧ୍ୟମରେ ଏହି ଖବର ବେଶ୍ ଚର୍ଚ୍ଚିତ ହୋଇଥିଲା। ପ୍ରଶାସନ ବି ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ ଓ ତତ୍କାଳ ଛାନ୍‌ଭିନ୍ ଆରମ୍ଭ କରିଦେଇଛନ୍ତି। ଗଣମାଧ୍ୟମକୁ ଜିଲ୍ଲାପାଳ କହିଛନ୍ତି ଯେ, ଗୋବିନ୍ଦଙ୍କ ପତ୍ନୀ ଏସ୍ ଆମ୍ମା ଦୋରାଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇଛି। ଗୋବିନ୍ଦଙ୍କ ପରିବାର ୨୦୦୪ ମସିହାରୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ୍ ହୋଇଥିବାରୁ ମାସକୁ ୩୫କିଲୋ ଲେଖାଏଁ ଚାଉଳ ମିଳୁଛି। ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଆମ୍ମା ଦୋରା ଲଙ୍କା ଚାଷ ପାଇଁ ୪ ହଜାର ଟଙ୍କା ଋଣ ନେଇଛନ୍ତି। ଗୋବିନ୍ଦଙ୍କ ପରିବାର ବିପିଏଲ୍ ତାଲିକାଭୂକ୍ତ ହୋଇଥିଲେ ମଧ୍ୟ ଇନ୍ଦିରା ଆବାସ ପାଇଁ ଯେଉଁ ପଦ୍ଧତିରେ ସେ ଆବେଦନ କରିବା କଥା କରିନଥିଲେ, ତେଣୁ ତାଙ୍କ ନାମ ତାଲିକାଭୂକ୍ତ ହୋଇ ପାରିନଥିଲା ବୋଲି ଜିଲ୍ଲାପାଳ ସଂଜୟ ସିଂହ ପ୍ରକାଶ କରିଥିଲେ।

ଇନ୍ଦିରା ଆବାସ ତାଲିକାଭୂକ୍ତ ହେବାକୁ ଆବେଦନ କରିବା ପଦ୍ଧତିଟି କ'ଣ? ଏଥିରେ ପ୍ରଶାସନର ଭୂମିକା କେତେ ଓ ଲୋକପ୍ରତିନିଧିଙ୍କ ଭୂମିକା କେତେ ତାହା ଦେଖିବା କଥା। ଇନ୍ଦିରା ଆବାସ ଆଶାୟୀ ବ୍ୟକ୍ତିଙ୍କୁ ପ୍ରଥମେ ଆବେଦନ କରିବାକୁ ପଡେ ସରପଞ୍ଚଙ୍କ ଜରିଆରେ। ସରପଞ୍ଚ ପ୍ରସ୍ତୁତ କରନ୍ତି ତାଲିକା, ତାହା ଅନୁମୋଦନ ହୁଏ ଗ୍ରାମସଭାରେ। ଗ୍ରାମସଭାର ଅନୁମୋଦନ ପରେ ତାଲିକା ପହଞ୍ଚେ

ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ପାଖରେ। ଗୋବିନ୍ଦ ଯଦିଓ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ଇନ୍ଦିରା ଆବାସ ପାଇବାକୁ ହକ୍‌ଦାର ଥିଲେ, ତେବେ ତାଙ୍କ ନାମ ତାଲିକାଭୂକ୍ତ ହୋଇପାରି ନଥିଲା କେମିତି? ଆବେଦନ କରିବା ସମୟରେ ଗୋବିନ୍ଦ ସଂପର୍କରେ ହୁଏତ ଅଜ୍ଞ ଥିବେ ବା ସେ ଗ୍ରାମରେ ଅନୁପସ୍ଥିତ ଥିବେ। କିନ୍ତୁ ସେହି ସମୟରେ ଯଦି କେହି ସହୃଦୟ ଗ୍ରାମବାସୀ ତାଙ୍କ ସଂପର୍କରେ ଚିନ୍ତା କରିଥାନ୍ତେ ବା ତାଙ୍କ ନାମଟିକୁ ସୁପାରିଶ କରିଦେଇଥାଆନ୍ତେ, ତେବେ ବୋଧହୁଏ ଗୋବିନ୍ଦ ତାଲିକାଭୂକ୍ତ ହୋଇପାରି ଥାଆନ୍ତେ। ପ୍ରଶାସନିକ ଧରାବନ୍ଧା ନିୟମ ସଂପର୍କରେ ଅଜ୍ଞ ଗୋବିନ୍ଦ ବାରମ୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରିବା ବା ଶେଷରେ ହତାଶ ହୋଇ ପଡି ବ୍ଲକ୍ କାର୍ଯ୍ୟାଳୟରେ ଟଳି ପଡିବା ଭଳି ଅଘଟଣ ଘଟି ନଥା'ନ୍ତା।

କେନ୍ଦ୍ର ହେଉ ବା ରାଜ୍ୟ, ସରକାରଙ୍କ ସବୁ ଯୋଜନା ଜନତାର ହିତ ପାଇଁ ଉଦ୍ଦିଷ୍ଟ। ତେବେ ଯୋଜନାଟି କାର୍ଯ୍ୟକାରୀ ହୋଇପାରିଲେ ହିଁ ହିତକର ହୋଇଥାଏ। ଯୋଜନାର ବିଫଳତା ପାଇଁ ସରକାର ଓ ପ୍ରଶାସନ ସାଙ୍ଗକୁ ଆମେ, ସାଧାରଣ ଜନତା ମଧ୍ୟ କେତେକାଂଶରେ ଦାୟୀ। ଆମେ ସଚେତନ ନ ହେଲେ, ଆମର ଅନ୍ୟଜଣଙ୍କ ପ୍ରତି ସଦିଚ୍ଛା, ସହାଣୁଭୂତି ନ ରହିଲେ କେବଳ ଯୋଜନା କୌଣସି କାମରେ ଲାଗିବ ନାହିଁ। ଯୋଜନା ଥିବା, ଲୋକ ବି ଥିବେ। ତେବେ ଲୋକଙ୍କ ପାଇଁ ଯୋଜନାଟି କୁଆ ପାଇଁ ପାଚିଲା ବେଲ ଭଳି ହୋଇଯିବ। ଅଳମତି

ବିସ୍ତରେଣ।

# ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା ଶିବିର

ଗତ ନଭେମ୍ବର ମାସର ତୃତୀୟ ସପ୍ତାହର ମଧ୍ୟଭାଗରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଭାଟକୁମରଡା ପଞ୍ଚାୟତ ସମିତି ଅନ୍ତର୍ଭୂକ୍ତ ଷୋଳଘର ଗ୍ରାମ ପଞ୍ଚାୟତର ଦୁଇଗୋଟି ମୁଖ୍ୟ ଗ୍ରାମ ଷୋଳଘର ଓ ହିଣ୍ଡୁଳାରେ ଅନୁଷ୍ଠିତ ହୋଇଥିଲା ଏକ ଦିବସୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା ଶିବିର। ଏଥିରେ ଭାଗ ନେଇଥିଲେ ବ୍ରହ୍ମପୁରସ୍ଥିତ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସ କଲେଜର ଷାଠିଏରୁ ଅଧିକ ଛାତ୍ର ଛାତ୍ରୀ ଓ ଅଧ୍ୟାପକ। ଏହି କାର୍ଯ୍ୟକ୍ରମ ଥିଲା ଅନୁଷ୍ଠାନର ଇତିହାସରେ ପ୍ରଥମ। ପ୍ରତିବର୍ଷ ନଭେମ୍ବର ମାସର ତୃତୀୟ ସପ୍ତାହକୁ ରାଷ୍ଟ୍ରୀୟ ଫାର୍ମାସୀ ସପ୍ତାହ ରୂପେ ପାଳନ କରାଯାଉଥିବା ସମୟରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲୁ ଆମେ। ଅନେକ ବାକ୍‌ବିତଣ୍ଡା ପରେ ଏହି କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ନ୍ୟସ୍ତ





କରାଯାଇଥିଲା ମୋରି ଉପରେ। ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ରୂପରେଖ ଦେବାର ସ୍ୱାୟତ୍ତତା ମୋତେ ଦିଆଯାଇଥିଲା। ପ୍ରଥମତଃ ଏହି କାର୍ଯ୍ୟକ୍ରମରେ



ଅନୁଷ୍ଠାନର କିଛି ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମୀଣ ପରିବେଶ ସହ ପରିଚିତ କରାଇବା ଥିଲା ଆମର ଲକ୍ଷ୍ୟ। ଏହା ସହିତ ସେହି ଛାତ୍ର ଛାତ୍ରୀଙ୍କ ଦ୍ୱାରା ଗ୍ରାମୀଣ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନତା କରାଇବାର ଏକ ମୁଖ୍ୟ ଉପାଦାନ ଖୋଜି ବାହାର କରିଥିଲୁ, ନାଟକ ଦ୍ୱାରା। ନିଷ୍ପତ୍ତି ନିଆଯାଇଥିଲା, ଯେ ଅନୁଷ୍ଠାନର ଛାତ୍ର ଛାତ୍ରୀମାନେ ଏକ ପ୍ରତିଯୋଗିତାରେ ଭାଗ ନେବେ, ଯେଉଁଥିରେ



ସେମାନେ ଦଶ କିମ୍ବା ତା'ଠାରୁ କମ୍ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ଦଳ ଗଠନ କରିବେ, ଆଉ ନାଟକ ମାଧ୍ୟମରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବେ। ବିଶେଷ କରି ସଂପ୍ରତି ଚାଲୁଥିବା ଫାର୍ମାସୀ ସପ୍ତାହର ଥିମ୍ ବା ମନ୍ତ୍ର(ସ୍ୱତଃପ୍ରବୃତ୍ତ ଚିକିତ୍ସା। କେତେ ସୁରକ୍ଷିତ? ଆପଣଙ୍କ ଫାର୍ମାସିଷ୍ଟକୁ ପଚାରି ବୁଝନ୍ତୁ।) କୁ ଲୋକ ମାନଙ୍କ ଭିତରେ ପହଞ୍ଚାଇବା।

ଏଥି ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖାଦେଇଥିଲା ଅପୂର୍ବ ଉତ୍ସାହ। ବିଶେଷତଃ ଅନେକ ନୂତନ ଛାତ୍ର ଛାତ୍ରୀ ଗାଁ କେମିତି ଦେଖିବୁ କହି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ, କାରଣ ଆମେ କହିଥିଲୁ ଯେଉଁ ତିନୋଟି ଦଳ ପୁରସ୍କୃତ ହେବେ ସେମାନଙ୍କୁ ଆମେ ଦିନେ ପାଇଁ କୌଣସି



ଗ୍ରାମକୁ ନେଇ ସେଠାରେ ନାଟକ ଦେଖାଇବା ପାଇଁ ପ୍ରୋତ୍ସାହନ

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ



ଦେବୁ । ବିଭିନ୍ନ ଶ୍ରେଣୀର ପ୍ରାୟ ଆଠଟି ଦଳ ଏହି ପ୍ରତିଯୋଗୀତା ପାଇଁ ପ୍ରଚେଷ୍ଟା ଚଳାଇଥିଲେ। ସେଥିରୁ ତିନି ଗୋଟି ଦଳକୁ ଆମେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଖାଇଥିଲୁ। ଶେଷରେ ସେହି ତିନୋଟି ଦଳ ହିଁ ନିର୍ବାଚିତ ହୋଇଥିଲେ ଗାଁକୁ ଯିବା ପାଇଁ।

ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଅନୁଷ୍ଠାନ ତରଫରୁ କରାଯାଇଥିଲା । କିନ୍ତୁ ବୈଷୟିକ ସହାୟତା କରିଥିଲୁ ଆମେମାନେ ( ଆହ୍ୱାନ ଗ୍ରୁପ୍‌ର ସଦସ୍ୟ ମାନେ)। କାର୍ଯ୍ୟକ୍ରମ ହୋଇଥିଲା ନଭେମ୍ବର ମାସ ୨୨ ତାରିଖରେ। କଲେଜ ବସ ସମେତ ଆମ ସଦସ୍ୟ ମାନେ କାର ଯୋଗେ ଯାଇଥିଲୁ ପ୍ରଥମେ ହିଣ୍ଡୁଳା ଗାଁକୁ। ସେହି ଗ୍ରାମ ପଞ୍ଚାୟତର ସରପଂଚ ଶ୍ରୀ ସୂର୍ଯ୍ୟ ନାରାୟଣ ସାହୁ ମହାଶୟଙ୍କ ଦୟାରୁ ଆମକୁ ମାଇକ୍ ଇତ୍ୟାଦି ଆନୁସଙ୍ଗିକ ଉପକରଣ ମିଳିଯାଇଥିଲା। ସେହି ଠାରେ ଦୁଇଟି ଦଳ ନିଜ ଦ୍ୱାରା ପ୍ରସ୍ତୁତ ନାଟକ ଯଥା, 'ଯମ ପାଖକୁ ନା ଆମ ପାଖକୁ' ଏବଂ 'ଆମ ଗାଁ କଥା' ଉପସ୍ଥାପନା



କରିଥିଲେ। ଏହା ହେଉଥିବା ସମୟରେ ଉପସ୍ଥିତ ଅନେକ ଛାତ୍ର ଛାତ୍ରୀ କଲେଜର ମୁଖପତ୍ର 'ରିଫ୍ଲିଜିମ୍' କୁ ନେଇ ଗାଁ ସାରା ଲୋକମାନଙ୍କ ଭିତରେ ବାଣ୍ଟିଦେଇ ଆସିଲେ। ଏଥିରେ ବିଭିନ୍ନ ରୋଗ ସମ୍ବଳିତ ଅନେକ ଲେଖା ଉପସ୍ଥାପନା କରାଯାଇଥିଲା। ହିଣ୍ଡୁଳା ଗ୍ରାମରେ ନାଟକ ପରିବେଷଣ କରାଯିବା ପରେ ଷୋଳଘର ଗାଁରେ ଆମର ଶେଷ ଦଳ ପ୍ରସ୍ତୁତ କରିଥିଲେ ନାଟକ 'ଦେଖିଲେ ତ'। ଏହା ଉପସ୍ଥିତ ଗ୍ରାମୀଣ ଜନତାଙ୍କୁ ଯେତିକି ଆମୋଦିତ କରିଥିଲା, ତା'ଠୁ ଅଧିକ ସେମାନଙ୍କ ମନକୁ





ଆନ୍ଦୋଳିତ କରିଥିବ ବୋଲି ଅନୁମାନ ହେଉଥିଲେ । କାର୍ଯ୍ୟକ୍ରମର ପରିସମାପ୍ତି ପରେ ଆମ ଅନୁଷ୍ଠାନ ତରଫରୁ ସେହି ଗାଁ ଦୁଇଟି ମଝିରେ ଖୋଲିଥିବା ନୁଆ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ୱାଟର୍ ଫିଲ୍ଟ୍ର ପ୍ରଦାନ କରାଯାଇଥିଲା ।

ଅପରାହ୍ନରେ ସମସ୍ତ ଛାତ୍ରଛାତ୍ରୀ ମାଁ ତାରାତାରିଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ୧୦୦୦ ପାହାଚ ଚଢିଯାଇ ଥିଲେ, ଏବଂ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ପରେ ପ୍ରୀତିଭୋଜନ କରାଯାଇ ସମସ୍ତେ ପୁଣି ଫେରି ଆସିଥିଲୁ, ବ୍ରହ୍ମପୁରକୁ। ଯଦ୍ୟପି ଏହି କାର୍ଯ୍ୟକ୍ରମରେ ଆମ ତରଫରୁ କୌଣସି ଆର୍ଥିକ ସହାୟତା ଦିଆଯାଇ ନଥିଲା, ତଥାପି, ଆହ୍ୱାନ ଗ୍ରୁପ୍‌ର



ସଦସ୍ୟ ସର୍ବଶ୍ରୀ ମନୋରଞ୍ଜନ ସାହୁ, ଦିଲ୍ଲିପ କୁମାର ସାହୁ, ଚନ୍ଦ୍ରଶେଖର ପାତ୍ର, ଜିତେନ୍ଦ୍ର କୁମାର ସାହୁ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସମସ୍ତ ନାଟକର ମୂଳ ସ୍ୱରୂପ ଆମ ଦ୍ୱାରା ଦିଆଯାଇଥିଲା। ଏହି ପରି ଆହୁରି ଅଧିକ କାର୍ଯ୍ୟକ୍ରମ ଆମେ ଭବିଷ୍ୟତରେ ମଧ୍ୟ କରିବୁ ବୋଲି ନିଷ୍ପତ୍ତି ନେଇଛୁ।

ଏହି କାର୍ଯ୍ୟକ୍ରମରେ ମୋଟ ସଦସ୍ୟ ଥିଲେ, ୬୫ ଜଣ। ଏଥିରେ ୪୫ ଜଣ ଛାତ୍ରଛାତ୍ରୀ, ୧୩ ଜଣ ଅଧ୍ୟାପକ ଓ ଅଧ୍ୟାପିକା, ୩ ଜଣ ସହାୟକ, ୨ ଜଣ ବସ କର୍ମଚାରୀ ସମେତ ଦୁଇଜଣ ରୋଷେୟା ଥିଲେ। ଏଥିପାଇଁ ସବିଶେଷ ଖର୍ଚ୍ଚ ହୋଇଥିଲା







ପାଞ୍ଚ ହଜାର ଚାରିଶହ ଟଙ୍କା, ଯାହା ଆମକୁ ରୋଲାଣ୍ଡ ଫାର୍ମାସୀ କଲେଜରୁ ମିଳିଥିଲା। ଏତଦ୍ ବ୍ୟତୀତ ଫୋଟୋ ଓ ଭିଡିଓ ଛବି ପାଇଁ ଯାହା ଖର୍ଚ୍ଚ ହୋଇଥାନ୍ତା ତାହା ଆମ ସଦସ୍ୟ ମାନେ ନିଜେ ନିଜେ ସହାୟତା କରିଦେବା ହେତୁ ହୋଇନଥିଲା। ଭବିଷ୍ୟରେ ଏହି ପରି କାର୍ଯ୍ୟକ୍ରମ ମାନ ହେଉ, ସେଇଥିପାଇଁ ଏହି ବିଶେଷ ଉପସ୍ଥାପନା କରାଗଲା। ଆପଣ ମାନଙ୍କ ସହାୟତାରେ ଆମେ ଆଉଥରେ ଏହିପରି କାର୍ଯ୍ୟକ୍ରମ ଅନ୍ୟ ଏକ ଗ୍ରାମରେ କରିବୁ।

# ବିଶେଷ ସୂଚନା

ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପଦାଙ୍କ ଅନୁସରଣ କରି ଏକ ନୂତନ ବେସରକାରୀ ସଂସ୍ଥା 'ଆହ୍ୱାନ' ଗଡିବା ପାଇଁ ଅନେକ ପରାମର୍ଶ ମୋ ପାଖରେ ଆସି ପହଞ୍ଚିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ। କିନ୍ତୁ ମାନବ ସଂବଳର ଅଭାବ ଯୋଗୁଁ ହେଉ କିମ୍ବା ମୋର ବ୍ୟକ୍ତିଗତ ବ୍ୟାପାର ଯୋଗୁଁ



ସମୟର ଘୋର ଅଭାବ ଯୋଗୁଁ ହେଉ, ଏହି କାର୍ଯ୍ୟକ୍ରମକୁ ମୁଁ ବର୍ତ୍ତମାନରେ ସଫଳ କରାଇ ପାରୁନାହିଁ। ଅନେକ ବନ୍ଧୁ ଆମର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମର ପୃଷ୍ଠପୋଷକତା କରିବା ପାଇଁ ଇଚ୍ଛୁକ ଥିବା ସତ୍ତ୍ୱେ ଆମେ ସେମାନଙ୍କଠାରୁ କୌଣସି ପ୍ରକାରର ଆର୍ଥିକ ସହାୟତା ଗ୍ରହଣ କରି ପାରୁନଥିଲୁ, କିନ୍ତୁ ସଂପ୍ରତି ଆମେ ଏଥିପାଇଁ ତ୍ୱରାନ୍ୱିତ ପଦକ୍ଷେପେ ନେଇଛୁ। ଆପଣ ମାନେ ଆର୍ଥିକ ସହାୟତା ରାଶି ପଠାଇବାରେ ସହଯୋଗ ଦେବା ପାଇଁ ଏଠାରେ ମୁଁ ଏକ ICICI Bank Account Number ଦେଉଛି। ଯଦି କୌଣସି ବନ୍ଧୁ ଆମକୁ ସହାୟତା କରିବାକୁ ଚାହୁଁଥାନ୍ତି, ସେମାନେ



ଏହି ବ୍ୟାଙ୍କ ଆକାଉଣ୍ଟ୍ ଦ୍ୱାରା ଆମ ନିକଟକୁ ସହାୟତା ରାଶି ପଠାଇପାରିବେ।

ଏହି ବର୍ଷର ଶେଷ ସମୟ ଆସି ପହଞ୍ଚିଯାଇଛି। ସମ୍ଭବତ: ଆଗାମୀ ସଂସ୍କରଣ ଉପସ୍ଥାପନା କରିବା ବେଳକୁ ଆମେ

ଆଇ ସି ଆଇ ସି ଆଇ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଜାଣିବା ପାଇଁ ଯୋଗାଯୋଗ କରନ୍ତୁ ।



ଏକ ନୁତନ ବର୍ଷର ସୂର୍ଯ୍ୟାଲୋକ ଦେଖି ସାରିଥିବା। କିନ୍ତୁ ଏହି ଘଡିସନ୍ଧି ମୂହୁର୍ତ୍ତରେ ବି ଆମେ ଚାହୁଁଛୁ ଯେ ଆପଣ ମାନେ ଆଗେଇ ଆସନ୍ତୁ, ଓ ଆମକୁ ସାହାଯ୍ୟ କରନ୍ତୁ। ଏହି ବର୍ଷର ଶେଷ କେଇଦିନ ଆମେ ବ୍ରହ୍ମପୁର ନିକଟରେ ଥିବା ସମସ୍ତ ଅନାଥାଳୟରେ ଯାଇ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ଆୟୋଜନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛୁ। ଯାହା ଦ୍ୱାରା ଆମେ ଶିଶୁମାନଙ୍କ ମୁହଁରେ ଦେଖିପାରିବୁ ସାମାନ୍ୟ ହସର ଲହରୀ। ଆପଣ ମାନଙ୍କୁ ନିବେଦନ କରୁଛୁ, ଯଦି ଆପଣ ମାନେ ଆମକୁ ଆର୍ଥିକ କିମ୍ବା କୌଣସି ପ୍ରକାର ସାହାଯ୍ୟ (କପଡା, ଖେଳଣା, ପାଠ୍ୟ ପୁସ୍ତକ, ନିତ୍ୟ ବ୍ୟବହାରର ବସ୍ତୁ ଇତ୍ୟାଦି) କରିବେ ତାହେଲେ ଆମର ଏହି କାର୍ଯ୍ୟକ୍ରମ ନିଶ୍ଚୟ ସଫଳ ହୋଇପାରିବ।

ଏହି ସମୟରେ ପ୍ରତ୍ୟେକ ଦିନିକିଆ କାର୍ଯ୍ୟକ୍ରମ ପାଇଁ ଆନୁମାନିକ ୧୫୦୦ ରୁ ଆରମ୍ଭ କରି ୨୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି। ଯଦି ଆପଣ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମକୁ ପୃଷ୍ଠପୋଷକତା କରିବାକୁ ଚାହାନ୍ତି ତା'ହେଲେ ଆପଣ ଆମ ସହ ସଂପର୍କ କରନ୍ତୁ। ଏହି କାର୍ଯ୍ୟକ୍ରମର ସମସ୍ତ ବିବରଣୀ ଆଗାମୀ ସଂସ୍କରଣରେ ଚିତ୍ର ସହିତ ପ୍ରକାଶିତ ହେବ। ଏବଂ ସାହାଯ୍ୟକର୍ତ୍ତା ସମସ୍ତ ବନ୍ଧୁମାନଙ୍କୁ ଆମେ ଆଗାମୀ ସଂସ୍କରଣରେ ପ୍ରକାଶିତ କରିବୁ।

**Mail me if you are Interested to Help me.**

**jyotiprasad@rediffmail.com**

**dr.odia@gmail.com**

# ପିଲା ଖେଳରୁ ସୃଷ୍ଟି ରାଇକିଆର ଜଗନ୍ନାଥ ମନ୍ଦିର

**ସୁରେଶ ଚନ୍ଦ୍ର ପତି**

ରାଇକିଆରେ ଥିଲା ସବୁ ଦେବାଦେବୀଙ୍କ ମନ୍ଦିର। କେବଳ ଅଭାବ ଥିଲା ଏକ ଜଗନ୍ନାଥ ମନ୍ଦିରର। ଏଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ ବିଷୟ ଅଞ୍ଚଳର ବୟୋଜ୍ୟେଷ୍ଠ କେହି ବି ବ୍ୟକ୍ତି କେବେ ଚିନ୍ତା କରି ନଥିଲେ। ତେବେ ଏହି ପ୍ରେରଣା ମିଳିଥିଲା ସେମାନଙ୍କୁ କୁନି କୁନି ପିଲାମାନଙ୍କ ଠାରୁ।



ଗୋଟିଏ ବର୍ଷ ରଥାଯାତ୍ରା ସମୟରେ ପିଲାମାନେ ଖେଳନା ରଥରେ ଜଗନ୍ନାଥଙ୍କ କଣ୍ଢେଇକୁ ଧରି ଗାଁ ଦାଣ୍ଡ ପ୍ରଦକ୍ଷିଣ କରିଥିଲେ। ସେହିଥିରୁ ଆରମ୍ଭ ହେଲା ଜଗନ୍ନାଥ ମନ୍ଦିର ନିର୍ମାଣ ତଥା ରଥାଯାତ୍ରା ବିଷୟ। ଏହା ଥିଲା ୧୯୮୧ ମସିହା କଥା।

ପ୍ରଥମ ଚିନ୍ତା ହେଲା ମହାପ୍ରଭୂଙ୍କ ବିଗ୍ରହ ପାଇଁ କାଠ କେଉଁଠୁ ଆସିବ? ରାଇକିଆର ବ୍ୟବସାୟୀ ନାରାୟଣ ବେହେରା ନିଜର ହଜିଲା ଗାଈକୁ ଖୋଜି ଖୋଜି ଯାଇ ପହଞ୍ଚିଥିଲେ ବେରେଡାକିଆ ନିକଟସ୍ଥ ରାମମୁଣ୍ଡା ଗାଁରେ। ସେଠାରେ ନଭନେଶ୍ୱର ପ୍ରଧାନଙ୍କ ପଦରରେ ଦେଖିଥିଲେ ଏକ ନିମ୍ବଗଛ। ଏହାର କିଛି ଦିନପରେ ସେ ସେଠାକୁ ଆଉଥରେ ଯାଇଥିଲେ, ଦେଖିଲେ ଗଛଟି କଟାଯାଇଛି। ଶ୍ରୀ ପ୍ରଧାନଙ୍କ ଠାରୁ ସେ ଗଛର ଗଣ୍ଡିଟି ନେଇ

ଆସିଥିଲେ। ବିଗ୍ରହ ପାଇଁ ଦାରୁ ସଂଗ୍ରହ ହୋଇଗଲା। ଏବେ ଚିନ୍ତା ହେଲା ବିଗ୍ରହ ଗଢିବ କିଏ? ଗନ୍ଧର୍ବ ବେହେରା ଆଗଭର ହେଲେ ବିଗ୍ରହ ନିର୍ମାଣ ପାଇଁ। ସେ ଜଗନ୍ନାଥଙ୍କ ବିଗ୍ରହ ସାରିବା ପରେ ସେହି ବର୍ଷ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟାରେ ରାଇକିଆରେ ଆରମ୍ଭ ହେଲା ପ୍ରଥମ ଆନୁଷ୍ଠାନିକ ରଥଯାତ୍ରା।

ପ୍ରଥମେ ବଡାପାଟାର ଗୋଟିଏ ଘରେ ରହିଲେ ଠାକୁର। ସେଠି ଠାକୁରଙ୍କୁ କିଛିଦିନ ପୂଜାର୍ଚ୍ଚନା କରାଯିବା ପରେ ରାଇକିଆର ଅନ୍ୟ ଜଣେ ବ୍ୟବସାୟୀ ଦେବରାଜ ପାଳ ତାଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ନିର୍ମିତ ଯଜ୍ଞ ମଣ୍ଡପକୁ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ଦାନ କରିଥିଲେ।୧୯୮୭ ଫେବ୍ରୁୟାରୀରେ କାଟାପଲ୍ଲୀ ସ୍ଥିତ ଯଜ୍ଞ ମଣ୍ଡପରେ ପ୍ରତିଷ୍ଠା ହେଲା ଜଗନ୍ନାଥ ମନ୍ଦିର। ସେହି ଦିନଠାରୁ ରାଇକିଆରେ ଆରମ୍ଭ ହେଲା ମହାପ୍ରଭୁ ଜଗନ୍ନାଥଙ୍କ ଲୀଳାଖେଳା। ଏହି ଜଗନ୍ନାଥ ମନ୍ଦିରର କୌଣସି ସଂପତ୍ତି ନାହିଁ। ଠାକୁରଙ୍କ ନୀତି ହୁଏ ଭକ୍ତଙ୍କ ଦାନରୁ। ମନ୍ଦିର ନିର୍ମାଣ ହେବା ଦିନରୁ ବୈକୁଣ୍ଠ ପଣ୍ଡା ମନ୍ଦିର କମିଟିର ସଭାପତି କାର୍ଯ୍ୟ ତୁଲାଇ ଆସୁଛନ୍ତି। ମନ୍ଦିର ପରିସରରେ ପରେ ରାଇକିଆର ଲକ୍ଷ୍ମୀଧର ଭୋଳ ସନ୍ତୋଷୀ ମା'ଙ୍କ ମନ୍ଦିର ଟିଏ ପ୍ରତିଷ୍ଠା କରିଛନ୍ତି। ରାଧାଶ୍ୟାମ କାଣ୍ଡି ପୂଜାକାର୍ଯ୍ୟ ତୁଲାଉଛନ୍ତି। ଅଞ୍ଚଳର ସ୍ୱନାମଧନ୍ୟ ପ୍ରବକ୍ତା ଗଦାଧର ମହାରଣା ରାଇକିଆ ଜଗନ୍ନାଥ ସଂସ୍କୃତି ସଂପର୍କରେ ପୁସ୍ତକଟିଏ ଲେଖିଛନ୍ତି।

## ଜୀବନ ସାଥୀ



କୋରାପୁଟ ଜିଲ୍ଲାର ନକ୍ସଲପ୍ରବଣ ନାରାୟଣ ପାଟଣା ବ୍ଲକ ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତର ଏକ ଅଖ୍ୟାତ ପଲ୍ଲୀ ଦଣ୍ଡାବାଡି ଗ୍ରାମ। ଏହି ଗ୍ରାମଟି ଏବେ ଚର୍ଚ୍ଚାର ପରିସରକୁ ଆସିଛି ଦୁଇଜଣ ଆଦିବାସୀ ଯୁବତୀଙ୍କ ପାଇଁ। ପାରିବାରିକ ଓ ସାମାଜିକ ପ୍ରତିବନ୍ଧକକୁ ପଛରେ ପକାଇ ଏଠାକାର ଏକ କୁଡିଆରେ ବୈବାହିକ ଜୀବନ ବିତାଉଛନ୍ତି ଦୁଇ ଆଦିବାସୀ ଯୁବତୀ ଝାଟେକା ପାଲଙ୍ଗ (୩୦) ଓ ମେଲେକା ନିଲ୍‌ସା (୨୫)। ସାଧାରଣ ଯୁବକ ଯୁବତୀଙ୍କ ଭଳି ଏମାନେ ପ୍ରଥମ ଦେଖାରେ ପାଲଟିଯାଇଥିଲେ ସାଙ୍ଗ। ସେମାନଙ୍କ ସଂପର୍କ ଆସ୍ତେ ଆସ୍ତେ ଏତେ ନିବିଡ ହେଲା ଯେ ଜଣେ ଅନ୍ୟ ଜଣଙ୍କ ବିନା ମନେ କରୁଥିଲେ ,ଅଧୁରା। ଯୁବତୀ ଦ୍ୱୟଙ୍କ ଏଭଳି ମିଳାମିଶାକୁ ଦେଖି ପରିବାର ତରଫରୁ କରାଯାଇଥିଲା ବାରଣ। ତେବେ ସେମାନେ କାହାରି କଥାକୁ ଖାତିର ନ କରି ଲୁଚିଛପି ସେମାନଙ୍କ ସଂପର୍କକୁ ଆଗକୁ ବଢାଇଥିଲେ। ତେବେ ପରିବାରର କଟକଣା ବଢିବାରେ ଲାଗିବାରୁ ସେମାନେ ମନସ୍ଥ କଲେ ଘରୁ ଚାଲିଯିବା ପାଇଁ। ଆଉ ସତକୁ ସତ ଦିନେ ଘର ଛାଡି ଚାଲିଗଲେ ପରସ୍ପରର ଜୀବନସାଥୀ ହୋଇ ଜୀବନ ଅତିବାହିତ କରିବା ପାଇଁ। ଦୁହେଁ ଘରୁ ପଳାଇଯିବା ପରେ ଦଣ୍ଡାବାଡି ଗ୍ରାମ ନିକଟସ୍ଥ କାଟ୍ରାଗାଡା ଗାଁ ପାଖରେ କିଛିଦିନ ଲୁଚି ରହିଲେ। ଦିନେ ନୀଲାବାଡି ଯାତ୍ରା ବିସର୍ଜନ ଦେଖିବା ପାଇଁ ଯାଇଥିବା ବେଳେ ପରିବାର ଲୋକେ ତାଙ୍କୁ ଦେଖି ଧରି ଆଣିଥିଲେ। ଏହାପରେ ପରିବାରର ସମ୍ମତିରେ ପାଲଙ୍ଗ ଓ ନିଲ୍‌ସାର ବିବାହ ସଂପନ୍ନ କରାଯାଇଥିଲା ନୀଲାବାଡି ଗ୍ରାମର ଅଗ୍ନିଗାଙ୍ଗମ୍ମା ଦେବୀଙ୍କ ପୀଠରେ। ଏହି ବିବାହରେ ବର ସାଜିଥିଲେ ଝାଟେକା ପାଲଙ୍ଗ ଏବଂ କନ୍ୟା ସାଜିଥିଲେ ମେଲେକା ନିଲ୍‌ସା।

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ବିବାହ ସଂପର୍କରେ ଘୁମୁରା ଗ୍ରାମବାସୀ ଜାଣିବା ପରେ ପରଂପରା ଅନୁଯାୟୀ ବରପକ୍ଷଠାରୁ ଅର୍ଥାତ୍ ପାଲଙ୍ଗ ପରିବାରକୁ ୪୦ ହଜାର ଟଙ୍କା, ଗୋଟିଏ ଡବା ମଦ, ଓ ଗୋଟିଏ ଗାଇ ଦାବୀ କରିଥିଲେ। ପାଲଙ୍ଗ ପରିବାର ୨୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ତେବେ ନିଲ୍‌ସାର ଭାଇ ସେ ସବୁକୁ ମନାକରି ନିଜେ ଗୋଟିଏ ଡବା ମଦ ଓ ଗାଇ ଘୁମୁରା ଆଦିବାସୀଙ୍କୁ ଦେଇଥିଲା। ନିଲ୍‌ସା କାନରେ କୌଣସି ଅଳଙ୍କାର ନ ଥିବାରୁ ପାଲଙ୍ଗ ତାକୁ ଏକ ତୋଳା ସୁନାର ନାଗୁଲ ଦେଇଥିଲା। ଏମିତି ସେମାନଙ୍କ ବିବାହ ସଂପନ୍ନ ହୋଇଥିଲା ଆଦିବାସୀ ପରଂପରା ଅନୁଯାୟୀ। ବର୍ତ୍ତମାନ ସେମାନେ ନାରାୟଣ ପାଟଣା ବ୍ଲକ୍ ଅନ୍ତର୍ଗତ କୁମ୍ଭାରୀ ଗ୍ରାମପଞ୍ଚାୟତର ଦଣ୍ଡାବାଡି ଗ୍ରାମ ନିକଟସ୍ଥ ଏକ କୁଡିଆ ଘରେ ଜୀବନ ସାଥୀ ହୋଇ ଏକାଠି ରହୁଛନ୍ତି।



## ବର ୱାଟେକା ପାଲଙ୍ଗ ବିବାହିତା ଥିଲେ:

ବିବାହରେ ବର ସାଜିଥିବା ୱାଟେକା ପାଲଙ୍ଗ ପୂର୍ବରୁ ଜଣେ ପୁରୁଷକୁ ବିବାହ କରିଥିଲେ। ପାଲଙ୍ଗକୁ ଯେତେବେଳେ ୧୨ ବର୍ଷ ହୋଇଥିଲା ବନ୍ଧୁଗାଁ ବ୍ଲକ୍‌ର ଅଷ୍ଟମଡା ଗ୍ରାମରେ ରହୁଥିବା ତାର ମାମୁଙ୍କ ପୁଅ ନିର ହାରେକା ସହ ବିବାହ ସଂପନ୍ନ ହୋଇଥିଲା। ତେବେ ନିର ଜଣେ ମଦ୍ୟପ ଥିଲା। ସେ ମଦ ପିଇ ସବୁ ସଂପତ୍ତି ସାରିଦେବା ପରେ ପାଲଙ୍ଗ ଘରୁ ପାଇଥିବା ବଳଦ ଦୁଇଟାକୁ ମଧ୍ୟ ମଦ୍ୟପାଇଁ ବିକ୍ରି କରି ଦେଇଥିଲା। ଏହାପରେ ସେ ଆହୁରି ୪ ଜଣ ଆଦିବାସୀ ଝିଅଙ୍କୁ ବିବାହ କରିବାରୁ ପାଲଙ୍ଗ ୪ ବର୍ଷପରେ ସ୍ୱାମୀଘର ଛାଡି ବାପ ଘରକୁ ଚାଲି ଆସିଥିଲା। ଏହାପରେ ପ୍ରାୟ ୧୦ ବର୍ଷ ପରେ ପାଲଙ୍ଗ ବନ୍ଧୁଗାଁ ବ୍ଲକ୍‌ର ନୀଲାବାଡି ପଞ୍ଚାୟତ ଅନ୍ତର୍ଗତ ଘୁମୁରା ଗ୍ରାମରେ ରହୁଥିବା ପିଉସି ଘରକୁ ଯାଇଥିଲା।

ସେଠାରେ ପିଉସି ଝିଅ ମେଲେକା ନିଲ୍‌ସା ସହ ତାର ବନ୍ଧୁତା ସ୍ଥାପନ ହେଲା। ସେହି ସମୟରେ ନିଲ୍‌ସାର ବିବାହ ସ୍ଥିର ହୋଇଥିଲା ନିକଟସ୍ଥ ମାଥୁର୍ ଗାଁର ପିଡିକା ମୀନା ନାମକ ଯୁବକ ସହ। ତେବେ ବିବାହ ଠିକ୍ ହେବାର କିଛିଦିନ ପରେ ସେ ପାଗଳ ହୋଇଗଲା। ତଥାପି ନିଲ୍‌ସା ଅପେକ୍ଷା କରିଥିଲା ୩ ବର୍ଷ କାଳ ତାର ପାଗଳାମୀ ଭଲ ହେଲେ ବିବାହ କରିବ ବୋଲି। ଇତିମଧ୍ୟରେ ପାଲଙ୍ଗ ସହ ନିଲ୍‌ସାର ସଂପର୍କ ନିବିଡ ହୋଇଥିଲା। ଦୁହେଁ ଜୀବନସାଥୀ ହୋଇ ଜୀବନ ଅତିବାହିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଜୀବନ ଥିବା ଯାଏଁ ପାଲଙ୍ଗ ହିଁ ମୋର ସ୍ୱାମୀ ହୋଇ ରହିବେ ବୋଲି ନିଲ୍‌ସା କହିଛି। ଆମକୁ ଅଲଗା କରିବାକୁ ଚେଷ୍ଟା କଲେ ପୁଣି ଘରଛାଡି ଚାଲିଯାଇ ଏକତ୍ର ଜୀବନଯାପନ କରିବୁ ବୋଲି ପାଲଙ୍ଗ କହେ।

## ସେମାନେ ଯାହା କହନ୍ତି:

ୱାର୍ଡ ସଭ୍ୟ ଚେଞ୍ଚୁ ୱାଟେକା: ପାଲଙ୍ଗ ଓ ନିଲ୍‌ସାର ପ୍ରେମ ବିବାହ ହୋଇଛି। ବିବାହ ପରେ ପାଲଙ୍ଗ ନିଲସାକୁ ନାଗୁଲ ପିନ୍ଧାଇଥିଲା। ସେ ସମୟରେ ମୁଁ ଉପସ୍ଥିତ ଥିଲି। ଦୁହେଁ ଏକାଠି ରହୁଛନ୍ତି, ଏକାଠି ଖାଉଛନ୍ତି ଓ ଏକାଠି ଶୋଉଛନ୍ତି।

ପାଲଙ୍ଗର ମାମୁଁ ନାରାୟଣ ହାରେକାଃ ପାଲଙ୍ଗ ଓ ନିଲ୍ସା ମନ୍ଦିରରେ ବିବାହ କରିଛନ୍ତି । ସେମାନେ ଏକାଠି ରହୁଛନ୍ତି । ସେମାନଙ୍କ ଶାରୀରିକ ସଂପର୍କ ନାରୀ-ନାରୀ ମଧ୍ୟରେ ଯେଉଳି ହୁଏ ସେଉଳି ହେଉଛି ବୋଲି ସେ କହିଛନ୍ତି । ମାମୁଙ୍କ ଏହି କଥାରେ ସହମତ ହୋଇଛନ୍ତି ପାଲଙ୍ଗ ।

ଘୁମୁରା ଗ୍ରାମର ଆଦିବାସୀ ମୁଖିଆ ହ୍ୱାଟେକା ରାଜେୟାଃ ଦଣ୍ଡାବାଡି ଗ୍ରାମର ପାଲଙ୍ଗ ଆମ ଗ୍ରାମର ନିଲ୍ସାକୁ ନେଇ ପଳାଇବାରୁ ଆମେ ବିରୋଧ କରିଥିଲୁ ଓ ଝିଅକୁ ଫେରାଇ ଦେବାପାଇଁ ପାଲଙ୍ଗର ଦାଦା ପାଖକୁ ଚିଠି ଲେଖିଲୁ । ତେବେ କୌଣସି ଖବର ନ ମିଳିବାରୁ ଦଣ୍ଡାବାଡି ଗ୍ରାମକୁ ଯାଇଥିଲୁ । ସେଠାରେ ଦାଦା ନିଲ୍ସାକୁ ପଠାଇଦେବି କହିଲେ କିନ୍ତୁ ପଠାଇଲେ ନାହିଁ । ଦୁହେଁ ବିବାହ କରିଛନ୍ତି ବୋଲି ସେତେବେଳେ ଶୁଣିଲି ।

ନିଲ୍ସାର ଭାଇ ମାଲେକା ନରେନ୍ଦ୍ରଃ ମାଥୁର୍ ଗାଁର ଯୁବକ ସହ ନିଲ୍ସାର ବିବାହ ଠିକ୍ ହୋଇଥିଲା । ତେବେ ସେ ପାଗଳ



ହୋଇଯିବାରୁ ନିଲ୍ସା ପାଲଙ୍ଗ ସହ ପଳାଇଗଲା ।

ଏଥି ସହିତ ନିଲ୍ସାର ମା' ମାଲେକା ବୁଟି, ଦାଦା ମାଲେକା ସାବନ୍ନା, ଘୁମୁରାର ୱାର୍ଡ ସଭ୍ୟ ମାଲେକା ପାଲେୟା ପ୍ରମୁଖ ମଧ୍ୟ ଅନ୍ୟମାନଙ୍କ ଭଳି ଯୁବତୀ ଦ୍ୱୟଙ୍କ ବିବାହ ସଂପର୍କରେ କହିଛନ୍ତି । ମହିଳା ମହିଳା ମଧ୍ୟରେ ବିବାହ କରିବା ସମାଜରେ ନ୍ୟାୟ ସମ୍ମତ ନୁହେଁ । ତେବେ ପୁରୁଷଙ୍କ ପ୍ରତି ଘୃଣା ଭାବ ଯୋଗୁଁ ସେମାନେ ଏକାଠି ରହିବା ପାଇଁ ଏହି ପ୍ରୟାସ କରିଛନ୍ତି । ଏହି ଦୁଇ ଯୁବତୀଙ୍କୁ ସରକାରୀ ସ୍ତରରେ କୌଣସି ପ୍ରକାର ସହାୟତା କରାଗଲେ ସେମାନେ ବଳକା ଜୀବନ ଖୁସିରେ କଟାଇପାରିବେ ବୋଲି ଦଣ୍ଡାବାଡି ଗ୍ରାମବାସୀ କହିଛନ୍ତି ।

## ଆଇନ୍ ଦୃଷ୍ଟିରେ ସମଲିଙ୍ଗୀ ବିବାହ

ଗତବର୍ଷ ଲଣ୍ଡନରେ ସମଲିଙ୍ଗୀ ବିବାହକୁ ସେଠାକାର ସରକାର ସ୍ୱୀକୃତି ଦେଇଛନ୍ତି । ତେବେ ଭାରତରେ ଏହାକୁ ଅପରାଧ ରୂପେ ଗଣା ଯାଉଛି । ସମଲିଙ୍ଗୀ ବିବାହର ଆଇନଗତ ଦିଗ ସଂପର୍କରେ ଜାଣିବା ପାଇଁ ଆମେ ଯୋଗାଯୋଗ କରିଥିଲୁ ଜୟପୁର ସହରର ଓକିଲ ତଥା ରାଜ୍ୟ ବାର୍ କାଉନ୍ସିଲ୍ର ସଭ୍ୟ

ଦାଶରଥୀ ପଟନାୟକ ଏବଂ ଓକିଲ ବାଲାଜୀ ରାଓଙ୍କୁ । ସେମାନେ କହିଛନ୍ତି ଯେ ହିନ୍ଦୁ ବିବାହ ଆଇନ୍ରେ ସମଲିଙ୍ଗୀ ବିବାହ ବିଷୟରେ ଉଲ୍ଲେଖ କରାଯାଇନାହିଁ । ହିନ୍ଦୁ ବିବାହ ଆଇନ୍ର ସେକ୍ସନ-୫, ସେକ୍ସନ-୯, ସେକ୍ସନ-୧୩ ଏବଂ ସେକ୍ସନ-୨୪ରେ କେବଳ ପୁରୁଷ ଓ ନାରୀ ମଧ୍ୟରେ ବିବାହ ବିଷୟରେ ଉଲ୍ଲେଖ କରାଯାଇଛି । ସେହିପରି ଭାରତୀୟ ଦଣ୍ଡବିଧି ଆଇନ୍ର ଧାର ୩୭୭ ଅନୁଯାୟୀ ଅପ୍ରାକୃତିକ ଯୌନକ୍ରିୟା ଅପରାଧ ଅଟେ । ଯଦି ବର୍ତ୍ତମାନର ଏହି ବିବାହ ପରିପ୍ରେକ୍ଷୀରେ କୌଣସି ତୃତୀୟ ପକ୍ଷ ଅଦାଲତର ଆଶ୍ରୟ ନିଏ ତାହାହେଲେ ଏହା ଭାରତୀୟ ଦଣ୍ଡବିଧି ଆଇନ୍ର ଧାରା ୩୭୭ ଅନ୍ତର୍ଭୁକ୍ତ କରାଯାଇ ମାମଲା ରୁଜୁ ହୋଇପାରିବ । ଅପରପକ୍ଷରେ କୌଣସି କାରଣରୁ ପ୍ରଥମ ପକ୍ଷ ବିରୋଧରେ ଦ୍ୱିତୀୟ ପକ୍ଷ କିମ୍ବା ଦ୍ୱିତୀୟ ପକ୍ଷ ବିରୋଧରେ ପ୍ରଥମ ପକ୍ଷ ଅଭିଯୋଗ କରେ ତାହାହେଲେ ମଧ୍ୟ ଏହି ଧାରାର ପରିସର ଭୁକ୍ତ ହୋଇପାରିବ ବୋଲି ସେମାନେ କହିଛନ୍ତି ।

Invite friends to Join Aahwaan.
http://www.freewebs.com/aahwaan/

# ଜୋତା

**ରବି ପଣ୍ଡା**

କବାଟ ଖୋଲୁ ଖୋଲୁ ସ୍ୱାମୀଙ୍କ ଶୁଖିଲା ମୁହଁ ଦେଖି ପତ୍ନୀ ପଚାରିଲେ, 'ହଇହେ କଣ ହେଲା?' ସ୍ୱାମୀ ହତାଶ୍ କଣ୍ଠରେ କହିଲେ, 'ନୂଆ ଜୋତାଟା ଚୋରୀ ହୋଇଗଲା। ଅଫିସରୁ ଫେରିବା ବାଟରେ ପୁରୁଣା ଜୋତାଟା ଛିଡିଯିବାରୁ ଫୋପାଡି ଦେଇ ନୂଆ ଜୋତା ହଳେ କିଣିଲି। ଆସୁ ଆସୁ ସନ୍ଧ୍ୟା ଆରତୀ ଦେଖିବାକୁ ହନୁମାନ ମନ୍ଦିରରେ ପଶି ମୁଣ୍ଡିଆଟେ ମାରି ଦେଇ ଆସୁଚି ତ ଜୋତା ଗାଏବ୍। ଶଂ ମନ୍ଦିରରୁ ଏବେ ଖାଲି ଚୋରି, ମନ୍ଦିର ଭିତରୁ ତ ମନ୍ଦିର ବାହାରୁ।'

ପତ୍ନୀ ଟିକିଏ ବିରକ୍ତ ହୋଇ କହିଲେ, 'ତମର ତ ବାପ ପୁଅଙ୍କର ଖାଲି ଚୋରି ହେଉଛି? ହେଇ ସେଦିନ ପୁଅ ଅର୍ଖ ନୂଆଁ ଜୋତା ହଳକ ଜଗନ୍ନାଥ ମନ୍ଦିରଗେଟ୍ ପାଖରେ ଥୋଇ ଭିତରୁ ଆସି ଦେଖେ ତ ନାଇଁ। ଛୁଆଟା ସେଇ ପୁରୁଣା ଜୋତା ପିନ୍ଧି ଯା ଆସ ହେଉଛି।'

ସ୍ୱାମୀ ଦୀର୍ଘଶ୍ୱାସ ଛାଡି କହିଲେ, 'କଣ କରିବା? ଏ ସମୟ୍ ତ ସେୟା। ମନ୍ଦିର ଭିତରେ ଠାକୁର ବି ତ ରକ୍ଷା ପାଉନାହିଁ, ଆଉ ଜୋତା କଥା କିଏ ପଚାରେ।'

ପତ୍ନୀ ଅଭିସଂପାତଟିଏ ଦେଉ ଦେଉ କହିଲେ, 'କାଙ୍ଗାଳ ଚୋର ଗୁଡାକୁ ମରଣ ହେଉନି?!!! ଯୋଉଠି ଲୋକମାନଙ୍କ ଭିଡ ସେଇଠି ସେମାନଙ୍କ ମଉକା। ଦେଖୁନ କିପରି ଦିନ ଦି ପହରରେ ପକେଟ୍ କାଟି ପକାଉଛନ୍ତି ଗାଡି ଭିତରୁ।' ସ୍ୱାମୀ କହିଲେ, 'ବେକାର ଚାରିଶ ପଚାଶଟି ଟଙ୍କା ପାଣିରେ ପଡିଲା। କେତେ ଦୋକାନ ବୁଲି ବୁଲି ମନ୍‌ପସନ୍ଦର ଜୋତା ହଳକ ଆଣିଥିଲି ବାଛି ବାଛି। ଦଶ ମିନିଟ୍ ବି ପିନ୍ଧି ପାରିଲି ନାହିଁ। ଛାଡ।

ସ୍ୱାମୀ ଧୁଆଧୋଇ ହେଲେ। ପତ୍ନୀ ଚା' ଆଣିଦେଲେ। ଉଭୟେ ଚୁପ୍‌ଚାପ୍। ଅଘଟଣଟି ଛୋଟିଆ ହେଲେ ବି ପ୍ରିୟ ଜିନିଷଟି ନିମିଷକେ ହଜିଯିବାର ଦୁଃଖ ଆଚ୍ଛନ୍ନ କରିଥିଲା ଉଭୟଙ୍କୁ। ସ୍ୱାମୀଙ୍କ ଚାରିଶ ପଚାଶ ଟଙ୍କାର ଆକସ୍ମିକ ଅର୍ଥଶ୍ରାଦ୍ଧ ଆଉ ପତ୍ନୀଙ୍କୁ ବାପ ପୁଅଙ୍କର ଜୋତା ହଜିବାର କାରଣ ଦାୟିତ୍ୱହୀନତା ବୋଲି ଭାବି ବିମର୍ଷତା।

'ତମର ତ ସବୁବେଳେ ବେଖିଆଲି ଭାବ। ଗଲାଣି ତ ଗଲାଣି, କାଲି ହଳେ କିଣି ଦେବ, ଆଉ ଭାବୁଚ କଣ?' ସ୍ତ୍ରୀ ବୁଝାଇ କହିଲେ।

ସ୍ୱାମୀ ଚିଡି ଉଠିଲେ, 'କଣ ବେଖିଆଲି ଭାବ? ଆଁ !!! ଜୋତାକୁ ପକେଟରେ ପୁରେଇ ମନ୍ଦିର ଭିତରକୁ ଯାଇଥାନ୍ତି? କହିଲା କାଲି ସକାଳେ କିଣି ଦେବ, ଯେମିତି ପଇସା ଗୁଡାକ ଆକାଶରୁ ଖସୁଛି।'

ଘଟଣା ସହ କେହି ସଂପୃକ୍ତ ନଥିଲେ ବି ତାକୁ ନେଇ ପରସ୍ପର ଚିଡାଚିଡି ହେବା ବୋଧେ ଦାଂପତ୍ୟ।

ପୁଅ ଆସିଲା। ବୋଉକୁ ଠାରି ଦେଲା ଭିତରକୁ। କଣ ମା' ପୁଅ କଥା ହେଲେ ଚୁପି ଚୁପି। ତା'ପରେ ଦିହେଁ ଚାଲିଗଲେ ଦାଣ୍ଡଦୁଆର ଆଡକୁ। କଣ କଥା ହଉଥିଲେ!!!

ସ୍ୱାମୀଙ୍କୁ ମା'ପୁଅଙ୍କ ଆଚରଣ ବେଖାପ୍ ଲାଗିଲା। ସେ ତାଙ୍କ ପଛେ ପଛେ ଯାଇ ଦେଖିଲେ ତ ପୁଅ କହୁଛି, 'ଆଜି ଉଠେଇ ଆଣିଛି। ମୋର ଚୋରୀ ହେବ ମୁଁ ଛାଡିବି କିଆଁ? ଦେଖିଲୁ ଦେଖିଲୁ ଅର୍ଖ ନୂଆ ଜୋତାଟା ସାଙ୍ଗେ ସାଙ୍ଗେ କିଣିଥିଲା ବୋଧେ ଲୋକଟା। ମୋ ଗୋଡକୁ ଟିକେ ଢ଼ିଲା ହେଉଚି ହେଲେ ଚଳିବ।'

ସ୍ୱାମୀ ଟିକେ ପର୍ଦା ପାଖରେ ଉହୁଁକି ଦେଖିଲେ, ପୁଅ



ହାତରେ ତାଙ୍କରି ଅପହୃତ ଜୋତା। ତାଙ୍କ ଦେହରୁ ଚମକଟିଏ ଗୋଡଦେଇ ଓହ୍ଲାଇଗଲା ତତ୍‌କ୍ଷଣାତ୍। କଣ କହିବେ କହିବେ ହେଇ ଫେରି ଆସୁଥିଲେ ଘର ଭିତରକୁ ତ ପତ୍ନୀ କହୁଥିବାର ଶୁଣିଲେ, 'ତୋ ଗୋଡକୁ ଡିଲା ହେଉଛି ତ। ବାପାଙ୍କୁ ଦେଇ ଦେ।' ତୁ ଆମର ଆଉ ହଲେ କିଣିବୁ।'

ଏମ୍ ବି ଏଚ୍-୮୦

ମଧୁବନ, ପାରାଦୀପ

# କବାଟ ନଥିବା ଗାଁ ବଡଖିଙ୍ଗା

### ଦେବାଶିଷ ପାତ୍ରୀ

ପାରଳାଖେମୁଣ୍ଡି ରେଳ ଷ୍ଟେସନଠାରୁ ପାଞ୍ଚ ଛ' କିଲୋମିଟର ପାଦଚଲା ରାସ୍ତାରେ ଗଲେ ପଡେ ରାଣୀପେଣ୍ଠ ପଞ୍ଚାୟତର ବଡଖିଙ୍ଗା ଗ୍ରାମ। ରାଜ୍ୟର ଅନ୍ୟ ଗ୍ରାମ ମାନଙ୍କ ଭଳି ଅବହେଳିତ ହୋଇ ପଡିଥିବା ଏହି ଗ୍ରାମରେ ବିକାଶ ଧାରା ଅଦ୍ୟାବଧି ପହଞ୍ଚି ପାରିନାହିଁ।

ଏହି ଗ୍ରାମର ବିଶେଷତ୍ୱ ହେଲା ଗ୍ରାମର କୌଣସି ଘରେ କବାଟ ନାହିଁ। ଗାଁରେ ଉଭୟ ହିନ୍ଦୁ ଓ ଖ୍ରୀଷ୍ଟିୟାନ୍ ପରିବାର ରହନ୍ତି। ଗାଁର ଦୁଇଗୋଟି ସାହିରେ ଷାଠିଏ ରୁ ଊର୍ଦ୍ଧ୍ୱ ଘର ଅଛି, ଯେଉଁଥିରେ ରହନ୍ତି ପ୍ରାୟ ଅଶୀରୁ ଅଧିକ ପରିବାର। ତେବେ କେତୋଟି ନବନିର୍ମିତ ଗୃହକୁ ଛାଡିଦେଲେ ପ୍ରାୟ ସମସ୍ତ ଘରେ ଦ୍ୱାରବନ୍ଧ ଅଛି ସତ କିନ୍ତୁ କବାଟ ନାହିଁ। ଚୋରିହାରିର ଭୟ ନାହିଁ। ନିର୍ଭୟରେ ଲୋକେ ନିଜ ନିଜ ଘରକୁ ଖୋଲାଛାଡି ମୂଲ ଲାଗିବା ପାଇଁ ଚାଲିଯାଆନ୍ତି। ମୂଲ ହିଁ ସେମାନଙ୍କ ଜୀବିକା ହୋଇଥିବା ବେଳେ କେତେକ ଜଙ୍ଗଲରୁ କାଠ ହାଣି ଓ ବଗଡରୁ ଅଙ୍ଗାର (କୋଇଲା) ସଂଗ୍ରହ କରି ପାରଳାଖେମୁଣ୍ଡି ସହରରେ ବିକି ଯେନେତେନ ପ୍ରକାରେ କଷ୍ଟେ ମଷ୍ଟେ ନିଜ ନିଜ ପରିବାରର ପ୍ରତିପୋଷଣ କରନ୍ତି। ମୂଲ, କାଠ ଓ ଅଙ୍ଗାରରୁ ଯାହା ପାଆନ୍ତି ତାହା ସେମାନଙ୍କର ଦୁଇଓଳି ପେଟ ପୂରିବାକୁ ନିଅଣ୍ଟ। ସେପରି ସ୍ଥଳେ ସେମାନଙ୍କ ଘରେ ଖାଲି କେତୋଟି ବାସନ କୁସନ କୁ ଛାଡିଦେଲେ ଅନ୍ୟ କୌଣସି ମୂଲ୍ୟବାନ ସାମଗ୍ରୀ ନାହିଁ। ଗାଁର କେତେକ ମତ ଦିଅନ୍ତି ଯେ ଗାଁର ଇଷ୍ଟଦେବୀଙ୍କ ନିର୍ଦ୍ଦେଶରେ ତାଙ୍କର ପୂର୍ବପୁରୁଷ ଘରେ କବାଟ ଲାଗାଇ ନଥିଲେ। ସେଇ ପରଂପରା ଆଜିମଧ୍ୟ ଚାଲିଆସିଛି। କବାଟ ବନ୍ଦଥିଲେ ଲକ୍ଷ୍ମୀ ଘର ମଧ୍ୟକୁ ପ୍ରବେଶ କରି ନପାରି କାଳେ ବାହୁଡିଯିବେ ବୋଲି ତାଙ୍କ ପୂର୍ବପୁରୁଷ ଘରେ ଘରେ କବାଟ ଲଗାଇନଥିଲେ ବୋଲି କେତେକେ ମତ ଦିଅନ୍ତି। ଏମିତିକା ଗାଁରେ କେତେକ ନୂଆରେ ନିର୍ମାଣ କରିଥିବା ଘରେ ମଧ୍ୟ କବାଟ ଲଗାଯାଇନାହିଁ। ତେବେ ଘରେ କବାଟ ନ ଲଗାଇବାର ଅନ୍ୟ ଏକ କାରଣ ଏହା ମଧ୍ୟ ହୋଇପାରେ- ସ୍ୱାଧୀନତାର ଷାଠିଏ ବର୍ଷ ପରେ ମଧ୍ୟ ଏଠି ବିକାଶ ପହଞ୍ଚିପାରି ନାହିଁ। ଘରେ ମୂଲ୍ୟବାନ ସଂପତ୍ତି ନ ଥିବାରୁ କବାଟ ଲଗାଇବା ଆବଶ୍ୟକ ମନେ ନ କରି ପାରନ୍ତି ଗ୍ରାମବାସୀ ମାନେ। ବର୍ତ୍ତମାନ ମଧ୍ୟ ପେଟପାଟଣା ପାଇଁ ଲୋକେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବାକୁ ଲାଗିଛନ୍ତି। ଅର୍ଥାଭାବରୁ ସେମାନଙ୍କ ଘରେ ଆବଶ୍ୟକ ମରାମତି କରି ପାରୁନଥିବାରୁ ଘରଦ୍ୱାର ସବୁ ଭାଙ୍ଗିରୁଜି ଗଲାଣି। ଲୋକେ ଭଙ୍ଗା ଦଦରା ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମବାସୀ ଗ୍ରାମର ଏହି ଅବସ୍ଥା ପାଇଁ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଦାୟୀ କରିଛନ୍ତି। ଜନ ପ୍ରତିନିଧିମାନେ ସୁଦୃଷ୍ଟି ପକାଇଥିଲେ ହୁଏତ ଏ ଅବସ୍ଥା ହୋଇନଥାନ୍ତା ବୋଲି କୁହନ୍ତି ଗ୍ରାମବାସୀ ମାନେ।

ଗାଁକୁ ଯିବାକୁ ହେଲେ ଗୁମ୍ମାଗଡା ନାଳ ଅତିକ୍ରମ କରି ଯିବାକୁ ପଡିଥାଏ। ବର୍ଷା ଋତୁ କଥା ଅଲଗା। ବର୍ଷ ତମାମ ଲୋକମାନେ ପାଣିଭିତରେ ବୁଡି ଗାଁକୁ ଯିବାକୁ ବାଧ୍ୟ ହୋଇଥାଆନ୍ତି। ବର୍ଷା ଦିନରେ ଏହି ଗ୍ରାମ ବାହ୍ୟ ଜଗତରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡେ। ବର୍ଷାଦିନେ ନାଳରେ ପାଣି ଆସିଗଲେ ରାସ୍ତା ବନ୍ଦ ହୋଇଯାଏ, ଯେଉଁଥି ପାଇଁ ଲୋକମାନେ ପାହାଡ ଅତିକ୍ରମ କରି ଆନ୍ଧ୍ର ପ୍ରଦେଶର ଷ୍ଟୁଆର୍ଟପୁରମ୍ ଦେଇ ପାରଳାଖେମୁଣ୍ଡିକୁ ଜୀବିକା ନିର୍ବାହ କରିବା ପାଇଁ ଯାଇଥାନ୍ତି। ବିକାଶତ ଦୂର କଥା,

ଏହି ଗ୍ରାମରେ ଆଜିଯାଏଁ ସ୍ୱାସ୍ଥ୍ୟ ସେବା ମଧ୍ୟ ପହଞ୍ଚିପାରିନାହିଁ।

ରାଜ୍ୟ ସରକାର, ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ କବାଟ ନଥିବା ଗାଁ ବଡଖିଙ୍ଗା ପ୍ରତି ସଦୟ ଦୃଷ୍ଟି ପକାଇ ସେମାନଙ୍କ ଗାଁରେ ବିକାଶର ଧାରାକୁ ପହଞ୍ଚାଇବା ଉଚିତ ହେବ ବୋଲି ଆମ ମତ।

## ମୂଲ୍ୟ

**ଶିଶିର ନାୟକ**

ପରେ ସବୁ ଜଣା ପଡେ
କିଏ ସିଂହ, କୁକୁର, ହାତୀ ଓ ବାଘ
କଉଠୁ କଉଠୁ ଯେ କିଏ ଉଠି ଆସି
ରାଜଧାନୀର ଭିଡ ଠେଲେ
ଗାଆଁ ଗାଆଁର ହିନସ୍ତାକୁ ପେଣ୍ଡାଲ୍‌ରେ ଚମତ୍କାର କରେ
ଯେମିତି ଜଣାପଡେ ଶାଶ୍ୱତ ନାବିକ।

ବାଲି ବନ୍ଧ ଧୋଇଯାଉ ପଛକେ
ଛାତିର ବନ୍ଧ ଟାଣ କରି
ବଞ୍ଚିବାଟାକୁ କେଡେ ବାଗରେ
ଅଭ୍ୟର୍ଥନା ଜଣଉଚ କଇଲ?

ଜାଣିଚି ତମେ ଭାବି ନେଇଚ
ଦିନରେ ବି ପ୍ରେତମାନଙ୍କର ରାଜୁତି ଚାଲିଚି
ତେଣୁ କା'କୁ କିଛି ନ କହି
ନିଜ ଆଡକୁ ଘୁଞ୍ଚି ଆଇଚ।

ଆଚ୍ଛା ତମର କଣ ରକ୍ତ ଫକ୍ତ
ଟିକିଏ ବି ଗରମ ହୁଏନା?
କୁହୁଳି ଉଠେନା ଅନ୍ତପୁରରୁ ନିଆଁ?
ଭଲ ଭାଇ ଭଲ,
କା' ସାଙ୍ଗରେ ଅଡୁଆ ନାହିଁ
ନିଜ ଘରେ ନିଜେ

ସେଦିନ କଥା ପଡୁ ପଡୁ କଇଲ
ବହୁରୂପୀ ପାଲଟିଲେଣି କଳାବଜାରୀ
ମୂଲ୍ୟକୁ ଯିଏ ଗାଏବ୍ କଲେଣି
ତାଙ୍କ ସାଙ୍ଗରେ କ'ଣ ଆଉ ଦେଣ ନେଣ?
ଏବେ ସବୁ ଦୃଶ୍ୟ ମିଛ
ସତ ଦୁଃଖର ତଳ ଭାଗର ସାରାଂଶ।

ପରେ ସବୁ ଜଣାପଡେ
କିଏ ବାଘ, ସିଂହ, ହାତୀ ଓ ଶୃଗାଳ।

ବେଦବ୍ୟାସ ମହାବିଦ୍ୟାଳୟ, ରାଉରକେଲା

## ସକାଳର ସାହାନାଇ

**ଧନଞ୍ଜୟ ସ୍ୱାଇଁ**



ସକାଳ ପହରେ ସୋରିସୋରି ଖରା
ପଡିଅଛି ବିଞ୍ଚିହୋଇ
ଘାସଫୁଲ ବାଟେ ପ୍ରଭାତ ପ୍ରଣାମ
ଶିଶିର-ଅଞ୍ଜଳି ନେଇ।।୧।।
ଫୁଲିଆ ତାରାର ଅଳସ ଦେହରୁ
ଛାଡିନି ପାହାନ୍ତି ତାତି
ଚଢେଇ ଚଞ୍ଚୁରୁ ଝରି ପଡୁଅଛି
ମଙ୍ଗଳ ମଧୂରଗୀତି।।୨।।
ଦୁଠପଥରର ଚହଲା ପାଣିରେ

## ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ମଉଳା ମେଘର ମୁହଁ
ଭୂଆସୁଣୀଙ୍କର ଭିଡରେ ବାସୁଛି
ନଇତୁଠ ମହମହ।।୩।।
ଅସରା ସୁଖର ପସରା ମେଲିଛି
ସୁନାରୀ ଫୁଲର ଡାଳେ
ଲହରା ପବନ ପଣତ ଉଡାଏ
କନିଅର ଗଛ ମୂଳେ।।୪।।
ଫୁଲରେ ଭରିଛି ପୀରତିର ମହୁ
ପାଗଳ ଭଅଁର ପାଇଁ
ନୂଆ ଜୀବନର କଥା କହୁଅଛି
ସକାଳର ସାହାନାଇ।।୫।।

କନିଷି, ଗଞ୍ଜାମ, ଓଡିଶା

# ଆମ ଗାଁ ହାଲ୍‌ଚାଲ୍

ପାହାନ୍ତି ପହରରୁ କୁନାବୋଉ ଉଠି ଦାଣ୍ଡବାଡି ସଫାକରି ପାଣି ମୁନ୍ଦେ ମୁନ୍ଦେ ଛିଞ୍ଚିଦେଇ ଗାଧୋଇ ଗଲାବେଳେ ପଡିଶା ଘରର ନୂଆବୋହୁକୁ ଦେଖି ପଚାରିଲା, 'ଆଉ କେମିତି ଅଛୁ ଲୋ ମା'?' ନୂଆବୋହୁ ଚୁପ୍‌ଚାପ୍ ଚାଲିଯାଉଥିଲା ହେଲେ ତୁଣ୍ଡାରୁ ପଦୁଟିଏ କଥା ବାହାରିଲା ନାହିଁ। କୁନାବୋଉ ହସିଦେଇ କହିଲା, 'ଇ ମା, ଏତେ ଲାଜ କାହାକୁ ବା? ମୁଁ ତ ମାଇପିଟେ, ତୋ ପଡିଶା ଘରର ଖୁଡିଶାଶୁଟେ ହେବି। ମୁଣ୍ଡପୋତି କାହିଁକି ଅଛୁ।' ବୋହୁର ସାହାସ ବଢିଲା, କହିଲା, 'ଓଳିଗି ହୋଉଛି ଖୁଡି। ଚିହ୍ନି ପାରିଲିନି। ଘରୁ ବାହାରକୁ ତ ଯାଇନି, ତେଣୁ ଅନେକ ଲୋକଙ୍କୁ ଚିହ୍ନି ପାରୁନି।' କୁନା ବୋଉ ହସିଦେଇ କହିଲା, 'ଠାକୁର ତତେ କୋଟି ପରମାୟୁ ଦିଅନ୍ତୁ ଲୋ ବୋହୁ। ତୋ ହାତକାଚ ବଜ୍ର ହଉ। କୋଳରେ ଗଣ୍ଡେ ଦି ଗଣ୍ଡା ପୁଅ ଖେଳଇବୁ।' ନୂଆ ବୋହୁ ହସିଦେଲା, କିନ୍ତୁ ଚୁପ୍ ରହିଲା। କୁନା ବୋଉ କହିଲା,'ହଁ ଲୋ ମା ଆମେ ସବୁ ପୁରୁଣା କାଳିଆ ଲୋକ ତେଣୁ ତୋତେ ହସ ମାଡୁଛି।'

ନୂଆ ବୋହୁ କହିଲା, 'ନାଇଁ ମ ଖୁଡି, ଆପଣ ଯୋଉ  ଗଣ୍ଡେ ଦି ଗଣ୍ଡା ପିଲା କଥା କହିଲେ ସେଇଥି ପାଇଁ ହସିଦେଲି ନା। ଆଜିକାଲି କଣ ଆଉ କିଏ ଏତେ ପିଲା କରୁଛନ୍ତି କି?' କୁନା ବୋହୁ କହିଲା 'କରୁଛନ୍ତି ମାନେ? ହଇଲୋ ଇୟେ, ଭଗବାନେ ଯେତେ ଦେଲେ ଖୁସି।'

ନୂଆ ବୋହୁ କହିଲା, 'ଖୁଡି, ତମେ କଣ ରେଡିଓ ଶୁଣୁନ କି ଟିଭି ଦେଖିନ କି? କହୁଚି ପରେ ଗୋଟିଏ ବା ଦୁଇଟା ସନ୍ତାନ ଯଥେଷ୍ଟ। ଅଧିକ ହେଲେ ଖାଇବେ କଣ, ପିନ୍ଧିବେ କଣ? ଆଉ ପାଠ କି ପଢିବେ? ପାଠ ନ ପଢିଲେ କଣ କରିବେ।' କୁନା ବୋହୁ କହିଲା, 'ହଁ ଲୋ ମାଁ ଯାହା କହିଲୁ ସତ, ଜମିବାଡି ତ ଭାଇଭାଗରେ ଗଲା ଆଉ ଅଛି କେତେ ଯେ ଏତେ ପେଟକୁ ଅଣ୍ଟିବ? ଛାଡ ତୁ ପିଲାଟା ହେଲେ ବି କେତେ ଜାଣୁଛୁ ଲୋ ମାଁ।'

ଗାଧୁଆ ସାରି ନିଜ ଘରକୁ ଫେରି ଆସିଲା କୁନା ବୋଉ, କାନିଟାକୁ କାନ୍ଧରେ ବାନ୍ଧିଦେଇ ତୁଳସୀ ଚଉଁରାରେ ପାଣି ଦେଲାବେଳେ କୁନାବାପା ଉଠି ଆସିଲେ। କହିଲେ, 'ଦେଖୁଛି ଆଜିକାଲି ତୁମେ ବେଶି ସଅଳ ଉଠିପଡୁଛ? କିହୋ ଆଉ କିଛି ସମୟ ଶୋଇଲେ ହୁଅନ୍ତାନି? କଣ ଟା କାମ ସବୁ କରୁଛ ଯେ ଏତେ ଶୀଘ୍ର ଉଠି ପୂଜାରେ ଲାଗି ଗଲଣି।' କୁନା ବୋଉ ଗୁଣୁଗୁଣୁ ହୋଇ ମନ୍ତ୍ର ବୋଲି ବୋଲି ଚଉଁରା ଚାରିପାଖରେ ବୁଲି ଆସି କହିଲା, 'ଉଁ ତୁମ ଭଳିଆ ଅଳସୁଆ ହେଲେ ଚଳିବ। ଏଣେ ଚୁଲିକୁ କାଠ ନାହିଁ, ଗାଈ ପାଖକୁ ତୋରାଣି ନାହିଁ, ଧୋବୁଣୀ କହୁଥିଲା, ଏ ସନ ଲୁଗାଟେ ନବ ବୋଲି, କିଛି ତ ନାହିଁ, ଆଉ କହିବି କଣ? ମୋ ଦୁଃଖ କିଏ ବୁଝିବଲୋ ମା।'

କୁନାବାପା କାଠିଖଣ୍ଡେ ଧରି ବାଡିକୁ ବାହାରି ଯାଉଯାଉ କହିଲେ, 'ଚାହା ଟିକେ କର। ପୂଜା ପରେ କରିବ।' କୁନା ବୋଉ ଧାଇଁଯାଇ ଚୁଲିରେ ରାତିର କାକର ପଡା ଥଣ୍ଡା କାଠ ଦିଟା ପେଲି ଦେଇ ନିଆଁ ଜଳାଇବାକୁ ଚେଷ୍ଟା କଲା। ଧୂଆଁରେ ଘର ଭର୍ତ୍ତିହେଲା ବେଳକୁ, ଅଗଣାରେ ଥିବା କବାଟ ଦେଇ ପଡିଶା ଘର ନୂଆଁବୋହୁ କହିଲା, 'ଖୁଡି କଣ କରୁଛନ୍ତି? ଘର ସାରା ଅନ୍ଧାର କରିଦେଲେ।'

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

କୁନା ବୋଉ କହିଲେ, 'ନାଇଁ ଲୋ ଝିଅ, ତୋ କକା ଟିକେ ଚାହା ଖାଇବେ କହିଲେ ତ, ଚୁଲିରେ ନିଆଁ ଧରଉ ଥିଲି ଯେ ଏ କାଠ ଜଳୁଛି କେତେବେଳେ।' ଯା'ହେଉ ନିଆଁ ଧରୁ ନ ଧରୁଣୁ ପାଣିଗରମ

ହୋଇଗଲା ଆଉ ଚାହା ବି ତିଆରି ହେଇଗଲା। କୁନାବାପା ଚାହା ଗିଲାସକୁ ହାତରେ ଧରି ବାହାରପାଖ ପିଣ୍ଡା ଉପରେ ବସିପଡିଲେ। ଗାଁ ଦାଣ୍ଡ କୋଳାହଳମୟ ହୋଇ ଉଠିଲାଣି। ନୁଆଁ ନୁଆଁ ଗାଁରେ ଖୋଲିଛି ବିଦ୍ୟାମନ୍ଦିର ଯେ ରିକ୍ସାରେ ପିଲା ବୁହା ହେଲେଣି। ନୁଆ କଥା ଅବଶ୍ୟ, କାରଣ ଆମ ଯୁଗ ଅଲଗା ଥିଲା, ପିଲାମାନେ ବହି ମୁଣା ଧରି ଗାଁ ଦାଣ୍ଡରେ ଚିରିକି ମାରି ଦଉଡି ଦଉଡି ସ୍କୁଲ୍‌ରେ ପହଞ୍ଚି ଯାଉଥିଲେ, ସେମିତି ଫେରୁଥିଲେ ବି। ସମାନେ ଦଶରୁ ସଞ୍ଜ ଚାରି ପର୍ଯ୍ୟନ୍ତ। ଏବେ ଯୁଗ ବଦଳିଲାଣି, ପିଲାଙ୍କୁ ସକାଳ ପାଞ୍ଚରୁ ସ୍କୁଲ୍ ଯିବାକୁ ହଉଛି। ଆଗ ମାଗଣାରେ ପାଠ ପଢା ହଉଥିଲା ଏବେ, ପଇସା ନ ଦେଲେ ପିଲା ପାଠ ପଢିପାରିବନି। ସରକାର କେତେ କଣ ଯୋଜନା କରୁଛନ୍ତି ସତ ଯେ କେତେ ଜଣ ବାପା ମା ତାଙ୍କ ପିଲାଙ୍କୁ ସରକାରୀ ସ୍କୁଲକୁ ପଠେଇବେ। ଇଜ୍ଜତ ମହତ କଥା ନା! ଅମକର ପିଲା ଇଂରାଜୀ ସ୍କୁଲ୍‌ରେ ପଢୁଚି କହିଲେ ଇଜ୍ଜତ ବଢିବ ନି?

କଅଁଳ ପିଲାମାନେ କାନ୍ଧରେ ବହିବସ୍ତାନିର ବୋଝ ଧରି ଯାଉଛନ୍ତି, ଆଉ ଗାଁ ସେ ମୁଣ୍ଡରେ ତିଆରି ହେଇଛି ଅଧାଭଙ୍ଗା କୁଡିଆରେ ବିଦ୍ୟା ମନ୍ଦିର। ଗାଁରେ ଯେତିକି ବଳକା ବେକାର ଥିଲେ ଆଛା ବେପାର ପାଇଲେ। ପିଲାଙ୍କୁ ପଢାଇ ବେଶ୍ ଦି ପଇସା ରୋଜଗାର କରୁଛନ୍ତି। ଅବଶ୍ୟ ଗାଁ ଦାଣ୍ଡରେ ଲୁଙ୍ଗି ଆଉ ଗାମୁଛା ପକେଇ ଯୋଉ ନାଟ ହାଟ ସବୁ କରୁଥିଲେ ଏବେ କମିଯାଇଛି। ସକାଳୁ ସକାଳୁ ଧଳା ପ୍ୟାଣ୍ଟ ସାର୍ଟ ପିନ୍ଧି ଭଦ୍ର ହୋଇଯାଇଛନ୍ତି। ଆଉ ଗାଁ ପିଲାଙ୍କ ପାଇଁ ସାଜିଛନ୍ତି, ଗୁରୁଜୀ, ଗୁରୁମା।

ଚାହା ପିଆ ସରିଲା ବେଳକୁ ଡାକ ପକାଇଲେ, 'କୁନା ବୋଉ, ହଇହେ କୁଆଡେ ଗଲ। ହେଇଟି ଗିଲାସଟା ଦୁଆରବନ୍ଧ ତଳକୁ ରଖିଦେଇଛି, ନେଇ ଯା। ମୁଁ ଟିକେ ବନ୍ଧ ଆଡୁ ଆସୁଛି।' କୁନାବାପା ଚାଲିଗଲେ। କାର୍ଜି ଘର ସାମନାରେ ଭାରୀ ଗହଳି ଦେଖି ଅଟକି ଗଲେ ସେ। କଥା କଣ ଏତେ ସକାଳୁ ସକାଳୁ ଏତେ ଭିଡ। ପାଖେଇଯାଇ ଶୁଣିଲେ ତ ଛାତି ଭିତରଟା ବିଦାରି ହେଇଗଲା। ଆତଙ୍କବାଦୀ ମାନେ ଗୋଟିଏ ଗାଁର ପଚାଶ ଲୋକଙ୍କୁ ଏକାଠି କରି ମାରିଦେଇଛନ୍ତି ବୋଲି ଖବର ଟିଭିରେ ଦେଖାଉଛି। ଯାହା ଭୟଙ୍କର ଦୃଶ୍ୟ ଦେଖିଲେ ଆଖିରେ ଲୁହ ଆସିଯାଉଛି। ସାରା ଗାଁରେ ଏମିତି ତ ଦି ତିନିଟା ଟିଭି ଅଛି କିନ୍ତୁ କାର୍ଜି ଘର ଆଉ କରଣ ଘରର ଟିଭି ସମସ୍ତଙ୍କ ପାଇଁ ଖୋଲା ଥାଏ। କାର୍ଜି କରଣ ଏକାଠି ବସି ଚର୍ଚ୍ଚା କରୁଛନ୍ତି। ଗାଁ ଲୋକ ତାଙ୍କ ମୁହଁକୁ ଚାହିଁ ରହିଛନ୍ତି, ଯାହା ହେଲେବି ତିରିଶି ଖଣ୍ଡ ଗାଁରେ ଆମ ଗାଁ କାର୍ଜି ଆଉ କରଣଙ୍କ ଖୁବ୍ କାଟତି, ସେମାନେ କହିଲେ ଲୋକ ଉଠବସ ହେବେ। କାର୍ଜି ଘରେ ପୋଷ୍ଟ ଅଫିସ କରିଛନ୍ତି। ଫୋନ୍ ଟେ ରଖିଛନ୍ତି ଯେ କାହିଁ କେତେ ଦୁରରୁ ଗାଁ ପିଲାମାନେ କାମରେ ଯାଇ ଅଛନ୍ତି, ବେଳେ ବେଳେ ଫୋନ୍ କରନ୍ତି ଆଉ ନିଜ ପରିଜନଙ୍କ ସହ କଥା ହୁଅନ୍ତି। କାର୍ଜି ଘର ଗାଁ ମୁରବୀ, ତାଙ୍କ କଥାରେ କେହି ଅମତ ହେବାର ନାହିଁ।

ପଟ୍ଟନାୟକେ କାର୍ଜିଙ୍କୁ କହିଲେ, 'ଭାଇନା ଆଉ ଦିନକାଳ କିଛି ଭଲ ନାହିଁ। କଣ କରିବା? ଇମିତି ଆଉ କେତେ ଦିନ ଦେଖୁଥିବା? ଲୋକ ଲୋକଙ୍କୁ ମାରିବେ, ଏ କଥା ସ୍ୱପ୍ନରେ ବି କେବେ ଆମ ବାପା ଗୋସେଇଁବାପା ଭାବିନଥିବେ।' କାର୍ଜି କହିଲେ, 'ହଇହେ, କିଏ ଜାଣିଥିଲା, ଯୁଗ ଏତେ ବଦଳି ଯିବ। ଏଇ ବରଷ କେତେଟା ତଳର କଥା। ସପ୍ତାହକୁ ସପ୍ତାହ, ଚିଠି ଆସିଲା ବେଳକୁ ଖବର କାଗଜ ଟେ ଆସୁଥିଲା ଯେ ସପ୍ତାହ ଯାକର ଖବର ଆମେ ଏଇ ବାରଣ୍ଡାରେ ବସି ପଢୁଥିଲେ। ଏବେ ଦେଖ ଟିଭି ଆସିଲା, ଯେ ଯୋ କ୍ଷଣି ଖବର ସେ କ୍ଷଣି ଦେଖାଇ ଦେଉଛନ୍ତି, ବୋଲି ଆମେ ସବୁ ଜାଣିପାରୁଛେ ନା?

ନ ହେଲେ କଣ ଆଗରୁ ଏ ସବୁ ହଉନ ଥିଲା ନା କଣ?'

ଗାଁ ଲୋକ ସବୁ ଅବାକ୍ ହୋଇ ଚାହିଁ ରହିଥାନ୍ତି। କରଣ କହିଲେ, 'ସେ କଥାଟା ଠିକ୍ କହିଲ ଭାଇନା। ଦେଖୁନ,

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଯେତେବେଳେ ଇନ୍ଦିରା ଗାନ୍ଧି ମରିଥିଲା, ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ, ଆମେ ତିନି ଦିନ ପରେ ଜାଣିଲେ। ନା କଣ? ଆଉ ଗାଁରେ ଯୋଉ ଶ୍ରାଦ୍ଧ କରିଥିଲେ ଭୁଲିଗଲନା କଣ?' ଏହି ସମୟରେ କୁନାବାପ କହିଲେ, 'ସତ କହୁଛ ଆଜ୍ଞା। କି ଯୁଗ ହେଲାଣି ସତେ।'

ପଟ୍ଟନାୟକେ ହସି କହିଲେ, 'କଣ ବଳିଆ, ତୋ ଦୁଃଖ ଗଲାରେ। ତୋ ପୁଅ ଦେଖେ ଆଉ ସନକୁ ଗାଁକୁ ଆସିଲା ବେଳକୁ ତୋ ଭାଗ୍ୟ ବଦଳି ଯାଇଥିବ। ସହରରେ ରହି ପଢୁଛି ପରା?' କୁନା ବାପା ଲାଜେଇଗଲା ପରି ମୁହଁ କରି କହିଲା, 'ଆଜ୍ଞା ସବୁ ଆପଣ ମାନଙ୍କ ଦୟା। ନ ହେଲେ ଆମ ପିଲାଏ କୋଉଠି ଆଉ ପାଠ ପଢା କୋଉଠି। ଖାଲି ଆଜ୍ଞା ଆପଣ ଦୟା କଲେ ବୋଲି ସିନା ମୋ ପିଲାଟା ବାହାରକୁ ଗଲା। ଆଉ ଆଜ୍ଞା ସାନବାବୁ ନିଜ ପାଖରେ ରଖାଇ ଦେଲେ ବୋଲି ମୋତେ ଟିକେ ବି ଚିନ୍ତା ନାହିଁ। ବାକି ଆଜ୍ଞା ଜନ୍ମ ଦେଇଛି ସିନା କର୍ମ ତ ଦେଇ ପାରିବିନି। ଆଜିକାଲିକା ପିଲା ହଳ ଯୋଚିବୁ ଆସେ କହିଲେ ହସୁଛି, ଗଲାଥର ଆଇଥିଲା ଯେ କହିଲେ 'ବାବା' ହସ ନାଗୁଚି ଆଜ୍ଞା, କାହିଁ ପିଲା ଦିନରୁ ନନା ନନା କହୁଥିଲା, ସହର ଯାଇ ନନାରୁ ବାବା କରିଦେଲା। ଆଉ ଆଜ୍ଞା ଇଂରାଜୀରେ ବି ଦିପଦ କଣ କହିଲା, ମନେ ରହିଲାନି।'

ପଟ୍ଟନାୟକେ ହସିଦେଇ କହିଲେ, 'ଆମ ଗାଁ ପିଲା ସେ ଟି, ଦେଖିଲୁ କେତେ ସଅଳ ସବୁ ଶିଖିଲାଣି? ଆହୁରି ଆଗକୁ ଦେଖିବୁ ଯେତେବେଳେ ସେ ବାବୁଟେ ହୋଇ ଗାଁକୁ ଆସିବ, ଘରେ ସିନ୍ଦୁକରେ ରଖିବା ପାଇଁ ଯାଗା ପାଇବୁନି, ଖାଲି ପଇସାରେ ପୋତିଦେବ ରେ।' କୁନାବାପା କହିଲେ, 'ପଇସା ଆଜ୍ଞା କଣ କରିବି? ମଲା ବେଳକୁ ଧରି କି ଯିବି କି? ହଁ ପିଲା ଟି ଯୋଗ୍ୟ ହୋଇଗଲେ, ମଲା ପରେ ବି ଶାନ୍ତିରେ ରହି ପାରିବି।' ସବୁ ଗାଁ ଲୋକମାନେ ସବୁ କଥା ବାର୍ତ୍ତା ଶୁଣୁଶୁଣୁ କେତେବେଳେ ଆଠଟା ବାଜିଲା ଜଣା ପଡିଲା ନି। କାର୍ଜି କହିଲେ, 'ଚାଲ ହୋ, କାମକାଜରେ ଲାଗିବା। ଦିନ ଆସି ମୁଣ୍ଡ ଛୁଇଁଲାଣି।' କରଣେ ଉଠି ଚାଲିଲେ ଆଉ ସମସ୍ତେ ଉଠିଲେ।

ସଞ୍ଜ ବେଳକୁ ଠାକୁର ଘରୁ ଝାଞ୍ଜ ଆଉ ମୃଦଙ୍ଗର ଶବ୍ଦ ଶୁଣି କୁନାବାପା, ଧୋତିଟାକୁ କଚ୍ଛା ମାରି କାନ୍ଧରେ ଗାମୁଛା ପକାଇ ବାହାରି ପଡିଲେ। ଗାଁ ମାଇପେ ନିଜ ନିଜ ଦୁଆରେ ବସିଥାଆନ୍ତି। ଗାଁ ମଣ୍ଡପ ଉପରେ କୀର୍ତ୍ତନ ଆରମ୍ଭ ହେଲା। ତେଣେ ମଠରୁ ଦୋଳ ବାହାରି ଗାଁ ପରିକ୍ରମା କରିବା ଆରମ୍ଭ ହେଲାଣି। କାର୍ତ୍ତିକ ମାସ ଯେହେତୁ, ସଞ୍ଜ ଶୀଘ୍ର ଆସିଗଲା। ଗାଁ ଦାଣ୍ଡ ଶୁନ୍‌ଶାନ୍ ହୋଇଗଲା। ତାଟିକବାଟ ପଡିଗଲା। କୁନାବୋଉ ବଳିଆ ମାଟିଉପରେ ଶପ ପକାଇ ଗଛାପଟିରେ ଶୋଇ ଆକାଶକୁ ଦେଖୁଥିଲେ। କୁନାବୋଉ କହୁଥିଲା, ହଇହେ ଶୁଣିଲଣି, କାର୍ଜିଘର ପୁଅ କୁଆଡେ ସହରରେ ଗୋଟେ ଝିଅ ବାହାହେବ ବୋଲି ଠିକ୍ କରିଛି। କି କଥା ବାପା କକା କିଛି ଜାଣିବେନି ପୁଅ ନିଜେ ନିଜେ ଠିକ୍ କରିଦେଲା?' ବଳିଆ କହିଲା, 'କୁଆବୋଉ ସେ ସବୁ ବଡ ଘର କଥା, ବଡ ନୋକ ସେମାନେ, ଯାହା ଚାହିଁବେ କରିବେ। ପୁଅ ଆଣିକି ମାସକୁ ମାସ ଚାରିହଜାର ଟଙ୍କା ଯୋଉ ହାତରେ ଅଜାଡି ଦେଇ ପଳାଉଛି, କାର୍ଜି କେତେ ଖୁଶି ତମେ କଣ ଜାଣିବ। ହେଉ ପୁଅ ଯଦି ଇଚ୍ଛା କରିଛି, ଏଥିରେ ଦୁଃଖି ହେବାର କି ରାଗିବାର କିଛି ନାହିଁ। ପାଠ ପଢିଛି ଯେତେବେଳେ ନିଜେ ନିଜେ ନିଷ୍ପତ୍ତି ନେବ ନି କିଆଁ?'

କୁନା ବୋଉ କହିଲା, 'ଉଁ, ଆଉ କେତେ ପାଠ ପଢ଼ିଲେ ବି କଣ ବୋପାଠୁ ଅଧିକ ହେଇଯିବ କି? ଆଉ କାଲି ଯଦି ଆମ କୁନା କହିବ ମୁଁ ଗୋଟେ ସହରୀ ଝିଅ ବାହାହେବି? ତୁମେ କଣ କରିବ?' ବଳିଆ ହସିଦେଇ କହିଲା, 'ବୁଝିଲ ଗେଲ୍ଲାମଣି, ଯୁଗ ବଦଳି ଗଲାଣି। ପୁଅ ଯୋଉଠି କହିବ ସେଇଠି ବାହା କରିଦେବା ଆମର କର୍ତ୍ତବ୍ୟ। ବଡି ବଡି ଦି କୋଡି ଡେଇଁଲାଣି ଆମକୁ ଆଉ କେତେଟା ବର୍ଷ ଗଲେ ତିନିକୋଡି ଡେଇଁଲେ ଆମେ ବଞ୍ଚିବା ଆଉ କେତେ ଦିନ। କାହିଁକି ପୁଅର ଇଚ୍ଛାକୁ ବାଧା ଦେବା? ସେ ଯାହା କହିବ ତା ଖୁଶିରେ ହଁ କଲେ ଆମେ ଶେଷ ବୟସଟା ଶାନ୍ତିରେ କାଟିବା ନ ହେଲେ, ଏବେ ଯେମିତି ଏକା ଏକା ଆକାଶକୁ ଚାହିଁ ରହିଛେ ସେମିତି ମରିଯିବା ମଧ୍ୟ।'

କୁନା ବୋଉ ଅଭିମାନ କରି କହିଲେ, 'କାହିଁକି ସେ

ନିଆଁଗିଲା କଥା କହୁଛ? ମଲା ଗଲା କଥା କହିବନି? ତୁମେ ଥିଲେ ମୋତେ କେତେ ଦମ୍ଭ। ଆଉ ବାପା ନଥିଲେ ପୁଅର କିଏ ଅଛି? ତୁମେ ସେ ମରିବା କଥା ଆଉ ଦିନେ ତୁଣ୍ଡରେ ଧରିବନି। ହଉ ତୁମେ ବାପା ପୁଅ ଯାହା ଇଚ୍ଛା କର ହେଲେ ସୁସ୍ଥ ହୋଇ ବଞ୍ଚିଥା।' ରାତି ବହୁତ ହୋଇ ସାରିଥିଲା। କୁନାବୋଉ କଥା ଶେଷ କଲାବେଳକୁ ବଳିଆ ଘୁଙ୍ଗୁଡି ମାରି ଶୋଇଯାଇଥିଲା।

କ୍ରମଶଃ ପଢନ୍ତୁ ଆଗାମୀ ସଂସ୍କରଣରେ

# ମାରିନେଲେ ମହାପାତ୍ରେ

ପୁରାତନ ଉଡ୍ର, ଆଗର ଉତ୍କଳ ଏବଂ ବର୍ତ୍ତମାନର ଓଡିଶାର ଘରେ ଘରେ ପୂଜା ପାଉଥିବା ଭାଗ୍ୟବିଧାତା ଶ୍ରୀ ଜଗନ୍ନାଥ ଅଟନ୍ତି। ଖାଲି ଶ୍ରୀ ଜଗନ୍ନାଥ ମାତ୍ର କିଛି ଫୁଲ ତଣ୍ଡୁଳରେ ଆବଦ୍ଧ ନୁହନ୍ତି। ସେ ସତରେ ଜଗତର ନାଥ ଜଗନ୍ନାଥ ଏବଂ ଦୀନଦରିଦ୍ରଙ୍କ ସଖା, ବନ୍ଧୁ ଓ ପରିପାଳକ। ଶ୍ରୀ ଜଗନ୍ନାଥଙ୍କ ସେବାପାଇଁ ଅନେକ ରଥ, ସ୍ୱାଇଁ, ପଟ୍ଟନାୟକ, ମହାପାତ୍ର ଓ ଅନ୍ୟାନ୍ୟ ଅଫିସର ଆସି ସେବା ତୁଲାଇ ଥାଆନ୍ତି। ମୋର ଗତ ଏକୋଇଶି ବର୍ଷ ଓଡିଶାରେ ରହି ସରକାରୀ କାର୍ଯ୍ୟ ତୁଲାଇବାର ଅଭିଜ୍ଞତାରେ ଗତ ଚାରିତାରିଖ ଦିନ ଯେଉଁ ଘଟଣା ପୁରୀ ଶ୍ରୀମନ୍ଦିର ଭିତରେ ଘଟିଲା, ନାଁ ମୁଁ ଦେଖିଛି, ଶୁଣିଛି ବା ମନରେ କଳ୍ପନା କରିଛି। ଏ ବର୍ଷ ମୁଁ ଶ୍ରୀ ମନ୍ଦିରକୁ କେତେ ଥର ଯାଇଛି। ଶ୍ରୀ ମନ୍ଦିର ପ୍ରାଙ୍ଗଣରେ କେତେ ସମୟ ବିତାଇଛି ମନେ ପ୍‌କାଇବା ସମ୍ଭବ ନୁହେଁ। କେବେ ମଧ୍ୟ କୌଣସି ଅସୁବିଧା ଭୋଗି ନାହିଁ। ଯାହା ଚାରି ତାରିଖ ଦିନ ଘଟିଗଲା, ସେଥିପାଇ। ପୁରାପୁରି ଦାୟୀ ଶ୍ରୀ ମନ୍ଦିରର ପରିଚାଳକ, ଉପସ୍ଥିତ ପ୍ରଶାସନିକ ଅଧିକାରୀ, ସର୍ବୋପରି ଶୃଙ୍ଖଳା ଦାୟୀତ୍ୱରେ ଥିବା ପୁଲିସ। ଆମେ ଅଷ୍ଟମ ଦିନ ପୁରୀରେ ପହଞ୍ଚିଲୁ। ପୁରୀ ସହରଟା ସେତେବେଳକୁ ଲୋକାରଣ୍ୟ ହୋଇଗଲା। ଚତୁର୍ଦ୍ଦଶୀ ଦିନ ଭକ୍ତଙ୍କ ଭିଡ ପ୍ରାୟ ଚାରିଗୁଣ ହୋଇଯାଇଥିଲା। ଭିଡକୁ ଆୟତ୍ତ କରିବାଲାଗି ପୁଲିସର କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନଥିଲା। କେବଳ ସିହଂଦ୍ୱାରରେ ମେଟାଲ୍ ଡିଟେକ୍ଟର ଥିଲା ବେଳେ ଅନ୍ୟ ସବୁ ଦ୍ୱାର ଥିଲା ଫାଙ୍କା, ତଥାପି ଯାତ୍ରୀଙ୍କ ଯିବା ଆସିବା ବେଳେ ଅଯଥା ଭିଡ ସୃଷ୍ଟି କରାଉଥିଲେ ପୁଲିସ ଓ ଦେଉଳର ସେବାୟତମାନେ। ଯାହା ଦ୍ୱାରା ଚାରିଜଣଙ୍କ ଜୀବନ ଗଲା ଆଉ ପ୍ରାୟ ବିଂଶାଧିକ ଭକ୍ତ ଗମ୍ଭୀର ଭାବରେ ଆଘାତ ପାଇଲେ। ଆଉ ପ୍ରାୟ ଚାଳିଶ ଭକ୍ତ ସାମାନ୍ୟ ଭାବରେ ଆହତ ହୋଇଥିଲେ। ତେବେ ଏହା ସରକାରୀ ଅଟକଳ ଅଟେ, ପ୍ରକୃତରେ କେତେ ଜଣ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ ତାହା ପ୍ରଭୂ ଜଗନ୍ନାଥା ଜାଣନ୍ତି। ଭିଡ କାରଣରୁ ପୃଥିବୀର ବିଖ୍ୟାତ ପାକଶାଳା କୁହାଯାଉଥିବା ଶ୍ରୀ ମନ୍ଦିରରେ ଅବଡା ମିଳିଲା ନାହିଁ। ଯଦିଓ ମହାଲ୍‌କ୍ଷ୍ମୀ, ଜଗନ୍ନାଥଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତ କରିଥିଲେ, ତଥାପି ତାଙ୍କରି ଛୁଆ ଅବଡା ଅଭାବରୁ ଡାହାଳ ବିକଳ ହୋଇ ମନ୍ଦିର ପ୍ରାଙ୍ଗଣରେ ବ୍ୟସ୍ତ ହେବା ସ୍ୱାଭାବିକ ଥିଲା। ବାସି ଅବଡା, ବାସିଡାଲି ଓ ବାସି ତରକାରୀ ନେବାକୁ ବାଧ୍ୟ କରାଯାଉଥିଲା। ଏ ସଂପର୍କରେ ପ୍ରଶାସନ କିଛି ଜାଣି ପାରୁନଥିଲା କି ବୋଲି ମନରେ ପ୍ରଶ୍ନ ହୁଏ। କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଗତ ନାଗାର୍ଜୁନ ବେଶରେ ତ ପଡିଲା ନାହିଁ, ଅନ୍ତତଃ ସବୁ ବର୍ଷ ପାଳିତ ହେଉଥିବା କାର୍ତ୍ତିକ ମାସର ନୀତିନିୟମ ଗୁଡିକ ସୁପରିଚାଳନା କରିଥିଲେ ବୋଧହୁଏ ଏ ଦୁର୍ଘଟଣା ମନ୍ଦିର ପ୍ରାଙ୍ଗଣରେ ଘଟି ନଥାନ୍ତା। ଯଦି ଏଭଳି ଘଟଣା ବାରମ୍ବାର ଘଟିଚାଲେ, ତେବେ ପରବର୍ତ୍ତୀ ବଂଶଧରର ଜଗନ୍ନାଥଙ୍କ ପ୍ରତି ଭକ୍ତି ଲୋପ ପାଇଯିବ।

ରଘୁନାଥ ପଣ୍ଡା

କୋଅପରେଟିଭ କଲୋନୀ, ବ୍ରହ୍ମପୁର

# ମୋ ଗପ ଲେଖା

ଦେବ୍ରାଜ ଲେଙ୍କା

କାହାଣୀରେ ଅଲଗାପଣ, ଭାଷାରେ ମାଟି ଓ ଝାଳର ନିର୍ଭେଜାଲ୍ ବାସ୍ନା ଏବଂ କଥନରେ ସାଙ୍ଗୀତିକତା କଥାକାର ଦେବ୍ରାଜ ଲେଙ୍କାଙ୍କ ସ୍ୱାତନ୍ତ୍ର୍ୟ। ପାଠକଙ୍କ ପାଇଁ ସେ ହେଉଛନ୍ତି

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



'ଶୈଳୀ ଓ ଭାବର ସମ୍ରାଟ୍'। ନିଜ ଗଳ୍ପ ଓ ଗଳ୍ପ ଶୈଳୀ ସଂପର୍କରେ ଦେବ୍ରାଜଙ୍କ ନିଜ କଥା:

ଗୀତ ଶୁଣିଲେ ଛାତି ଭିତରଟା ନରମ ହୋଇଯାଏ, ଛାତି ନରମ ହେଲେ ଯାଇ ଭଲ ଗଳ୍ପ ଲେଖିହୁଏ। ତେଣୁ ଭଲ ଗଳ୍ପ ଲେଖିବାକୁ ହେଲେ ଭଲ ସଙ୍ଗୀତ ଶୁଣିବା ନିହାତି ଜରୁରୀ- ମୋର ଦୃଢ଼ ବିଶ୍ୱାସ। ସଙ୍ଗୀତକୁ ମୁଁ ଭାରୀ ଭଲ ପାଏ। ଗୀତରେ ଯେଉଁ 'ଇଣ୍ଟର୍‌ଲ୍ୟୁଡ୍' ବାଜେ ସେଇଠି ମୋର ଆତ୍ମହତ୍ୟା କରିବାକୁ ଇଚ୍ଛା ହୁଏ। ମୋର ମନେ ହୁଏ ସେଇଥିରେ ହିଁ ଅଛି ମୋର ମୋକ୍ଷ। ସଙ୍ଗୀତ ମୋତେ ଗପ ଲେଖିବାକୁ ପ୍ରେରଣା ଦେଇଛି ଓ ଦେଉଛି ବି। ମୋ ଗପ ପଛରେ ଅଛନ୍ତି, ବଡେ ଗୁଲାମ ଅଲିଖାଁ, କେ ଏଲ୍ ସୈଗଲ୍, ନୌସାଦ୍, ଏସ ଡି ବର୍ମନ୍, ରାଜ କପୁର ଓ କିଶୋର କୁମାରଙ୍କ ଭଳି ସଙ୍ଗୀତ ପ୍ରେମିକ। ସେମାନେ ନିଜ କଳାକୁ ନେଇ ପାଗଳ, ମୁଁ ବି ମୋ ଲେଖାକୁ ନେଇ ପାଗଳ। ପାଗଳାମୀ ନ କଲେ କଣ କିଛି ଅଲଗା ସୃଷ୍ଟିକରି ହୁଏ? ଓଡିଶାରେ ବହୁତ କମ କଳାକାର/ ଲେଖକ ପାଗଳ।

କିଶୋର କୁମାର ମଞ୍ଚରେ ଗୀତ ଗାଉଗାଉ ଦର୍ଶକ ମଝିକୁ ପଶିଯାଉଥିଲେ ଓ ତାଙ୍କ ଭିତରେ ହଜି ଯାଉଥିଲେ। ମୁଁ ବି ଗପରେ ପାଠକ ମାନଙ୍କ ଭିତରକୁ ଡିଆଁମାରେ ଓ ସେଇଠି ହଜିଯାଏ। ଇଏ ମୋର ଷ୍ଟାଇଲ୍। ଗପରେ ମୁଁ ଡିଆଁମାରେ, ଓଡିଶାରେ ଏମିତି ଆଉ କେହି କରିଥିବାର ମୋତେ ଜଣା ନାହିଁ।

ମୁଁ ବିଧିବଦ୍ଧ ଯୋଜନା କରି, ମାପିଚୁପି ଲେଖେ ନାହିଁ। କଗଫିତା ପକାଇ ଲେଖିବା ଗୋଟେ କଣ? ଲେଖିବା ବେଳକୁ ମୁଁ ମନେ ପକାଏନି, ପଣ୍ଡିତ ମାନେ କଣ ସବୁ କହିଯାଇଛନ୍ତି। ମୋ ଲେଖା ପଡି ସେମାନେ ଏବେ କଣ କହିବେ- ସେ ଚିନ୍ତା ବି ମୁଣ୍ଡରେ ପୁରାଏନି।

କଲେଜ ଓ ବିଶ୍ୱବିଦ୍ୟାଳୟରୁ ମୁଁ ଯେତିକି ଶିଖିଛି- ବକ୍ସିବଜାର, ଓଡିଆବଜାର ଛକର ଖଟି, ଫୁଟ୍‌ପାଥ୍, ମାଛହାଟରୁ ବି ସେତିକି ଶିକ୍ଷା ପାଇଛି। ତାକୁ ମୁଁ ଗପରେ ଆଣିବାକୁ ଚେଷ୍ଟା କରିଛି। ମୋ ଗପରେ ବ୍ୟବହୃତ ଭାଷା ଉପରୋକ୍ତ ସ୍ଥାନ ମାନଙ୍କରେ ଚଳପ୍ରଚଳ ହେଉଥିବା ଚରିତ୍ର ମାନଙ୍କ ଭାଷାର ଫେଣ୍ଟାଫେଣ୍ଟି ରୂପ। ଆଜିକାଲି ଗପରେ କ୍ଲାସ୍ ରୂମ୍‌ରେ ବ୍ୟବହାର ହେଉଥିବା ଶବ୍ଦ ସବୁ ରହୁଛି। ଫଳରେ ବହୁ ଚମତ୍କାର ଶବ୍ଦ ସବୁ ହଜିଯାଉଛି, ଭାଷା ବି ଦୁର୍ବଳ ହୋଇପଡୁଛି। ଶବ୍ଦ ଖୋଜିବାକୁ ଲେଖକ ଚେଷ୍ଟା କରୁନାହିଁ। ମୋର ଧାରଣା ଶବ୍ଦମାନେ ପବନରେ ଉଡିବୁଲୁଛନ୍ତି, ସେମାନଙ୍କୁ ଧରିଆଣି ଗପରେ ଖଞ୍ଜିବା ଲେଖକର କାମ।

ଗପର କାହାଣୀ କେମିତି ନିର୍ବାଚନ କରେ! ଗପତ ସବୁଠି ଅଛି। ମୋ ଆଗରେ ଥୁଆ ହୋଇଥିବା ଏଇ ଫାଇଲ୍ ଗଦା ଭିତରେ ବି ଗପ ଅଛି। ତାକୁ କାଢିବା ଓ ତା'ପରେ ତା'ଭିତରେ ଗପକୁ ଖୋଜିବା ଲାଗି ଆଖି ଦରକାର। ଗପରେ କଣ ଖାଲି ମଣିଷମାନଙ୍କ କଥା ରହିବ ବୋଲି କିଛି ନିୟମ ଅଛି। ଦଶଟା ଗଛଙ୍କୁ ନେଇବି ଚମତ୍କାର ଗପ ଲେଖାଯାଇପାରେ।(କହୁ କହୁ ଗୋଟେ ଭଲ ପ୍ଲଟ୍ ତୁମକୁ କହିଦେଲିତ! ତମେ ଏ ପ୍ଲଟ୍‌ଟାକୁ ମାରିନେବନି। ହା ହା ହା)

ସାହିତ୍ୟରେ ଯୋଉମାନେ ମୋ' ବଡଭାଇ, ମୁଁ ଗପ ଲେଖା ଆରମ୍ଭ କଲାବେଳେ ସେମାନେ ମତେ ଗାଳ୍ପିକ ଭାବେ ଗଣୁ ନଥିଲେ। ମୋ ସମସାମୟିକ ମାନେ ମଧ୍ୟ ମତେ ସ୍ୱୀକୃତି ଦେବାକୁ ଚାହାନ୍ତି ନାହିଁ। ମୋ'ଠୁ ଯୋଉମାନେ ସାନ, ସେହିମାନେ ହିଁ ମତେ ସବୁକିଛି ଦେଇଛନ୍ତି। ଏଇ ପିଲା ଗୁଡାକ ପ୍ରକୃତ ଅର୍ଥରେ ଆଧୁନିକ। ସେମାନଙ୍କୁ ଜିନ୍‌ସ ପିନ୍ଧି ଆସେ, ସାର୍ଟ କଲର ଟେକି ଆସେ, ଅତର ଲଗେଇ ଆସେ। ସେହିମାନେ ହିଁ ମତେ 'ଶୈଳୀ ସମ୍ରାଟ'



ପଦବୀ ଦେଇଛନ୍ତି । 'ଦେବ୍ରାଜ ଦରବାର' ସେଇମାନଙ୍କ ସୃଷ୍ଟି। ମୁଁ ଆଇ ଏ ଏସ୍ ନୁହେଁ, ମନ୍ତ୍ରୀ କି ବିଧାୟକ ନୁହେଁ, ପ୍ରଫେସର୍ ନୁହେଁ, ଏମିତିକି ସରପଞ୍ଚ ବି ନୁହେଁ। ମୁଁ ସେମାନଙ୍କ ଭଲ ପାଇବା ବଦଳରେ କିଛି ଦେଇପାରିବି ନାହିଁ। ମୋର କନିଷ୍ଠମାନେ ମୋ'ଠାରୁ କିଛି ପାଇବା ଆଶା ରଖିନାହାନ୍ତି । ସେମାନଙ୍କ ଭଲ ପାଇବା ପଛରେ କିଛି ମତଲବ ନାହିଁ। ମୁଁ ସେଇ ମାନଙ୍କ ପାଇଁ ହିଁ ସାହିତ୍ୟ କରୁଛି।

# ନେତା, ଭତ୍ତା ଓ ସ୍ୱାଧୀନତା

ମାଧବ ଚନ୍ଦ୍ର ସ୍ୱାଇଁ

ଗଲା ସନ ଇଲେକ୍ସନ ବେଳେ ଚଇତନ ନିଜ ଗାଲରେ ନିଜେ ଠୋ ଠୋ ଚାପୁଡା ମାରି କହିଥିଲା- ମୁଁ ଆଉ ଭୋଟ ଦେବାକୁ ଯିବିନି, କି ମୋ ମାଇକିନାକୁ କହିବି ଯେ କାହାକୁ ଭୋଟ ଦେବ ନାହିଁ।

ଏକଥା ଶୁଣି ଗେଣ୍ଡାଦଳର ପ୍ରାର୍ଥୀ ପବନ ସିଂ ଚଇତନକୁ ଧନଲୋ, ବାପାଲୋ କହି ଦିହ ମୁଣ୍ଡ ଆଉଁସି ବୁଝେଇବା ଢଙ୍ଗରେ କହିଲେ, ଚଇତନ! ତୁ ଆଉ ତୋ ସ୍ତ୍ରୀ ଭୋଟ ନ ଦେଲେ ଇଲେକ୍ସନ ବନ୍ଦ ହୋଇଯିବ ନି। ଯିଏ ହେଲେ ଜିତି କରି ଆସିବ। ଆମ ଗେଣ୍ଡାଦଳ ସପକ୍ଷରେ ହାଵା ସାଇଁ ସାଇଁ ଶହେ ଅଶି କିଲୋମିଟର ବେଗରେ ବହୁଛି। ମୋତେ ଭୋଟ ଦୁଇଟା ଦିଅ। ମୁଁ ବିଧାନସଭାକୁ ଗଲେ ତୁମକଥା ଆଗେ ବୁଝିବି। ତୁମକୁ ବାର୍ଦ୍ଧକ୍ୟ ଭତ୍ତା ଆଉ ତୁମ ସ୍ତ୍ରୀକୁ ବିଧବା ଭତ୍ତା ଦୁଇଟା ଯାକ ସୁପାରିସ କରାଇବି। ମାତ୍ର ଚଇତନ ମୁଣ୍ଡରେ ଏ କଥାଟା ଢୁକି ନଥିଲା। ସେ ଥାଉ ଥାଉ ତା ସ୍ତ୍ରୀକୁ ବିଧବା ଭତ୍ତା ମିଳିବ କିପରି? ହୁଏତ ମୋତେ ଭତ୍ତା ମିଳିବ ନାହିଁ। ମୁଁ ଅନାହାରରେ ମଲାପରେ ମୋ ସ୍ତ୍ରୀକୁ ବିଧବା ଭତ୍ତା ମିଳିପାରେ। ହଉ ଏଇ କଥାଟା ମନେ ରହିଲା। ପୁଅ ବିଧାନସଭାକୁ ଯାଇ ଅସଲ ବେଳେ କଥାଟା ପଚାରିବି? ତା' ନେତା ପଣିଆ ଛଡେଇଦେବି।

ଗେଣ୍ଡାଦଳ ବହୁ ସଂଖ୍ୟାରେ ଜିତାପଟ କଲା। ପବନ ସିଂ ବିଧାୟକରୁ ମନ୍ତ୍ରୀ ହେଲେ। ଯେତେଥର ନିର୍ବାଚନ ମଣ୍ଡଳୀକୁ ଆସିଲେ ପୁଲିସ ଗହଣରେ। ଚଇତନ ବହୁତ ଚେଷ୍ଟା କଲା ପୁଲିସ ଠାରୁ ତଣ୍ଡିଆ ଖାଇଲା। ମନ୍ତ୍ରୀଙ୍କୁ ଦେଖିଲା, କିଛି କହିପାରିଲା ନାହିଁ। ପ୍ରକୃତରେ ଏଇଟା ପବନା ବୋଲି ଚଇତନ ଜାଣି, ଜଣକୁ ପଚାରିଲା, ଏମେଲେ ମନ୍ତ୍ରୀ ବିଧାନସଭାରେ କ'ଣ କରନ୍ତି? ଆମ ଗରିବ ଗୁରୁବାଙ୍କ ଭତ୍ତା କଥା ବୁଝନ୍ତି ନା?

ଗାଁ ସରପଞ୍ଚ ଡାକିନେଲେ ଚଇତନକୁ ତାଙ୍କ ବୈଠକ ଖାନାକୁ। କହିଲେ- ଟିଭିରେ ବସି ଦେଖ ତୁମର ମନ୍ତ୍ରୀ ଏମେଲେ ମାନେ ସେଠାରେ କଣ କରୁଛନ୍ତି। ଚଇତନ ଟିଭି ଦେଖିଲା, ଆଶ୍ଚର୍ଯ୍ୟ ହୋଇଗଲା। ସୁନ୍ଦରିଆ କୋଠା ଭିତରେ ମଖମଲ ଗଦି ଲଗା ଚଉକି। ସେଠାରେ ଗୋଟାଏ ଗୋଟାଏ ମାଇକି। ଧୋବ ଧଉଳିଆ ଗୁଡାକ ବଡିଆ ବଡିଆ ଜାମା ପଟା ପିନ୍ଧି ସେଠାରେ ବସିଛନ୍ତି। ଇଲେକ୍ସନ ବେଳେ ଛିଣ୍ଡା ଶାଡି, ଛିଣ୍ଡା କୁରୁତା ବୋଧେ ଘରେ ଥୋଇ ଦେଇ ଯାଇଛନ୍ତି। ଥିଲା ଥିଲା ଏ କଣ ହେଲା- ଚଉକି ମାଇକି ଧରି ସବୁ ଉଠିଲେ। ରେରେକାର ଗର୍ଜନ କଲେ। ମୁଥ ମରାମରି ହେଲେ। ପବନ ବାବୁ ଜଣକୁ ଭିଡି କରି ଧରିଦେଲେ। ଦି ଜଣକ ଠାରୁ ଖାଇଲେ। କାହା ମୁଣ୍ଡ ଫାଟିଗଲା ଓ କାହାର ଗାଲ ଆଳୁ ଫଳିଗଲା। ମଝିରେ ଉପର ଆସନରେ ଜଣେ ନେତା ପାଟିକଲେ। ଏ ସଭା ହୋଇ ପାରିବ ନାହିଁ। ଆଜି ସଭା ବନ୍ଦ। ସଙ୍ଗେ ସଙ୍ଗେ ମାଡପିଟ ବନ୍ଦ ହୋଇଗଲା। ସମସ୍ତେ ଝଡାଝଡି ହୋଇ ବାହାରକୁ ଆସିଲେ। ଗେଣ୍ଡାଦଳ ଟିଭିରେ କହିଲେ ବିରୋଧୀ ଦଳଟା ବଦମାସ। ସଭା କରେଇ ଦେଉନାହାନ୍ତି। ଖଣ୍ଡାଦଳ କହିଲେ ଶାସକ ଦଳ ସଇତାନ। ଲୋକଙ୍କର କୌଣସି କାମ କରାଇ ଦେଉନାହାନ୍ତି। ଆମେ ଲୋକଙ୍କ ଦୁଃଖ କଥା କହିଲା ବେଳକୁ ମାଡପିଟ କରୁଛନ୍ତି।

ଏମିତି ତିନି ଚାରିଦିନ ଚଇତନ ସରପଞ୍ଚଙ୍କ ଘରେ ଟିଭି ଦେଖି ଦେଖି ଜାଣିଲା ଯେ ଗାଁର ଦି ଗୋଷ୍ଠୀ ଗଣ୍ଡଗୋଳଠାରୁ ଏଠାରେ ଟିକିଏ ସୁପର କ୍ୱାଲିଟିର ଗଣ୍ଡଗୋଳ। ତେଣୁ ଆସନ୍ତା

ନିର୍ବାଚନରେ କାହାକୁ ଭୋଟ ଦେବି ନାହିଁ।

ଆଉ ଦିନକର ଘଟଣା। ଚଇତନ ଦେଖିଲା ସଭା ଗୃହରେ ସବୁ ଶାନ୍ତି ହୋଇ ସୁନାପିଲାଟି ପରି ବସିଛନ୍ତି। ଆଜି ଏମେଲେ ଙ୍କ ଭତ୍ତା କଥା ଘୋଷଣା ହେବ। ଚଇତନ କହିଲା- ମୋ ବାର୍ଦ୍ଧକ୍ୟ ଭତ୍ତା କଥା ଘୋଷଣା ହେବ? ତେଣୁ ଆଜି ସମସ୍ତଙ୍କର ପାଟିରେ ଶରେ ଚଉରାଳିଶି ଜାରି। ଭତ୍ତା ଘୋଷଣା ହେଲା। ସମସ୍ତଙ୍କର 'ପେ' ବଢ଼ିଗଲା। ଶାସକ ବିରୋଧୀ ଦଳ କିଛି ଜଣାପଡିଲା ନାହିଁ। ଚଉକି ମାଇକି ଯଥା ସ୍ଥାନରେ ଥିଲେ। ସୁନାପିଲା ପରି ସମସ୍ତେ ଆନନ୍ଦରେ କୁରୁଳି ଉଠି ପରସ୍ପର ଚୁମା ଦିଆଦେଇ ହେଲେ। ଏମେଲେଙ୍କ ଖୁସି କହିଲେ ନ ସରେ। ବହୁତ ହଇରାଣରେ ଚଳୁଥିଲେ ତ? ଇନ୍ଦିରା ଆବାସ, ଅନ୍ତ୍ୟୋଦୟ ଯୋଜନା, ଗର୍ଭୋଦୟ ଯୋଜନା, କାନତରାଟିକି ପଇସା ଅଣ୍ଟିଲା ନାହିଁ, ତେଣୁ ମୁଖ୍ୟମନ୍ତ୍ରୀ ଅର୍ଥମନ୍ତ୍ରୀଙ୍କୁ କହି ବିରୋଧୀ ଦଳ ସମେତ ଶାସକ ଦଳ ପର୍ଯ୍ୟନ୍ତ ସମସ୍ତଙ୍କର 'ପେ' ବଢାଇଦେଲେ। ଅର୍ଥମନ୍ତ୍ରୀଙ୍କୁ କେତେକ ଟୋକା ବିଧାୟକ ସଭାଗୃହ ବାରଣ୍ଡାରେ ଟେକି ଟେକି ଆଣିଲା ବେଳେ ଦେଖିଲେ କେତେକ ସ୍ୱାଧୀନତା ସଂଗ୍ରାମୀ ଯିଏ କି ସ୍ୱାଧୀନତା ପାଇଁ ନିଜ ରକ୍ତକୁ ପାଣି ଫଟାଇ ଲଢିଥିଲେ ଅଥଚ ଏବେ ଖାଇବାକୁ ନ ପାଇ, ରୋଗକୁ ଔଷଧ ନ ପାଇ ମୃତ୍ୟୁସହ ଲଢୁଛନ୍ତି। ସେମାନେ ଅନାଥଙ୍କ ପରି ବାରଣ୍ଡାର ତଳେ ବସିଯାଇଛନ୍ତି।


ଅର୍ଥମନ୍ତ୍ରୀ ସେମାନଙ୍କୁ ଦେଖି ପାନ ଚୋବାଇ ଚୋବାଇ କହିଲେ ଆପଣ ମାନେ ତ୍ୟାଗର ପ୍ରତୀକ। ଆଉ କିଛି ମାସ ଧୈର୍ଯ୍ୟ ଧରନ୍ତୁ। ଜଣେ ବୃଦ୍ଧ ସଂଗ୍ରାମୀ କହିଲେ- ଆମ ଭିତରୁ କେତେ ସ୍ୱର୍ଗ ଦେଖିଲେଣି। ଆଉ ଆମେ ମଲେ ତମ ସରକାର ଭତ୍ତା ଦେବ? ଅର୍ଥମନ୍ତ୍ରୀ କହୁଥିଲେ, ଏଠି ଅନାହାରରେ କେହି ମରିବେ ନାହିଁ। ଏ କଥା ଶୁଣି ଚଇତନ ଜିଭ କାମୁଡି ପକାଇଲା।

# ଶିଳାଲେଖର ଓଡିଆ

ହରପ୍ରସାଦ ଦାସ

'ମାଦଳାପାଞ୍ଜି'ର ବହୁ କାଳ ଆଗରୁ ଓଡିଆ ଭାଷାର ସତ୍ତାର ଅସ୍ପଷ୍ଟ ଆକାର ଶିଳାଲେଖ ମାନଙ୍କରେ ଥିଲା ବୋଲି ଭାବିବାରେ ଆପତ୍ତି ନାହିଁ। କିନ୍ତୁ ଶିଳାଲେଖର ଓଡିଆକୁ ନେଇ ଖୁବ୍ ବେଶି ଉତ୍ସାହିତ ହେବାର କାରଣ ନାହିଁ। ଶିଳାଲେଖରୁ କିଛି କିଛି ପ୍ରମାଣ ଇତିହାସକୁ ମିଳୁଛି ହୁଏତ, କିନ୍ତୁ ଓଡିଆ ଭାଷାର ବିବର୍ତନରେ ଶିଳାଲେଖର ଭୂମିକା ଆଦୌ ନାହିଁ ବୋଲି କହିବାକୁ ହେବ। ଶିଳାଲେଖରୁ ଓଡିଆ ଲିପିର ବିକାଶକୁ ନେଇ ଯେଉଁ କେତେକ ସୂଚନା ଆମେ ଗଣ୍ଠିଧନ କରି ବସିଛେ ସେଗୁଡିକ ବିଶେଷ ପ୍ରାମାଣିକ ନୁହନ୍ତି। ଯେଉଁ ଶିଳାଖଣ୍ଡ ଉପରେ ଆଦିମାନବ ଚିତ୍ର ଦ୍ୱାରା ଆଦି ପ୍ରତୀକ ରୂପେ ଅକ୍ଷର ନିର୍ମାଣ କରିଥିବ, ସେ ସବୁ ତାଙ୍କ ନିଜ ସ୍ଥାନରେ ନୃତାତ୍ତ୍ୱିକ ପରଂପରାର ପ୍ରମାଣ। ଏଠି ପ୍ରତୀକ ବିବର୍ତ୍ତନର ବହୁକାଳ ପରେ ରାଜାଦେଶରେ ଶିଳାଲେଖ ରଚନାର କ୍ଷେତ୍ର କଥା କୁହାଯାଉଛି। ଶିଳାଲେଖ ମାନଙ୍କର ଲେଖକ କିଏ ଓ ସେଗୁଡିକରେ ଅକ୍ଷର ଖୋଦନ କଲେ କିଏ, ଏତିକି ବୁଝିଗଲା ପରେ ଶିଳାଲେଖର ଓଡିଆକୁ ଇତିହାସର ସାମଗ୍ରୀ ମଣି ସେଇ ଐତିହାସିକଙ୍କୁ ସମର୍ପି ଦେବାପାଇଁ ହେବ। ପ୍ରଥମ କଥା ହେଲା ଶିଳାଲେଖ ବା ତମ୍ବାପଟାରେ ଉତ୍କୀର୍ଣ୍ଣ ବାକ୍ୟଗୁଡିକ ପ୍ରଥମେ ଜଣେ ପଣ୍ଡିତ ବା ରାଜାଙ୍କ ପାଖଲୋକ କୌଣସି ଗୋଟିଏ ପୃଷ୍ଠଭୂମିରେ ବଡ ବଡ ଅକ୍ଷରରେ ଲେଖି ଦେଇଥିବେ, ତାକୁ ଦିଆଯାଇଥିବ ପଥର କାମ ଜାଣୁଥିବା ଜଣେ କାରିଗର ବା ସ୍ଥପତିଙ୍କୁ। ସେ ଓଡିଆ ଲେଖା ପଢିପାରୁଥିବେ କି ନାହିଁ ତାହା ଜଣା ନାହିଁ, ସେ ଅନ୍ୟ କୋଉ ରାଜ୍ୟରୁ ବି ଆସିଥାଇ ପାରନ୍ତି। କିନ୍ତୁ ସେ ସ୍ଥପତି। ଯାହା ଖୋଳା ହେବ ପଥରରେ ସେ ବି ତ ଚିତ୍ର! ଅକ୍ଷର ଆଉ କ'ଣ କି, ଚିତ୍ର ତ? ସେଇ ଚିତ୍ରକୁ ଦେଖି ନିରକ୍ଷର ସ୍ଥପତି ପଥର ଉପରେ ଚିତ୍ର ଲେଖିଥିବେ। ଭାଷା ଜାଣିନଥିବା ଜଣେ କାରିଗର ଚିତ୍ରକୁ ଚିତ୍ରରେ ଉତାରିଲା ବେଳେ ଏ ଲାଞ୍ଜ ଓ ଟୋପି ତଥା ବିବିଧ ସଂଯୁକ୍ତାକ୍ଷର ଓ ମାତ୍ରା ଗଢଣକୁ ଚିତ୍ର ଭଳି ଖୋଳିବା ଭିତରେ ମୂଳ ଅକ୍ଷରର ରୂପ ବଦଳି କିମ୍ଭୂତକିମ୍ଭାକାର ହୋଇଯାଇଥିବ। ଧାଡି ପରେ ଧାଡି ଗିଜି ଗିଜି ଅକ୍ଷର ମାନଙ୍କୁ ପଥରରେ ଖୋଳିବା ଭିତରେ କେଉଁଠି ଟୋପି ଖସିପଡିଥିବ ଓ କେଉଁଠି ଲାଞ୍ଜ କଟି ଯାଇଥିବ, କେବେ କେବେ

ପୁରା ବାକ୍ୟଟିଏ ବା ଧାଡିଟିଏ ଲୋପ ପାଇଯାଇଥିବ । ପାଠୁଆ ଲୋକେ ଶିଳାଲେଖ ପଢି ଭ୍ରମ ସଂଶୋଧନ କରିବାର ସୁଯୋଗ ନଥିବ, ପଡିଯାଇଥିବ ପଥର ଉପରେ ଅଲିଭା ଗାର । ରାଜାମାନଙ୍କର ବି ଖୁବ୍ ବେଶି ଆଗ୍ରହ ନ ଥାଇପାରେ, ସେମାନେ ଶିଳାଲେଖର ତାଙ୍କର କାଳ୍ପନିକ ଦିଗ୍‌ବିଜୟ ଓ ନିଜର ରାଜାପଣର ଗୌରବ ଲେଖା ହୋଇଗଲା ଭାବି ସନ୍ତୁଷ୍ଟ ହୋଇ ରହିଥିବେ । ଯେମିତି ଏବେ ବି ଦେଖିବାକୁ ମିଳେ ଓଡିଶାର ସୀମାନ୍ତ ରେଳ ଷ୍ଟେସନ ଗୁଡିକରେ ବିକୃତ ଓଡିଆ ଲିପିରେ ଲେଖା ଷ୍ଟେସନ୍‌ର ନାଁ (ତାକୁ ଜଣେ ତେଲୁଗୁ, ବଙ୍ଗାଳୀ ବା ହିନ୍ଦୀ ଭାଷୀ ଅକ୍ଷର ଶିଳ୍ପୀ ଲେଖିଥିବେ ଚିତ୍ର ଲେଖିଲା ଭଳି) ସେମିତି ତତ୍କାଳୀନ ରାଜ୍ୟର ସୀମାନ୍ତରେ ଯାଇ ରାଜ କର୍ମଚାରୀ ପୋତିଦେଇ ଆସିଥିବେ ସ୍ଥାନୀୟ ଅକ୍ଷର ଶିଳ୍ପୀଙ୍କ ଦ୍ୱାରା ଲିଖିତ ନିଜ ରାଜ୍ୟର ଲୋକ ଲିପି । କେବେ କେବେ ସଂସ୍କୃତର ବିକୃତ ଲେଖକ ଯୋଗୁଁ ସିଏ ଦିଶିଥିବ ପ୍ରାକୃତ ଭଳି, କେବେ କେବେ ସୀମାବର୍ତ୍ତୀ ରାଜ୍ୟର ଭାଷାରେ ଏ ରାଜ୍ୟର ଶବ୍ଦକୁ ନେଇ ବିଚିତ୍ର ଶିଳାଲେଖଟିଏ ଲେଖା ଯାଇଥିବ । ଅପେକ୍ଷାକୃତ ଅର୍ବାଚୀନ ଶିଳାଲେଖ ଗୁଡିକର ପାଠ ନିରୂପଣର ସମସ୍ୟା ଭାଷାକୁ




ନେଇ ଯେତିକି ନୁହଁ ଶିଳାଲେଖର ଖୋଦେଇ କରିଥିବା ଶିଳ୍ପୀଙ୍କର ଉତ୍କୀର୍ଣ୍ଣ ଭାଷା ସହିତ ପରିଚୟର ଅଭାବକୁ ନେଇ ବେଶି । ପ୍ରାଚୀନ ଶିଳାଲେଖ ବା ତାମ୍ର ଶାସକ ମାନଙ୍କ କଥାତ ଆହୁରି ଜଟିଳ, ଭାଷା ସହିତ ଅପରିଚୟ ଯେତେ ବେଶି, ଧାତୁ ବା ପ୍ରସ୍ତର ଲେଖନରେ ଭାଷା ବ୍ୟବହାରର ନିର୍ଭରଯୋଗ୍ୟ ପ୍ରମାଣ ପାଇବା ସେତେ ଅସମ୍ଭବ । ସେହିଭଳି ସଂସ୍କୃତ ଅନଭିଜ୍ଞ ଜଣେ ଓଡିଆ ଶିଳ୍ପୀ ସଂସ୍କୃତ ପାଠକୁ ପଥର ଉପରେ ଖୋଦେଇ କଲାବେଳେ ଦେବନାଗରୀ ଲିପି ମୁଣ୍ଡ ଉପରର ଶିରା ଉଠାଇ, ଅକ୍ଷରକୁ ଆଉ ଟିକେ ବର୍ତ୍ତୁଳ କରି, ମୁଣ୍ଡୁଳି ପକାଇ, ସ୍ଥଳ ବିଶେଷରେ କେତୋଟି ଲୋକଭାଷାର ଶବ୍ଦ ପୁରାଇ ଆଦି ଓଡିଆ ଲିପିର ରଚନା ବି କରି ଦେଇଥିବ । ଆଦିଗଙ୍ଗ ମାନଙ୍କ କାଳରେ ମଧୁକାର୍ଣ୍ଣବ ଦେବ ବୋଲି ଜଣେ ଗଙ୍ଗରାଜଙ୍କ ତାମ୍ର ଫଳକ ଉପରେ ଖୋଦିତ ଯେଉଁ ଦାନ ଶାସନର ପାଠୋଦ୍ଧାର କରାଯାଇଛି ତା'ର ରଚୟିତାଙ୍କ ନାମ କଳିଙ୍ଗନଗର ନିବାସୀ ମାଧବପୁତ୍ର ମଧୁସୂଦନ । ତାକୁ ତମ୍ବାପଟା ଉପରେ ଲେଖିଛନ୍ତି ଅକ୍ଷଶାଳୀ ରଣା । ମଧୁସୂଦନ ଓ ରଣା ଏ ଦୁହେଁ ଓଡିଆ ଲୋକ, ତେଣୁ ଦେବନାଗରୀ ଲିପିରେ ଲିଖିତ ସେ ତାମ୍ରଫଳକ ଉପରକୁ ଚାଲିଆସିଛନ୍ତି ଗୁଡିଏ ଓଡିଆ ଲୋକଶବ୍ଦ । ପୋଥି ଲେଖା ଆସିବା ଆଗରୁ ଓଡିଆ ଲିପିର ବ୍ୟବହାର ଶିଳାଲେଖ ଓ ଦାନ ଶାସନ ସମ୍ବଳିତ ତମ୍ବାପଟାରେ ଯେଭଳି କରା ଯାଉଥିଲା ତହିଁରୁ ଗୋଟିଏ ନିର୍ଦ୍ଦିଷ୍ଟ ଭାଷା ବା ଲିପିର ଉଦ୍‌ଗମ୍-ପ୍ରୟସକୁ ଲକ୍ଷ୍ୟ କରାଯାଇ ପାରେ, କିନ୍ତୁ ତାକୁ ନେଇ ଲିପି ବିକାଶର ପ୍ରାମାଣିକ ସନ୍ଦର୍ଭରେ ଉପନୀତ ହେବା ସମ୍ଭବ ନୁହେଁ । ଲେଖନ ମାଧ୍ୟମ ଯେ ଲେଖାର ନିୟତି ନିର୍ଦ୍ଧାରଣ କରେ ଏକଥା ସ୍ୱୀକୃତ । ହାତୁଡି ମାରି ଛେଣିକୁ ଆଙ୍ଗୁଠିରେ ସ୍ଥିରରଖି ଚିତ୍ର ମାର୍ଗେ ଫୁଟାଉଥିବା ଛବି ବା ସେହିପରି ଆଉ

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

ଟିକେ ସୂକ୍ଷ୍ମ ଯନ୍ତ୍ରପାତି ଧରି ତମ୍ବାପଟାରେ ଫୁଟାଉଥିବା ଅକ୍ଷର-ମୂର୍ତ୍ତି; ଏ ସବୁ ସେଭଳି ଗଢା ହୋଇଛନ୍ତି ଯେଭଳି ତାଙ୍କୁ ବାଟ ଛାଡିଛି ମାଧ୍ୟମର ସ୍ୱଚ୍ଛଳତା। ତାଳପତ୍ର ଉପରେ ଲୁହାର ଲେଖନୀ ଚାଲି ବେଳକୁ ସ୍ଥିତି ସୂକ୍ଷ୍ମତର। ମାର୍ଗଚାରଣ ଅଧିକ ସ୍ୱଚ୍ଛନ୍ଦ। ତଥାପି ସେଥିରେ ବି ମାଧ୍ୟମର ପ୍ରଭାବ। ତାଳପତ୍ର ଉପରେ ଲୁହା ଲେଖନୀରେ ଦେବନାଗରୀ ଲିପିର ମୁଣ୍ଡ ଉପରେ ଥିବା ଗାରଟି ଟାଣିଲାବେଳକୁ ଗଲା ତାଳପତ୍ର ଖଣ୍ଡିକ ସେଇଠୁ ଫାଟି ଦିଯୋରା ହେଇ। ଲେଖକ ସେଠୁ ଆବିଷ୍କାର କଲା ଯେ ଏ ଗିରା ବା ଶିରା ବଦଳରେ ଗୋଟେ ବାଙ୍କ ରେଖା ଆଙ୍କିଲେ ସମସ୍ୟାର ସମାଧାନ, ସେଠୁ ଓଡିଆ ପୋଥି ଲିପି ଗୁଡିକରେ ଆରମ୍ଭ ହେଲା ପେଟୁଆ ଟୋପି ପିନ୍ଧା ଲାଞ୍ଜବାଲା ଲେଖା। ତାଳପତ୍ରରେ ଫାଟି ପଡିବାର ସମସ୍ୟା ଗଲା, କିନ୍ତୁ ଅକ୍ଷରକୁ ଟିକେ ଅଧିକ ବର୍ତ୍ତୁଳ କରିଦେବା ଫଳରେ ଗୋଟେ ନୂଆ କଳାତ୍ମକତା ମିଳିଲା, ଯେଉଁଥିରେ ପୁଡା ଆଉ ମାତ୍ରା ମାନଙ୍କ ସମତୁଲତା ଲୋଡା ହେଲା। ଭଲ ଓଡିଆ ଅକ୍ଷର ଲେଖିବାରେ ସମତୁଲତାର ଏହି ସୂତ୍ରଟି ଅସଲ। ଓଡିଆ ପିଲାଙ୍କ ପାଇଁ ହସ୍ତାକ୍ଷର ଲେଖିବାର ଅଭ୍ୟାସ ସେଇ କଳାତ୍ମକତାର ଅଭ୍ୟାସ ପାଇଁ ଲିଖିତ ଭାଷା ବ୍ୟବହାରର ଆଦି କାଳରେ ହିଁ ଆରମ୍ଭ ହୋଇଥିଲା। ଲକ୍ଷ୍ୟ କରିବାର କଥା କିପରି ଓଡିଆରେ 'କର୍ସିଭ୍ ରାଇଟିଂ' ବା ଛଟା ଲେଖାରେ ମଧ୍ୟ ଅକ୍ଷର ମାନ ତାଙ୍କର ସ୍ୱତନ୍ତ୍ରତା ବଜାୟ ରଖନ୍ତି। ଶ୍ରେଷ୍ଠ ଓଡିଆ ଛଟା ଲେଖା, ଯାହାକୁ କରଣି ବୋଲି କୁହାଯାଏ, ସେଥିରେ ପ୍ରତି ଅକ୍ଷରକୁ ଖୁବ୍ ମାଠି ମାଠି ଲେଖାଯାଏ, ଛଟା ଆସେ ମାତ୍ରା, ପୁଡା ଓ ବିଶେଷ କରି ଲାଞ୍ଜଗୁଡୀକର ସ୍ପଷ୍ଟ ଅଥଚ କଳାତ୍ମକ ପ୍ରଲମ୍ବତାରୁ।

କହିବାର ତାତ୍ପର୍ଯ୍ୟ ଏହି କି ଯେ ଓଡିଆ ଭାଷା ବା ଲିପିର ମୂଳ ରୂପ ଶିଳାଲେଖ ବା ତମ୍ବାପଟାରେ ଆଦି ପ୍ରୟାସ ମାତ୍ର ହୋଇ କାହିଁ କାହିଁ ଥାଇପାରେ, କିନ୍ତୁ ସେଥିରୁ ଓଡିଆ ଭାଷାର ବିକାଶ ବା ଲିପି ବିକାଶର ସୂତ୍ର ଖୋଜିବା ବିଶେଷ ଫଳପ୍ରଦ ନ ହେବାର ସମ୍ଭାବନା ଅଧିକ। ପୋଥିର ଲେଖାରେ ହିଁ ଅସଲ ଓଡିଆ ଭାଷାର ଓ ଲିପିର ଉଦ୍‌ବର୍ତ୍ତନକୁ ଲକ୍ଷ୍ୟ କରାଯାଇପାରେ। ପୋଥି ଆସିଲା ପରେ ଶିଳାଲେଖର ପ୍ରୟୋଗ କମି ଆସିବା ଓ ଅର୍ବାଚୀନ କାଳରେ ପ୍ରାୟ ଅବ୍ୟବହୃତ ସ୍ଥିତିକୁ ଆସିଯିବା ଏ ଦିଗରୁ ଗୁରୁତ୍ୱପୂର୍ଣ୍ଣ। ଓଡିଆ ରାଜାମାନେ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଯୁଦ୍ଧ ଅଭିଯାନରେ ବ୍ୟାପୃତ ଥିଲେ ହେଁ ଧିରେ ଧିରେ ବିଜୟର ଦୃଷ୍ଟାନ୍ତ ମାନ କମିଆସିବା, ଅଧିକ ପରାଜୟର ସମ୍ମୁଖୀନ ହେବା, ସ୍ଥାୟୀ ଦାନପତ୍ର ଓ ବନ୍ଦୋବସ୍ତ ଆଦି ପାଇଁ ପୋଥି ଲେଖନର ପ୍ରଚଳନ ବଢିବା; ଏ ସବୁ ଓଡିଆ ଭାଷାର ମାନକତ୍ୱ ପ୍ରାପ୍ତି ଆଡକୁ ଗତି କରିବାର ନିଶାଣ। କାଗଜ ଆସିଲା ପର୍ଯ୍ୟନ୍ତ ଓ କଲମର ବ୍ୟବହାର ଆରମ୍ଭ ହେଲା ପର୍ଯ୍ୟନ୍ତ କେତେ ଶହ ବର୍ଷ ତାଳପତ୍ର ଉପରେ ଲୁହା ଲେଖନୀରେ ଲେଖିବାର କାଳ। ରୋମାନ୍ ଲିପିର ବିକାଶ କାଳରେ ଧାତୁ ଓ ପ୍ରସ୍ତରରୁ କ୍ରମେ ପାପିରସ୍‌ର ମାଧ୍ୟମ ବ୍ୟବହୃତ ହେବା ଏ ଦିଗରୁ ଗୁରୁତ୍ୱପୂର୍ଣ୍ଣ। ନୀଳନଦୀର ତ୍ରିକୋଣଭୂମିରୁ ଘାସ ଜାତୀୟ ପାପିରସ୍‌ର କାଣ୍ଡକୁ ସୋରାସୋରା କରି କାଟି ପୁଣି ତାକୁ ଚଉଡା ବାଗରେ ଯୋଡି ଲେଖନପୃଷ୍ଠ ତିଆରି ହେଲା ଯେତେବେଳେ, ତା' ଉପରେ ଲେଖିବା ପାଇଁ ଗୋଜିଆ କାଠିର ଦରକାର ହେଲା। ମାଧ୍ୟମର କୋମଳତା ହେତୁ ଲିପିମାନଙ୍କରେ ଆୟତାକାର, ବୃତ୍ତାକାର ଓ ତ୍ରିଭୂଜାକାର ରୂପ ଏକତ୍ର ସମ୍ଭବ ହେଲା। ଭାରତରେ ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ତାଳପତ୍ର ଓ ଉତ୍ତର ପଟେ ଭୂର୍ଜପତ୍ରର ବ୍ୟବହାରରୁ ତଥା କାଠ ବା ଲୁହାର ଲେଖନୀ ବ୍ୟବହାରର ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟରୁ ଲିପିମାନଙ୍କର ନିଜ ନିଜର ବ୍ୟକ୍ତିତ୍ୱ ପ୍ରକଟିତ ହେଲେ। ସଂସ୍କୃତ କେବଳ ପ୍ରାକୃତରେ ଢଳିଲା ନାହିଁ, ଦେବନାଗରୀ ଲିପି ବି ସ୍ଥାନୀୟତାର ପ୍ରଭାବରେ ଲେଖନ ସାମଗ୍ରୀକୁ ନେଇ ବଦଳିଲା। ଧାଡିଏ ଗୋଲ ଗୋଲ ଓଡିଆର ମଝିଦେଇ ଯଦି ଗୋଟିଏ ଗାର ଟଣାଯାଏ ତେବେ ଦିଶିବ ଯେ ତଳଅଂଶରେ ଦେବନାଗରୀର ରୂପ ଓ ଉପରର ଅଂଶଟି କେବଳ ଅର୍ଦ୍ଧ ବୃତ୍ତାକାର ଅଳଂକରଣ। କଲମଧରି କାଗଜ ଉପରେ ଲେଖିଲାବେଳେ ବିଶ୍ୱର ସବୁ ଭାଷାଭାଷୀ ନିଜ ନିଜର ଲିପିକୁ ସେପରି ଲେଖନ୍ତି, ଯେପରି କାଗଜ ଓ କଲମ ଆସିବା ପୂର୍ବରୁ ସୀମିତ ମାଧ୍ୟମର ବ୍ୟବହାର କୌଶଳକୁ ଅବଲମ୍ବନ କରି ଲିପି ବିକଶିତ ହୋଇଥିଲା। ସେଇଥି ଯୋଗୁଁ କାଗଜ ଉପରେ କଲମରେ ଓଡିଆ ଲେଖା ହେବାର ଆଙ୍ଗୁଠି ଚାଳନା, ଇଂରାଜୀ ଲେଖା

ହେବାର ଆଙ୍ଗୁଠି ଚାଳନାଠାରୁ ଭିନ୍ନ। ସେହିପରି ଭାରତୀୟ ଭାଷା ମାନଙ୍କର ଲେଖନ ପ୍ରଣାଳୀରେ ଆଙ୍ଗୁଠି ଚାଳନାର କଳା ପୂର୍ବବିକଶିତ ଲିପି ପ୍ରୟୋଗର ତାରତମ୍ୟରୁ ବିକଶିତ ହୋଇଛନ୍ତି। ଓଡିଆ ଲେଖନରେ ଏବେ ମଧ୍ୟ ତାର 'ଖୋଦେଇ' ଗୁଣ ସ୍ପଷ୍ଟ। ଯେଉଁ ଭାଷାରେ ବର୍ଣ୍ଣ ବା ଲିପିମାନେ ପରସ୍ପରକୁ ଆଶ୍ରୟ କରି, ଗୋଟିଏ ଆରଟିକୁ ଅନ୍ତସ୍ଥ କରି ବା ଗୌଣ କରି ଗଡିଚାଲିବାର ଛଟା ଗ୍ରହଣ କରିଛନ୍ତି, ସେଠି ସେମାନେ ବହମାନ ଚରିତ୍ର ହୋଇଯାଇଛନ୍ତି ଆପେ ଆପେ। ଓଡିଆ ଲିପିରେ ଖୋଦନ ପ୍ରଣାଳୀର ଗୋଟିଏ କଳା ରହିଯାଇଛି ଏବଂ ଓଡିଆ ଅକ୍ଷରମାନେ ଖୁବ୍ ବେଶିରେ ପରସ୍ପରର ପିଠିରେ ଟିକିଏ ଆଉଜି ଯାଆନ୍ତି ସିନା ପରସ୍ପରକୁ ଲଂଘନ କରନ୍ତି ନାହିଁ ବା ମୁଖ୍ୟ ଗୌଣ ହୋଇ ଗଡିଚାଲନ୍ତି ନାହିଁ। ଗୁଳା ବୁଲିଲା ପରି ସବୁତକ ଅକ୍ଷର ପୂର୍ଣ୍ଣ ହୁଅନ୍ତି ଓ ଏହିଭଳି ଚକ ବୁଲିଲା ଭଳି ଆବର୍ତ୍ତିତ ହୋଇ ହୋଇ ଆଗକୁ ବଢନ୍ତି। ଅତି ଦ୍ରୁତ ଭାବେ ଲେଖିଚାଲିବାର ଲିପି ନୁହେଁ ଏ। ଯା'କୁ ଗଢିବାକୁ ପଡେ। ଉଚ୍ଚାରଣ ଯେମିତି ପୂରା, ଲେଖା ବି ସେମିତି ପୂରା।

ଶିଳାଲେଖ ମାନଙ୍କରେ ଉତ୍କୀର୍ଣ୍ଣ ଓଡିଆକୁ ଦେଖିଲେ ସ୍ପଷ୍ଟ ହେବ ଯେ ପ୍ରାଚୀନ କାଳରେ ଓଡିଆ ଲେଖିବାର ଆଦି ପ୍ରୟାସରେ ଚଉଖୁଣ୍ଟିଆ, କୋଣିକିଆ ଅକ୍ଷରମାନ ବିଦ୍ୟମାନ ଥିଲେ। ପାଲି ଯଦିଓ ପ୍ରାକୃତ, ଯାର ଲିପି ଦେବନାଗରୀର ପାଖାପାଖି। ପୋଥିରେ ଲେଖାହେଲା ବେଳକୁ ଓଡିଆ ଲିପିର ଚେହେରା ବଦଳିଗଲା। ପ୍ରଥମ ପୋଥି ଲେଖକ ମାନେ ବା ତାଳପତ୍ରରେ ଲେଖା ଆରମ୍ଭ କରିଥିବା ଆମର ପ୍ରାଚୀନ ପୂର୍ବଜ ମାନେ ଶିଳାଲିପି ଲେଖକ ମାନଙ୍କ ଛେଣିରୁ ଏ ଲୁହା ଲେଖନୀଟିକୁ ଆଣିଥିବେ ବୋଧହୁଏ। ମୁଗୁରରେ ଛେଣି ମୁଣ୍ଡକୁ ଠୁକେଇ ଠୁକେଇ ଅକ୍ଷର ଖୋଦେଇବାରେ ଅସୁବିଧାକୁ କିଛି ଟିପ ଜୋରରେ ଓ କିଛି ଲେଖନୀର ଓଜନ ଦ୍ୱାରା ସେମାନେ ମୁକାବିଲା କରିଥିବେ। ତଥାପି ଏ ମାଧ୍ୟମକୁ ସମ୍ଭାଳିବାକୁ ସ୍ୱତନ୍ତ୍ର ତାଲିମ୍ ଓ ଅଭ୍ୟାସ ଲୋଡା ହେଉଥିବ। ଏଇଥିରୁ ବାହାରିଥିବେ ଆମର ପ୍ରଥମ ଲେଖନଧାରୀ ପୋଥି ଲେଖକ। ସବୁ ଲେଖକ ଲେଖନ ଧରି ପ୍ରଥମ ପୋଥି ଲେଖିଥିବେ। ଗୋଟିଏ ଶ୍ରେଣୀର ଲୋକେ ଯାର ପୋଥି ପ୍ରତିଲିପି ତିଆରି କରିଥିବେ।

ବୌଦ୍ଧରାଜ ଅଶୋକଙ୍କ ତ୍ରୟୋଦଶ ଅନୁଶାସନ, ଯେଉଁଥିରେ କଳିଙ୍ଗ ଯୁଦ୍ଧର ବର୍ଣ୍ଣନା ଅଛି ତହିଁରେ ବ୍ୟବହୃତ ଭାଷା ପାଲି। ଜୈନରାଜ ଖାରବେଳଙ୍କ ଖଣ୍ଡଗିରି ଅନୁଶାସନରେ ବ୍ୟବହୃତ ଭାଷାକୁ ପଣ୍ଡିତେ କହନ୍ତି କାଳିଙ୍ଗୀ ପ୍ରାକୃତ। ଏ ସବୁ ଶିଳାଲେଖର ଭାଷା। ଏଥିରେ ଓଡିଆ ଶବ୍ଦ କେତୋଟି ଆବିଷ୍କାର କରି ଖ୍ରୀଷ୍ଟପୂର୍ବ କାଳରେ ମଧ୍ୟ ଓଡିଆ ଥିଲା ବୋଲି ଯାହା କୁହାଯାଏ ତା'କୁ ପ୍ରାମାଣିକ ମାନିନେଲେ ଓଡିଆ ପୋଥିଲିଖନ ଦ୍ୱାରା ବିକଶିତ 'ତାଳପତ୍ର ଓ ଲୁହାଲେଖନୀ'ର ଭାଷାକୁ ଚିହ୍ନିବା କିପରି? କାଁ ଭାଁ କେତୋଟି ଶବ୍ଦ ସାମ୍ୟରେ ଭାଷା ସାମ୍ୟ ଦେଖାଯାଏ ନାହିଁ। ଭାଷା ସାମ୍ୟ ଦେଖାଯାଏ ଲିପି ଓ ଲେଖନ ସୂତ୍ରର ସାମ୍ୟତାରୁ। ସଂସ୍କୃତରେ ପୋଥି ଲେଖିବା ଅନେକ ଆଗରୁ ଆରମ୍ଭ ହୋଇଥିଲା। ପୁରାଣଗୁଡିକ ସ୍ମୃତିରୁ ଆସି ଲିପିରେ ଗଚ୍ଛିତ ହେବା ବେଳର କଥା ସେ। ଓଡିଆରେ ପୋଥି ଲେଖା ପରେ ହେଲା। ପ୍ରଥମ ପୋଥି ଓଡିଆଙ୍କର ଡାଏରୀ, ଯେମିତି ମାଦଳାପାଞ୍ଜି ଓ ଚଇନିଙ୍କ ଚକଡା। କାବ୍ୟକବିତା ତଥା ସାହିତ୍ୟ  ଜ୍ୟୋତିଷ ଲେଖା ହେଲା ଭାଷା ବିକଶିତ ହେଲା ପରେ। ଏପରିକି ପ୍ରାଚୀନ ମନ୍ତ୍ର ପୋଥିଗୁଡିକ ସଂସ୍କୃତ ଅପଭ୍ରଂଶର, ତହିଁରେ ବିକଶିତ ଓଡିଆର ବ୍ୟବହାର ନାହିଁ। ଲୋକ ଜୀବନରେ ଲେଖନର ପ୍ରବେଶରୁ ହିଁ ପଠନର ଆରମ୍ଭ। ସ୍ମୃତିର ସ୍ଥାନ ପୋଥି ନେଲାପରେ ଆବୃତ୍ତି ସ୍ଥଳରେ ମନନ ପ୍ରଧାନନିରବ ପଠନର ପରଂପରା ବି ସେଇଠୁ ଆରମ୍ଭ। ଏବେ ଯେଉଁ ଭାଷା ଆମେ କହୁଚେ ବା ଲେଖୁଚେ ତାର ଆରମ୍ଭ ପୋଥିରୁ, ଶିଳାଲେଖରୁ ନୁହେଁ।

ଜଗନ୍ନାଥ ଦାସଙ୍କ ପୂର୍ବରୁ ସାରଳା ମହାଭାରତରେ ପୋଥି ଲେଖନର ଯେଉଁ ଉତ୍କର୍ଷ ତହିଁରେ ମାନକ ଓଡିଆର ପ୍ରୟୋଗ ନ ହେବାର କାରଣ ମାତ୍ର ଏତିକି ଯେ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଲିଖିତ ଭାଷାର ମାନ ପ୍ରତିଷ୍ଠା ହୋଇନଥିଲା। ସାରଳା ଦାସ ସବୁ  ସୂତ୍ରକୁ ଆଣି ଏକାଠି କରିଥିଲେ, କିନ୍ତୁ

କେଉଁ ସୂତ୍ର କେଉଁଠି ଲାଗିବ ଓ କିଭଳି ସଂଚାଳିତ ହେବ, ସେ ତତ୍ତ୍ୱ ସ୍ଥିର କରିବା ପାଇଁ ଲୋଡାଥିଲା ଯୋଗଜନ୍ମା କବିଠୁ ବେଶି ଜଣେ ବିଚକ୍ଷଣ ପୁରାଣ ପଣ୍ଡାର। ଜଗନ୍ନାଥ ଦାସେ ଆମ ଭାଗ୍ୟକୁ କେବଳ ଜଣେ ବିଚକ୍ଷଣ ପୁରାଣ ପଣ୍ଡା ନ ଥିଲେ, ସେ ମଧ୍ୟ ଥିଲା ଆମ ଭାଷାର ପ୍ରଥମ ଭାଷ୍ୟକାର, ଆଦି ବୈୟାକରଣିକ। ଏ ସମସ୍ତ ବିବର୍ତନ ଥିଲା ତାଳପତ୍ର ଉପରେ ଲେଖା ଓଡିଆର। 'ଶିଳାକୀର୍ତ୍ତି' ଆମର ଅନ୍ୟତ୍ର, ଲିପିରେ

ନୁହେଁ। ସେ ଦିଗରୁ ତାଳପତ୍ର ଲେଖା ମାଦଳାପାଞ୍ଜି କୁ ଓଡିଆ ଲେଖନର ଆଦି ପ୍ରମାଣ ଭାବେ ଗ୍ରହଣ କରିନେଲେ ଯଥେଷ୍ଟ। ଟାଣି ଓଟାରି ପ୍ରାଚୀନରୁ ପ୍ରାଚୀନତର ହେବାର ଅଭିପ୍ରାୟରେ ଆଉ ବେଶି ପଛକୁ ଯିବାର ଆବଶ୍ୟକତା ନାହିଁ। ସେଭଳି ପ୍ରମାଣ ପ୍ରାୟ ପ୍ରତି ଜାତି ତା'ର ନିଜ ପ୍ରମାଣ ପାଇଁ ଶିଳାଲେଖରୁ ଖୋଜିପାଇବ, କାରଣ ସଂସ୍କୃତରୁ ବିକଶିତ ସମସ୍ତ ପ୍ରାକୃତ ଏକା ପ୍ରକାରର ରାସାୟନିକ ପ୍ରକ୍ରିୟା ଦେଇ ତାଙ୍କର ବିବିଧତାରେ ଉପନୀତ ହୋଇଛନ୍ତି। ପ୍ରକ୍ରିୟାଟି ସାମାଜିକ ଓ କିଛି ମାତ୍ରାରେ ସାଂସ୍କୃତିକ- ନୃତାତ୍ତ୍ୱିକ ପରିଗ୍ରହଣ ତଥା ବିନିମୟ ପରିଚାଳିତ, କିନ୍ତୁ ପରିଣତିଟି ବିସ୍ମୟକର ଭାବରେ ଅନନ୍ୟ। ଆଉ କାହାପାଇଁ ହେଉ ନ ହେଉ ଓଡିଆଙ୍କ ପାଇଁ ଭାଷା ବିକାଶର ପରିଣତି ଟି ଅନନ୍ୟ, ଲିପି ବି ଅନନ୍ୟ।

# ଟାଇମ୍ ପାସ୍

## କୈଳାଶ ତ୍ରିପାଠୀ

ପ୍ରତିମା ବେଦୀ

କବୀର ବେଦୀଙ୍କ ପତ୍ନୀ ଓ ପୂଜା ବେଦୀଙ୍କ ମାଆ ରୂପେ ଯେତିକି ନୁହେଁ ଜଣେ ପ୍ରତିଭାବତୀ, ମୁକ୍ତ ଓ ଦୁ:ସାହସିକ ମହିଳା ଭାବରେ ସ୍ୱର୍ଗତ ପ୍ରତିମା ବେଦୀ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ମଡେଲିଂରୁ ଅଭିନେତ୍ରୀ, ସେଇଠୁ ପୁଣି ଓଡିଶୀ ନୃତ୍ୟଶିଳ୍ପୀ- ଏମିତି ବିଭିନ୍ନ କ୍ଷେତ୍ରକୁ ପ୍ରବେଶ ଥିଲା 'ଅଶାନ୍ତ' ପ୍ରତିମାଙ୍କର। ଶେଷରେ ସେ ଲେଖିଥିଲେ ବି ନିଜର ଆତ୍ମକଥା 'ଟାଇମ୍ ପାସ୍'। ପେଙ୍ଗୁଇନ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ବେଶ୍ ବିତର୍କ ହୋଇଥିଲା। ଭାରତକୁ ଏମ୍‌ଟିଭି ସଂସ୍କୃତି ପ୍ରବେଶ କରିବାର ବହୁ ପୂର୍ବରୁ ସତୁରି ଦଶକରେ ବାଜିମାରି ଜୁହୁ ସମୁଦ୍ର କୂଳରେ ସଂପୂର୍ଣ୍ଣ ଉଲଗ୍ନ ହୋଇ ଚାଲିଥିବା ପ୍ରତିମାଙ୍କର ନିଜ ସଂପର୍କରେ ସେହି ନଗ୍ନ ସ୍ୱୀକାରକୁ ତାଙ୍କ ନିର୍ଲଜ ଦୁ:ସାହସର ଅନ୍ୟ ଏକ ରୂପ ବୋଲି ଅନେକ ସମାଲୋଚନା କରନ୍ତି। ସେହି ଆତ୍ମକଥାର କିଛି ଅଂଶର ଗଳ୍ପାୟନ:

ଯୌବନର ରଙ୍ଗ ଫିଟିବା ଆରମ୍ଭ କଲା ତ ମୁଁ ପରୀ ଭଳି ଯୋଡିଏ ରୂପେଲି ପର ଲଗାଇ ଉଡିଗଲି ଆକାଶକୁ। ଘରର ଆଦବକାଏଦା କୁ ମାରିଲି ଠୋକ୍କର। ବାପାଙ୍କ ବାରଣ ଯେତେ ଶକ୍ତ (ତାଙ୍କ ଚାପୁଡା ବି ଖାଇଚି), ତା'ଠୁ ସେତେ ଅଧିକ ମୁକ୍ତି ଖୋଜିଲି ଓ ମୁକ୍ତ ହୋଇଗଲି। ମୁକ୍ତି ଥିଲା ମୋ ସ୍ୱାଧୀକାରର ପ୍ରଶ୍ନ।

କଲେଜରେ ଦ୍ୱିତୀୟ ବର୍ଷରେ ପଡିଲା ବେଳକୁ ମୁଁ ଚଡିଯାଇଥିଲି ପ୍ରେମର ପ୍ରଥମ ପାହାଚ। ବରାବର ମୋର ପିଛାରେ ସମୟ ବିତାଉଥିବା ମୁସ୍‌ଲିମ୍ ଟୋକା ଜଲାଲ୍ ମୋତେ ଏତେଦୂର ପ୍ରଭାବିତା କଲା ଯେ ପରେ ପରେ ମୁଁ ବି ତାକୁ ପ୍ରେମ କରିବା ମୋର ଗୋଟିଏ ପରମ ଧର୍ମ ମନେକଲି। ଆଶ୍ଚର୍ଯ୍ୟ ବିଷୟ ହେଉଛି, ମୋ' ସହିତ ନିଭୃତ ନିକାଞ୍ଚନରେ ରାତିଦିନ ବିତାଇବାର ସୁଯୋଗ ମିଳିବା ସତ୍ତ୍ୱେ ଜଲାଲ୍ ମୋତେ କେବେ ଦେହ ମାଗି ନଥିଲା। ସେଥିପାଇଁ ବୋଧହୁଏ ମୁଁ ତାକୁ ସ୍ୱେଚ୍ଛାରେ ଦେହ ଦେଲି ଦିନେ। କିନ୍ତୁ ହଁ, ଏଇ ଦେହ ବାବଦରେ ଜଲାଲ୍ ମୋ ଯୌବନଯୁକ୍ତ ଜୀବନର ପ୍ରଥମ ପୁରୁଷ ନଥିଲା। କେତେ ପୁରୁଷଙ୍କ ପଦପାତ ଘଟିଥିଲା ଆଗରୁ। ହେଲେ ଜଲାଲ୍ ଭଳି ମୁଁ କାହାରିକୁ ଏତେ ଭଲ ପାଉନଥିଲି। ଜଲାଲ୍ ସହିତ ଦୈହିକ ସଂପର୍କକୁ ଅବଶ୍ୟ ମୁଁ ଏତେ ଖାସ୍ କିଛି ଉପଭୋଗ କରି ନ ଥିଲି। ମୋର ମନେ ହେଲା, ଏ ସବୁ ସ୍ୱାଭାବିକ ଓ ଗୋଟେ ପ୍ରକାର। ତଥାପି ଯୌନକୁ ଏତେ ଗୁରୁତ୍ୱ ଦିଆଯାଏ କାହିଁକି?

ଛାଡନ୍ତୁ।

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଜଲାଲ୍ ତା'ପରେ ଗଲା ଆମେରିକା। ପାଠ ପଢିଲା। ସେଇଠି ଆମ ପ୍ରେମର ସମାଧି ହୋଇଗଲା। କିଛି ଲୁହ-ସ୍ମୃତି-ଅନିଦ୍ରା ପରେ ସବୁ ଚାଲିଲା ଠିକ୍ ଠାକ୍। ତା'ପରେ ମୋ ମନ ଦରଜାରେ ଠକ୍ ଠାକ୍ କଲେ ଜଣେ ପାଇଲଟ୍। ମୋ ସାନ ଭଉଣୀର ବାନ୍ଧବୀର ସେ ଥିଲେ ବଡ ଭାଇ। ତାଙ୍କର ବି ଥିଲେ ଅନେକ ବାନ୍ଧବୀ। ଖୁବ୍ ରୋମାଣ୍ଟିକ୍ ଯୁବକ। ଚେହେରା କମ ନୁହେଁ। ଝିଅଙ୍କୁ ଫସେଇବା ପାଇଁ ତାଙ୍କର ବ୍ୟକ୍ତିତ୍ୱ ଯଥେଷ୍ଟ ଥିଲା ଓ ତାଙ୍କ ପାଖରେ ଝିଅମାନେ ବି ଛାଁ କୁ ଛାଁ ଫସିଯିବାରେ ଗର୍ବ ଅନୁଭବ କରୁଥିଲେ। ସେ ମୋତେ କିନ୍ତୁ ଫସେଇବାର ଉଦ୍ୟମ କଲେ ଓ ମୁଁ ବି ଅତି ସହଜରେ ଫସିଗଲି।



ବାପାଙ୍କ କ୍ରୋଧ, ରୁଦ୍ର କଟକଣା ସତ୍ତ୍ୱେ ମୁଁ ବାହାରକୁ ଚାଲିଯାଉ ଥିଲି ବରାବର। ନାଇଟ୍ କ୍ଲବ୍, ପାର୍ଟି, ସବୁଠି ବିତାଉଥିଲି ରାତି। ଖୁବ୍ ଅନ୍ତରଙ୍ଗ ହେଉଥିଲି ପୁରୁଷ ବନ୍ଧୁଙ୍କ ସହ। ବାପା ଖୁବ୍ ରକ୍ଷଣଶୀଳ ସ୍ୱଭାବର ହେଲେ ମଧ୍ୟ ମୋତେ ସାଧାରଣତଃ କୁହାଯାଉଥିଲା 'ଚାଲୁ'। ଯେଉଁମାନେ ମୋତେ ଚାଲୁ ପଦବୀରେ ବସେଇଥିଲେ, ମୁଁ ଅବଶ୍ୟ ସେମାନଙ୍କୁ 'ମହାଚାଲୁ' ମନେ କରୁଥିଲି। ବାହାରକୁ ସରଳ ଓ ସତୀର ଅଭିନୟ କରୁଥିବା ସେହି ମହିଳା ଓ ଝିଅମାନେ କିନ୍ତୁ ଗୋପନରେ କମ୍ କାଣ୍ଡକାରଖାନା କରୁ ନଥିଲେ। ଯାବତ୍ ବ୍ୟତିକ୍ରମିତ ଉପାୟରେ ସେମାନେ ଦେହର ଭୋକ ମାଗୁଥିଲେ। ପ୍ରଭେଦ ଏତିକି, ମୁଁ ସ୍ୱାଭାବିକ ଆନନ୍ଦକୁ ମୁକ୍ତ ଉପଭୋଗ କରୁଥିଲି ଓ ସେମାନେ ଗୁପ୍ତରେ ଗ୍ରହଣ କରୁଥିଲେ ଅପ୍ରାକୃତିକ ସୁଖ।

ଯା'ହେଉ ପାଇଲଟ୍ଙ୍କ ସହିତ ପାର୍କ, ରେଷ୍ଟୁରାଣ୍ଟ, ସିନେମା ଦେଖିବାରେ କଟିଲା କିଛି ଦିନ କିଛି ରାତି। ଦିନେ ରାତିରେ ଖୁବ୍ ମଦ ପିଇ ମୁଁ ଅର୍ଦ୍ଧ ଚେତନ ଅବସ୍ଥାରେ 'ରେନ୍ ଡେଭିୟୁ' ରେଷ୍ଟୁରାଣ୍ଟରେ ଶୋଇ ପଡିଥିବା ବେଳେ ପାଇଲଟ୍ ତାଙ୍କର ସ୍ୱାର୍ଥ ହାସଲ କରିନେଲେ। ନିଦ ଭାଙ୍ଗିବା ପରେ ମୁଁ ଅନୁଭବ କଲି

ରାତିରେ କିଛି ଝଞ୍ଜା ବହିଯାଇଛି ମୋ ଉପରେ। ମୁଁ ଭାଙ୍ଗି ପଡିଲି। ମୋର ମନେ ହେଲା, ମୋ ପ୍ରିୟ ପୁରୁଷ ଜଲାଲ୍ ସହିତ ମୁଁ ପ୍ରତାରଣା କରିଛି। କାରଣ ସେ ବାରମ୍ବାର କହିଥିଲା- 'ମୁଁ ଫେରିବି। ତମକୁ ବାହା ହେବି। ଅପେକ୍ଷା କରିଥିବ।'

ମୁଁ କଣ ଅପେକ୍ଷା କଲି? କିଛି ରଖିଲି ତା'ପାଇଁ? କିଛି ବାକି?

ଲୁହ ଆସିଲା ଆଖିରେ। ଦିଶିଲା ଜକ୍ ଜକ୍। ପାଇଲଟ୍ କ୍ଷମା ମାଗିଲେ। କହିଲେ, 'ମୁଁ ଭୂଲ୍ କରି ଦେଇଛି ନିଜ ଅଜାଣତରେ। ମଦ ତୁମକୁ ବେହୋସ କରିଥିଲା। ମୋତେ ଅନ୍ଧ।'

ମୁଁ ତାଙ୍କୁ କ୍ଷମା କଲା ପରେ ସେ ପୁଣି ମୋତେ କହିଥିଲେ, ମୁଁ ଆଉ ଭୂଲ୍ କରିବାକୁ ଚାହୁଁନି। କିନ୍ତୁ ପୁଣି ଥରେ ତୁମକୁ ଚାହୁଁଛି। ଆଉ ଥରଟିଏ ମାତ୍ର। ତୁମ ସ୍ୱୀକୃତି?

ଆଶ୍ଚର୍ଯ୍ୟର କଥା, ମୁଁ ତାଙ୍କୁ ପୁଣି ଆପଣାର କଲି? ସେଇ ଅନୁଭବ। ମୋତେ ଲାଗିଲା, ତାଙ୍କ ଭଳି ଜଣେ ପରିପକ୍ୱ ବ୍ୟକ୍ତିତ୍ୱଙ୍କ ଆମନ୍ତ୍ରଣ ମୋ ପ୍ରତି ଗୋଟେ ଆଶୀର୍ବାଦ ଠାରୁ କମ୍ ନାହିଁ। ପାଇଲଟ୍ଙ୍କ ପରେ ମୋ ଜୀବନକୁ ଚାଲିଆସିଲା ଗୋଟିଏ ଯୁବକ ଡିଙ୍କି। ତା ସହିତ ମୁଁ ପ୍ରାୟ ପ୍ରତିଦିନ ଗୋଟିଏ ଶେଯରେ

ଶୋଉଥିଲି।

ଯା'ପରେ ହେଲି ଏୟାର ହୋଷ୍ଟେସ୍। ଏୟାର ଇଣ୍ଡିଆରେ କିନ୍ତୁ ଯୋଗ ଦେଇ ପାରିଲିନି। ବାପା ଅସହଯୋଗ କଲେ। ମଡେଲିଂ କରୁଥିଲି କଲେଜ ଜୀବନରେ। ବାପା ଜାଣିନଥିଲେ। ପରେ ଯେତେବେଳେ ବମ୍ବେ ଡାଇଂ ମୋର ବିକିନି ପିନ୍ଧା ଫୋଟ ପ୍ରକାଶ କଲେ 'ଟାଇମ୍ସ ଅଫ୍ ଇଣ୍ଡିଆ'ରେ ବାପା ପ୍ରକାରାନ୍ତରେ ମୋତେ ଘରୁ ବାହାର କରିଦେଇଥିଲେ।

ମୁଁ ତା'ପରେ ରୀତିମତ ଗୋଟେ ମୁକ୍ତ ବିହଙ୍ଗ ପାଲଟିଗଲି ଓ ପୁରା ସମୟ ଦେଇ ଯୋଗଦେଲି ମଡେଲିଂର ଝିଲ୍‌ମିଲ୍ ସାମ୍ରାଜ୍ୟରେ। ଅର୍ଥ ପ୍ରତିଷ୍ଠା ଯଥେଷ୍ଟ ପାଇଲି। ଘନିଷ୍ଠ ହେଲି ସହ ମୋଡେଲ୍ ଶୋଭା ରାଜାଧ୍ୟକ୍ଷ (ଦେ), କ୍ରାଫୋର୍ଡ, ଆଦାବେଲା ଓ ମେହେର ମିସ୍ତ୍ରୀଙ୍କ ଭଳି ସ୍ୱନାମଧନ୍ୟ ମାନଙ୍କ ସହିତ।

ପିଲାଟିବେଳୁ ମୁଁ ଥିଲି ସ୍ୱାଧୀନଚେତା। ଘରର ଚାରିକାନ୍ଥ ଓ ଚୌକାଠର ପଞ୍ଜୁରୀରେ ରହିବା ମୋ ଜାତକରେ ନଥିଲା। ସଂପୂର୍ଣ୍ଣ ମୁକୁଳା ମନ ଓ ଉପଭୋଗର ଭିତ୍ତି ଉପରେ ଗଢାଥିଲା ମୋ ଜୀବନ। ଯା' ଚାହିଁଲି କଲି। ଯା' ଚାହିଁଲି ପାଇଲି। ଦୁନିଆ ପ୍ରତି ମୋର ଭୟ ନଥିଲା। ସମାଜର ଭ୍ରୂକୁଞ୍ଚନକୁ ମୁଁ ଆଡ ଆଖିରେ ଅନାଉ ନଥିଲି। ମୁଁ, ମୋ ଇଚ୍ଛା, ଲକ୍ଷ୍ୟ, ଉପଲକ୍ଷ୍ୟ, ସବୁଥିଲା ଏକାନ୍ତ ମୋର। ମୋ ଦେହ, ମୋ ମନ, ଜୀବନ, ସବୁଥିଲା ମୋର। ମୋ ଉପରେ ମୋ ଛଡା ଆଉ କାହାର ସ୍ୱତ୍ୱ ବେଶି? ମୋର ମାଲିକ ତ ମୁଁ?

ମୁଁ ଯେତେବେଳେ ଆମୂଳଚୂଳ ମୋର, ମୋତେ କିଏ ଅବା ପୁଣି ବଶମ୍ବଦ କରି ରଖି ପାରିଥାନ୍ତା? ତେଣୁ ମୁଁ ଯାହାବି କରିଚି, ସେଥି ପାଇଁ ଦିନେ ହେଲେ ପଶ୍ଚାତାପ କରିନି। କାହିଁକି କରିଥାନ୍ତି ବି?

ଯାହା କହୁଚି ଗଳ୍ପ ନୁହେଁ। ମୋତେ କିନ୍ତୁ ଲାଗେ, ଏ ସବୁ ଯଦି ଗଳ୍ପ ନୁହେଁ, ତା'ହେଲେ ଗଳ୍ପ ବୋଲି କିଛି ନାହିଁ।

'କଳ୍ପନାଲୋକ', ୯୧୫,

ହାଉସିଂ ବୋର୍ଡ କଲୋନୀ, ଫେଜ୍-୨,

ଡୁମୁଡୁମା, ଭୁବନେଶ୍ୱର

# ରୋଗ ଓ ଚିକିତ୍ସା ଥାଏ ମନରେ

ଏଇଟି ମୋ କଥା ନୁହେଁ, ଜଣେ ଡାକ୍ତରଙ୍କ କଥା। ସେ ଡାକ୍ତର କହନ୍ତି ଅନ୍ୟାନ୍ୟ କାରଣ ଯାହା ହେଉ ପଛେ, ରୋଗ ମଣିଷର ମନରୁ ଆରମ୍ଭ ହୋଇଥାଏ ଏବଂ ରୋଗର ଚିକିତ୍ସା ବି ଆମ ମନରେ ଥାଏ। ଏଇ କଥାଟି ବୁଝାଇବାକୁ ଯାଇ ଯୋଡିଏ ଉଦାହରଣ ଦେଇଥିଲେ।

ବିଲାତର ଜଣେ ମହିଳାଙ୍କ ମନରେ ଗୋଲାପଫୁଲ ଦେଖିଲା ମାତ୍ରେ ଗୁଡିଏ ଅସ୍ୱାଭାବିକ ପ୍ରତିକ୍ରିୟା ସୃଷ୍ଟି ହେଉଥିଲା। ଗୋଲାପଫୁଲ ଦେଖିବା ମାତ୍ରେ ତାଙ୍କ ଆଖି ପାଣି ସରସର ହୋଇ ଉଠୁଥିଲା, ନାକରୁ ପାଣି ବାହାରୁଥିଲା, ମୁହଁ ଲାଲ୍ ପଡିଯାଉଥିଲା ଏବଂ ସେ ଛିଙ୍କିବାକୁ ଆରମ୍ଭ କରି ଦେଉଥିଲେ। ଦିନକର କଥା ସେ ଗୋଟିଏ ପାଠଚକ୍ରରେ ଯୋଗ ଦେବାକୁ ଯାଇ ହଲ୍‌ରେ ପହଞ୍ଚି ଦେଖିଲେ ଯେ ଗୋଟିଏ ବଡ ଟେବୁଲ୍ ଉପରେ ମେଞ୍ଚା ମେଞ୍ଚା ଗୋଲାପଫୁଲ ସଜା ହୋଇଛି। ଗୋଲାପଫୁଲ ଗୁଡିକୁ ଦେଖୁ ଦେଖୁ ତାଙ୍କର ଅସ୍ୱାଭାବିକ ପ୍ରତିକ୍ରିୟା ଆରମ୍ଭ ହୋଇଗଲା। ଛିଙ୍କ ପରେ ଛିଙ୍କ ଲାଗିରହିଲା। ଏହି ଅବସ୍ଥାରେ ସେ ଲକ୍ଷ୍ୟକଲେ ଯେ ସଜେ ହୋଇଥିବା ଫୁଲ ସବୁ ନକଲି, ଗୋଲାପଫୁଲ ଗୁଡିକ ବାସ୍ତବ ନୁହେଁ, ସେଗୁଡିକ କାଗଜ ଗୋଲାପ। ସାଙ୍ଗେ ସାଙ୍ଗେ ସବୁ ଅସ୍ୱାଭାବିକ ପ୍ରତିକ୍ରିୟା ବନ୍ଦ ହୋଇଗଲା ଓ ସେ ସୁସ୍ଥ ଅନୁଭବ କଲେ।

ଅନ୍ୟ ଏକ ଉଦାହରଣ ହେଲା ଦ୍ୱିତୀୟ ମହାଯୁଦ୍ଧ ବେଳର ଗୋଟିଏ ପରୀକ୍ଷାକୁ ନେଇ। ଏ ପରୀକ୍ଷାର ଉଦ୍ଦେଶ୍ୟଥିଲା ମଣିଷର

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଚିନ୍ତାଧାରା କେମିତି ମୃତ୍ୟୁକୁ ଦ୍ରୁତତର କରିଦେଉଛି- ସେ କଥା ପ୍ରମାଣ କରିବା। ଦୁଇଜଣ ଯୁଦ୍ଧ ବନ୍ଦୀ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିଲେ। ସେମାନଙ୍କୁ ଜଣାଇ ଦିଆଗଲା ଯେ ସେମାନଙ୍କ ଦେହରୁ ଟୋପାଏ ଟୋପାଏ ରକ୍ତ ନିଗାଡି ଦିଆଯିବ, ତଦ୍ୱାରା ଦେଖାଯିବ କେତେ ସମୟ ଲାଗୁଛି ସେମାନଙ୍କ ଜୀବନ ଯିବାପାଇଁ। ସେମାନଙ୍କୁ ଦୁଇଗୋଟି ଅଲଗା ଅଲଗା କୋଠରୀରେ ରଖାଯାଇ ଶୁଆଇ ଦିଆଯିବା ପରେ ସେମାନଙ୍କ ଦେହରୁ ରକ୍ତ ବାହାର କରିବାପାଇଁ ଯନ୍ତ୍ରପାତି ଖଞ୍ଜିଦିଆ ଗଲା ଏବଂ ସେମାନଙ୍କୁ ଜଣାଇ ଦିଆଗଲା ଯେ ପ୍ରତି ଟୋପା ରକ୍ତ ନିଗିଡି ତଳେ ପଡିବାମାତ୍ରେ ଗୋଟିଏ ପ୍ରକାର ଶବ୍ଦହେବ। ଏମିତି କିଛି ସମୟ ରକ୍ତ ବାହାର କରିବା ପରେ ଗୋଟିଏ ବନ୍ଦୀର ଦେହରୁ ରକ୍ତ ବାହାର କରାଗଲା ନାହିଁ, ମାତ୍ର ଶବ୍ଦ ଚାଲୁ ରଖାଗଲା। ଦେଖଗଲା ଯେ ଯେଉଁ ବନ୍ଦୀ ଦେହରୁ ସବୁ ରକ୍ତ ବାହାର କରି ନିଆଯାଇଥିଲା ଓ ଯେଉଁ ବନ୍ଦୀ ଦେହରୁ ରକ୍ତ ବାହାର ନ କରି କେବଳ ଶବ୍ଦ ଶୁଣାଇ ଦିଆଯାଇଥିଲା, ସେ ଦୁଇଜଣ ପ୍ରାୟ ଏକ ସମୟରେ ମରିଗଲେ। ଏଥିରୁ ଚିକିତ୍ସାବିତ୍ ମାନେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଜଣେ ଯଦି ଭାବିବ ସେ ନିର୍ଧାର୍ଯ୍ୟ ବଞ୍ଚିବ, ସେ ବଞ୍ଚିରହିବ, ଅପରପକ୍ଷରେ ଯଦି ଜଣେ ଭାବିବ ତା ଦିନ ସରିଗଲା, ତା'ର ଦିନ ପ୍ରକୃତରେ ସରିଯିବ। ଏ ବିଷୟରେ ଗବେଷଣା କରିଥିବା ଡାକ୍ତର ମତ ଦେଇଛନ୍ତି ଯେ ସକାରାତ୍ମକ ଚିନ୍ତାଧାରା ଦେହ ଓ ମନ ଉପରେ ପ୍ରଭୂତ ପ୍ରଭାବ ପକାଇଥାଏ। ଏହାର ବିପରୀତ ଚିନ୍ତା ତୁମର ଦୁଃଖ ଦୁର୍ଦ୍ଦଶାକୁ କେବଳ ଟାଣି ଆଣିବନି, ଦୁଃଖଦୁର୍ଦ୍ଦଶାକୁ ତ୍ୱରାନ୍ୱିତ କରିଦେବ।

## ଦୁଇ ହଜାର ଛଅର ଓଡିଆ ସିନେମା

### ସଂଖ୍ୟା ଖେଳରେ ପଛୁଆ

ସବୁ ବର୍ଷପରି ଦୁଇ ହଜାର ଛଅ ବି ପୁରୁଣା



ହୋଇଯିବ। ସିନେମା ଦୁନିଆର ଜୁଆର ଭଟ୍ଟା ବଦଳିବ। ପୁରୁଣା ମେକ୍‌ଅପ୍ ପୋଛି ୨୦୦୭ର ନୁଆ ମହୁରତ୍ ପାଇଁ ଦର୍ପଣ ସାମ୍ନାରେ ଠିଆ ହେବେ ସିନେ କଳାକାର। ସ୍ମୃତି ହୋଇଯିବ ୨୦୦୬ର ସିନେମା। ଧାରେ ହସ ଓ ଗାରେ ଲୁହରେ ଚିକ୍‌ଚିକ୍ କରୁଥିବ ଗଲା ବର୍ଷର ରୁପେଲି ପରଦା।

ଏହି ଡିସେମ୍ବରରେ ଆଉ କୌଣସି ନୁଆ ଓଡିଆ ସିନେମା ରିଲିଜ୍ ହେବାର ନାହିଁ। ୨୦୦୬ରୁ ୨୦୦୭ର ଯିବା ଆସିବା ମୋଡରେ ଗୋଟିଏ ବର୍ଷର ହିସାବ ନିକାଶ କରାଯାଉ। ଏହି ବର୍ଷ ରିଲିଜ୍ ହୋଇଛି ବାରଟି ସିନେମା। ଗତବର୍ଷ ତାଲିକାରୁ ଦୁଇଟି କମ୍। ଏହି ସଂଖ୍ୟାରୁ ଡବିଂ ସିନେମାକୁ ବାଦ୍ ଦିଆଯାଇଛି। ଏହି ସବୁ ସିନେମା ଯେ ଓଡିଆ ସିନେମାର ଏକ ଅଂଶ ଏହି ତତ୍ତ୍ୱକୁ ଅଧିକାଂଶ ସିନେ ସମୀକ୍ଷକ, ପ୍ରଯୋଜକ ଓ ନିର୍ଦ୍ଦେଶକ ଅସ୍ୱୀକାର କରନ୍ତି।



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



୨୦୦୬ର ସିନେମା ସଂଖ୍ୟା ଉପରେ ଯଦି ନଜର ପକାଯାଏ ତେବେ ଜଣାଯିବ ଯେ ଏହି ବର୍ଷ ସିନେମା ରିଲିଜ୍ ସଂଖ୍ୟା କମିଛି।୨୦୦୧,୦୨,୦୩,୦୪,୦୫ ଓ ୦୬ ବର୍ଷରେ ରିଲିଜ୍ ହୋଇଥିବା ସିନେମା ସଂଖ୍ୟା ଥିଲା ଯଥାକ୍ରମେ, ଛଅ, ଆଠ, ଦଶ, ତେର, ଚଉଦ ଓ ବାର। ତେବେ ଡବିଂ ସିନେମା ସଂଖ୍ୟା ମଧ୍ୟ କମି କମି ଯାଉଛି।

୨୦୦୬ର ସିନେ କାହାଣୀ ଧାରାକୁ ଯଦି ପରଖାଯାଏ, ଦେଖାଯିବ ଯେ ମସଲାଧର୍ମୀ କାହାଣୀ ସଂଖ୍ୟା ଏଠି ଅଧିକ। ଜୟ ଶ୍ରୀ ରାମ୍, ବାବୁ ଆଇ ଲଭ୍ ୟୁ, ଥାଙ୍କ୍ ୟୁ ଭଗବାନ, ପ୍ରେମଋତୁ ଆସିଲା ରେ, ଆଇ ଲଭ୍ ମାଇଁ ଇଣ୍ଡିଆ, ଦେ ମା ଶକ୍ତି ଦେ ଏହି ପର୍ଯ୍ୟାୟରେ ଯିବେ। ପାରିବାରିକ କାହାଣୀ ନେଇ ଆସିଥିବା ସିନେମା ହେଉଛି, ମୋ ସୁନା ପୁଅ, ଭାଗ୍ୟଚକ୍ର। ଶିଶୁ ମାନସିକତାକୁ ସ୍ପଷ୍ଟ କରୁଥିବା ସିନେମା ହେଉଛି ପୂଜା ପାଇଁ ଫୁଲଟିଏ। 'ପରୀମହଲ୍' ଏକ ନିରୁତା ପ୍ରେମ କାହାଣୀ ନେଇ ଆସିଥିଲା।

୨୦୦୬ରେ ଅଧିକାଂଶ ସିନେମାରେ ଚମକ ଦମକକୁ ବ୍ୟବହାର କରାଯାଇଛି। ଯେମିତି ଜୟ ଶ୍ରୀ ରାମ୍‌ରେ ଅଧିକ ଡିସୁମ୍ ଡାସୁମ୍, ବାବୁ ଆଇ ଲଭ୍ ୟୁ ରେ କୁକୁରର କାରନାମା, ଦେ ମା ଶକ୍ତି ଦେ ରେ କଙ୍କାଳ ଚମକ, ଥାଙ୍କ୍ ୟୁ ଭଗବାନରେ ଆକ୍ସନ୍ ଆଉ ପ୍ରେମଋତୁ ଆସିଲାରେ ଏବଂ ଆଇ ଲଭ୍ ମାଇଁ ଇଣ୍ଡିଆରେ ଅତ୍ୟଧିକ ହିଂସାର ଦମକ। ଆଗରୁ ଏ କଥା ବାରମ୍ବାର କୁହାଯାଇଛି ଯେ ଓଡିଆ ସିନେମାରେ ତିନିଟି ରିଲିଜ୍ ଋତୁ, ନୁଆବର୍ଷ, ରଜ ଓ ଦୁର୍ଗାପୂଜା। ଏହି ତିନିଟି ଋତୁକୁ ଆଖି ଆଗରେ ରଖି ସିନେମା ତିଆରି ଓ ରିଲିଜ ଚାଲିଛି। ଫଳରେ ଅଧିକାଂଶ ଋତୁରେ ଦୁଇ ତିନିଟି ଓଡିଆ ସିନେମା ପରସ୍ପର ସହ ଲଢେଇ କରି କ୍ଷତି ସହୁଛନ୍ତି।

୨୦୦୬ର ପ୍ରଥମ ସିନେମା ଥିଲା ଜୟ ଶ୍ରୀ ରାମ। ଜମି ମାଫିଆଙ୍କ ଚକ୍ରାନ୍ତ ଓ ଗ୍ୟାଙ୍ଗୱାର୍ ଥିଲା ଏହାର କାହାଣୀ। ଆରମ୍ଭରେ ଏହା ଭଲ ବ୍ୟବସାୟ କରିଥିଲା। ପରେପରେ ମାନ୍ଦା ପଡିଗଲା। ଅଧିକ ଆକ୍ସନ୍ ଓ ଫାଇଟିଂ ଚାପରେ ଦବିଗଲା

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ




କାହାଣୀ।

ଏହି ବର୍ଷର ଦ୍ୱିତୀୟ ସିନେମା, ବାବୁ ଆଇ ଲଭ୍ ୟୁ। ଏହା ଥିଲା ମନୋରଞ୍ଜନଧର୍ମୀ ପ୍ରେମକାହାଣୀ,

ଯେଉଁଥିରେ ଥିଲା ଅଦ୍ଭୁତ କିମିଆ। ଓଡିଆ ସିନେ ଇତିହାସରେ ଏହି ସିନେମା ଏଥିପାଇଁ ଏକ ରେକର୍ଡ ହୋଇ ରହିବ ଯେ, ପ୍ରଥମ ଥର ପାଇଁ ଦୁଇଟି ୟୁନିଟ୍‌ରେ ସୁଟିଂ ହୋଇଥିଲା ଓ ମାସେ ଭିତରେ ନିର୍ମାଣ କାର୍ଯ୍ୟ ସରିଥିଲା। ଏହା ଥିଲା ବର୍ଷର ପ୍ରଥମ ହିଟ୍ ସିନେମା।

ତୃତୀୟ ସିନେମା ହେଉଛି ମୋ ସୁନା ପୁଅ। ପାରିବାରିକ କାହାଣୀ ନେଇ ନିର୍ମିତ ଏହି ସିନେମା ଅଶି ଦଶକର ସିନେମା ପରି ଲାଗିଲା। ବ୍ୟବସାୟ ଆଭେରେଜ୍ ହେଲା। ଚତୁର୍ଥ ସିନେମା ହେଲା ଫେରି ଆ ମୋ ସୁନା ଭଉଣୀ। ସ୍ୱଳ୍ପ ବଜେଟରେ ନିର୍ମିତ ଏହି ସିନେମା ଖାସ୍ ଫରକ ପକାଇ ପାରିଲାନାହିଁ। ଏବଂ ବହୁତ କମ ଦିନରେ ହିଁ ସିନେମା ଗୃହରୁ ଗାୟବ୍ ହୋଇଗଲା। କାହାଣୀ ତେଲୁଗୁ ସିନେମା ପରି ଲାଗିଲା। ଏହା ଥିଲା ବର୍ଷର ପ୍ରଥମ ଫ୍ଲପ୍ ଫିଲ୍ମ, ଆଉ ଗୋଟିଏ ହେଲା ପ୍ରିୟ ମୋ ଆସିବ ଫେରି। ଟେକ୍‌ନିକ୍ ଓ ଅଭିନୟ ତଥା ନିର୍ଦ୍ଦେଶନା କ୍ଷେତ୍ରରେ ଥିଲା ଦୁର୍ବଳ।

ରଜରେ ରିଲିଜ ହେଲା ଦୁଇଟା ସିନେମା, ପ୍ରେମ ଋତୁ ଆସିଲା ରେ ଏବଂ ଥାଙ୍କ ୟୁ ଭଗବାନ। ଉଭୟ ସିନେମାରେ ଥିଲା ପ୍ରେମ ଆଉ ଆକ୍ସନ୍। ଦୁଇଟାଯାକ ସିନେମା ଆଭରେଜ୍ ବ୍ୟବସାୟ କଲେ। ଏହାପରେ ଦୁର୍ଗାପୂଜା ପୂର୍ବରୁ ଆସିଲା ଆଉ ଦୁଇଟି ସିନେମା ଦେ ମା ଶକ୍ତି ଦେ ଏବଂ ଭାଗ୍ୟଚକ୍ର। ଉଭୟ ସିନେମା ଏତେ ଭଲ ବ୍ୟବସାୟ କରିପାରିଲା ନାହିଁ। ଭାଗ୍ୟଚକ୍ରରେ ଥିଲା ପାରିବାରିକ କାହାଣୀ ଆଉ ଦେ ମା ଶକ୍ତି ଦେରେ ଥିଲା ତାନ୍ତ୍ରିକ ଆଉ କଙ୍କାଳର କାରନାମା।

୨୦୦୬ର ଦୁର୍ଗାପୂଜା ବେଳେ ଓଡିଆ ସିନେମାରେ ଏକ ଚମକପ୍ରଦ ଘଟଣା ଘଟିଲା। ଏକା ଦିନେ ରିଲିଜ ହେଲା ତିନିଟି ସିନେମା। ପରୀମହଲ, ଆଇ ଲଭ ମାଇଁ ଇଣ୍ଡିଆ ଓ ପୂଜା ପାଇଁ ଫୁଲଟିଏ। ରହସ୍ୟ ଜାଲରେ ଛନ୍ଦା ଛନ୍ଦି ପରୀମହଲ ଏକ ନିରୁତା ପ୍ରେମ କାହାଣୀ। ଆଇ ଲଭ ମାଇଁ ଇଣ୍ଡିଆରେ ବି ଅଛି ପ୍ରେମ କିନ୍ତୁ ତାହା ସହିତ ଯୋଖି ହୋଇଛି ସନ୍ତ୍ରାସବାଦର ଏକ କାହାଣୀ। ପୂଜା ପାଇଁ ଫୁଲଟିଏ ଏକ ନବ୍ୟତରଙ୍ଗ ସିନେମା ବା ବାସ୍ତବ ସିନେମା ପର୍ଯ୍ୟାୟଭୁକ୍ତ। ବାନ୍ଧବୀର ବାନ୍ଧବୀ ପ୍ରତି ପ୍ରେମ ଏହି କାହାଣୀ।

ଏହି ବର୍ଷ ଓଡିଆ ସମାନ୍ତର ସିନେମା ତାଲିକାରେ ଯୋଡି ହେଇଚି ଆଉ ଏକ ନାମ। 'କଥାନ୍ତର' ସମାନ୍ତର ସିନେମା ଏହି ବର୍ଷ ନିର୍ମାଣ ହୋଇଛି।

ବ୍ୟବସାୟିକ ଦୃଷ୍ଟିରୁ ଯଦି ଦେଖାଯାଏ ୨୦୦୬ର ଅଧିକାଂଶ ସିନେମା ଏତେ ଭଲ ବ୍ୟବସାୟ କରିନାହାନ୍ତି। ସଂଖ୍ୟା ଦୃଷ୍ଟିରୁ ଓଡିଆ ସିନେମା ତ କମ ହୋଇଛି ତା ସହିତ ବ୍ୟବସାୟିକ


ଥ୍ୟାଙ୍କ୍ ୟୁ ଭଗବାନ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ସଫଳତା ମଧ୍ୟ କମ୍ ଓଡ଼ିଆ ସିନେମା ପାଇଛନ୍ତି। ତେବେ ୨୦୦୬ ଓଡ଼ିଆ ସିନେମା ପାଇଁ ଏକ ଶୁଭ ସୁଚନା ନେଇ ଆସିଛି। ତାହା ହେଲେ ନିର୍ଦ୍ଦେଶନା ଓ ଅଭିନୟ କ୍ଷେତ୍ରରେ ଅନେକ ନୁଆ ମୁହଁ ଯୋଡ଼ି ହୋଇଛନ୍ତି। ଏହି ବର୍ଷ ଯଥାର୍ଥରେ ଥିଲା ନବାଗତଙ୍କ ସିନେମାର ବର୍ଷ। ସେମାନେ ଆଗାମୀ ଦିନରେ ଓଡ଼ିଆ ସିନେମାକୁ ନୂଆ ଧାରା ଦେବେ ବୋଲି ଆଶା ରଖାଯାଉ।

### ସିନେମା ୨୦୦୬

ଜୟ ଶ୍ରୀ ରାମ; ତୃପ୍ତି ବିଶ୍ୱାଳ

ବାବୁ, ଆଇ ଲଭ୍ ୟୁ; ମଳୟ ମିଶ୍ର ଓ ସଞ୍ଜୟ ନାୟକ

ମୋ ସୁନା ପୁଅ; ଜ୍ୟୋତିପ୍ରକାଶ

ଫେରିଆ ମୋ ସୁନା ଭଉଣୀ; ରଣଜିତ୍ ମହାନ୍ତି

ପ୍ରିୟା ମୋ ଆସିବ ଫେରି; ସୁରଜ ମିଶ୍ର

ପ୍ରେମଋତୁ ଆସିଲା ରେ; ସୁଧାଂଶୁ ସାହୁ

ଥ୍ୟାଙ୍କ୍ ୟୁ ଭଗବାନ; ହର ପଟ୍ଟନାୟକ

ଦେ' ମା ଶକ୍ତି ଦେ; ସଞ୍ଜୟ ନାୟକ

ଭାଗ୍ୟଚକ୍ର; ଗୋପାଳ ଯୋଗେଶ

ପରୀମହଲ; ଚୌଧୁରୀ ବିକାଶ ଦାସ

ଆଇ ଲଭ୍ ମାଇଁ ଇଣ୍ଡିଆ; ସଂଗ୍ରାମ ବିଶ୍ୱାଳ

ପୂଜା ପାଇଁ ଫୁଲଟିଏ; ଗଦାଧର ପୁଟି

### ନୂଆ ମୁହଁ

ନିର୍ଦ୍ଦେଶକ; ତୃପ୍ତି ବିଶ୍ୱାଳ (ଜୟ ଶ୍ରୀ ରାମ)

ପ୍ରଯୋଜକ; ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅଜିତ୍ ମିଶ୍ର (ବାବୁ ଆଇ ଲଭ୍ ୟୁ)

ମଳୟ ମିଶ୍ର (ସିନେ ନିର୍ଦ୍ଦେଶନା)

ଚନ୍ଦନ (ନାୟକ)

ସମରେଶ (ମୋ ସୁନାପୁଅର ନାୟକ)

ଜୀନା (ଫେରି ଆ ମୋ ସୁନା ଭଉଣୀର ନାୟିକା)

ଅରିନ୍ଦମ୍ (ପ୍ରେମଋତୁ ଆସିଲା ରେ ର ନାୟକ)

ହରି ବିଶ୍ୱାଳ ଓ ସଞ୍ଜୟ ସାହୁ ( ଫେରି ଆ ମୋ ସୁନା ଭଉଣୀର ପ୍ରଯୋଜକ)

ରଣଜିତ୍ ମହାନ୍ତି (ଫେରି ଆ ମୋ ସୁନା ଭଉଣୀର ନିର୍ଦ୍ଦେଶକ)

ଚୌଧୁରୀ ବିକାଶ ଦାସ (ପରୀମହଲର ନିର୍ଦ୍ଦେଶକ)

ବୁଦ୍ଧାଦିତ୍ୟ (ଆଇ ଲଭ ମାଇଁ ଇଣ୍ଡିଆର ନାୟକ)

ଆକାଂକ୍ଷା (ପୂଜା ପାଇଁ ଫୁଲଟିଏ ର ଶିଶୁ କଳାକାର)

### ଆମ ଅତିଥି

ଜୟ ଶ୍ରୀ ରାମ; ଅନ୍ତରା ବିଶ୍ୱାସ

ମୋ ସୁନା ପୁଅ; ମେଘନା ହାଲଦାର

ପ୍ରେମଋତୁ ଆସିଲା ରେ; ନମ୍ରତା

ଭାଗ୍ୟଚକ୍ର; ଜୀନା ଓ ସନ୍ଧିତା

ପରୀମହଲ; ବାଂଲାଦେଶୀ କଳାକାର

ଆଇ ଲଭ ମାଇଁ ଇଣ୍ଡିଆ; ନମ୍ରତା


# ଚିନ୍ତା

କୃପାସିନ୍ଧୁ ପ୍ରଧାନ (ଟୁକୁ)

ରମାକାନ୍ତ ବାବୁ ଝାଳସରସର ଦେହରେ ପୂର୍ବପରି ମୁଣ୍ଡରୁ ସେ ନାଲି ଗାମୁଛାଟିକୁ ଦାଣ୍ଡପିଣ୍ଡା ଟାକୁ ଝାଡିଦେଇ ପିଙ୍କି ବୋଉ ପିଙ୍କି ବୋଉ ବୋଲି ଦୁଇ ତିନିଥର ଡାକ ପକାଇଲେ। କାଳ ବିଳମ୍ବ ନ କରି ପତିବ୍ରତା ପିଙ୍କି ବୋଉ ବଡ ଷ୍ଟିଲ୍‌ଗ୍ଲାସ୍‌ରେ କଳସୀରୁ ଥଣ୍ଡା ପାଣି ମୁନ୍ଦେ ଦେଇ ଦେହରୁ ଝାଳପୋଛିବାକୁ ଲାଗିଲେ। ବୈଶାଖର ଝାଞ୍ଜିଖରାରେ ଛଣଛପର ଚାଳ ତଳର ଦାଣ୍ଡପିଣ୍ଡାଦେଇ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଯାଉଥିବା ଥଣ୍ଡାପବନରେ ଦୀର୍ଘନିଃଶ୍ୱାସ ପକାଇ କହିଲେ; ଜାଣିଲ ପିଙ୍କିବୋଉ ଆଜିକାଲି ଯାହା ହେଲାଣି ସେଥିରେ ମଣିଷ ଜୀବନ ନେଇ ବଞ୍ଚିବାଟା ବହୁତ କଷ୍ଟ ହୋଇ ପଡିବ। କେମିତି କଣ ରାଜୁଟା ବଡ ହୋଇ ମଣିଷ ପରିକା ମଣିଷଟେ ହେବ କେଜାଣି!!!



କୋଣାର୍କ ମନ୍ଦିର ବର୍ତ୍ତମାନ ରାତିରେ ମଧ୍ୟ ପରିଦର୍ଶକ ମାନଙ୍କ ନିମନ୍ତେ ଖୋଲା ରହିବ।

ରମାକାନ୍ତବାବୁ ସବୁଦିନଠାରୁ ଆଜି ଅଲଗା ଲାଗୁଥିଲେ। କୌଣସି କଥାକୁ ଅଧୁରା ରଖିବାକୁ ସେ ପସନ୍ଦ କରନ୍ତି ନାହିଁ। କିନ୍ତୁ ଆଜି କଥାଟାକୁ ଅଧା ରଖି ଚାଲିଗଲେ। ଯେଉଁଟା କାଳେବେଳେ ହେବାର ଦେଖିନାହିଁ। ସେ କଥା ଏଇଥି ପାଇଁ ତାଜୁବ ଲାଗିଲା। ସେ ନିଜକୁ ନିଜେ ଭାବିନେଲେ- ଏକାକି ମଣିଷ। ଝିଅଟା ବାହା ହେବାର ବରଷେ ବି ଯାଇନି। ଇଆଡେ ପୁଅ କି ପାଠ ପଢିବ ଯେ ନାଁ ଲେଖେଇବା ପାଇଁ ଲକ୍ଷେ ଟଙ୍କା ନେଇଛି। ସେଥିରେ ସାହିପଡିଶା, ବନ୍ଧୁବାନ୍ଧବ, ଭାଇଭଉଣୀ ନେଇ ଚଳିବା କେତେ କଷ୍ଟ। ଉପୁରି ଜମିଜମା କଥା ନ କହିଲେ ଭଲ, ଏତେ ଯେ ସୁବିଧା ଅସୁବିଧାରେ ଦି ଦିନ ଦି ଓଳିବି ସାହା ହେବନି। କଥାରେ ଅଛି 'ବସିଖାଇଲେ ନଈ ବାଲି ସରେ।' ତା'ଛଡା ବୟସଟା ଦିନକୁ ଦିନ ପଡିପଡି ଆସୁଛି। ଏଇଥିପାଇଁ ଏ ସବୁ ଚିନ୍ତା। ଛାଡ ସେ କଥା। ଗାଧୁଆ ବେଳ ହୋଇଗଲାଣି। ତରତର ହୋଇ ପିଙ୍କିବୋଉ ଲହକା କାନୀଟାକୁ ଅଣ୍ଟାରେ ବାନ୍ଧିଦେଇ ସୋରିଷ ତେଲ ଘଡିଟାକୁ ସାତଜନମର ସାଥୀ ହାତକୁ ଟେକି ଦେଇ ଗାଧୋଇ ଆସିବାକୁ କହିଲେ। ଆଉ ଭଲମନ୍ଦ କଥା ହେବ କଣ? ଚୁଲି ଜଳିଲେ ତ ପେଟ ଥଣ୍ଡା ହେବ।

ଟିକ ଟିକ୍ ହୋଇ ଘଣ୍ଟାରେ ଦୁଇଟା ବାଜିଗଲା ତଥାପି ବାବୁଙ୍କ ଗାଧୁଆ ସରିଲାନି। ପିଙ୍କିବୋଉ ଘରୁ ବାହାରି ଦେଖେ

ତ ପିଣ୍ଡା ପାଖର ଚାଳତଳେ ରାଜୁବାପା ବସିଛନ୍ତି। ମନର କଥାକୁ ଲୁଚାଇଥିଲେ ମଧ୍ୟ ଆଖି ଦୁଇଟା କହି ଦେଉଥିଲା ସବୁ ଖବର। କିଛି ଗୋଟାଏ କଥା ତା'ଙ୍କ ମନକୁ ଘାଣ୍ଟିଦେଉଥିଲା। ସେ କିଛି କହିବେ ବୋଲି ହେଉଥିଲେ କିନ୍ତୁ ପୁଣି ବାଷ୍ପରୁଦ୍ଧ ହୋଇ ପଡ଼ୁଥିଲେ।

ପିଙ୍କି ବୋଉ କାହୁଁ ଜାଣିବ ଏତେ କଥା, ସେ ତ କେବେ ଏତେ ଚିନ୍ତାରେ ବସିବ ଦେଖିନି। ଏ କଥା ଅବା ସେ କାହିଁକି ଚିନ୍ତା କରିବ ଯେ! କାହିଁକି ଅବା ସ୍ୱପ୍ନରେ ବି ଚିନ୍ତା କରିବ ଯେ ଯତନରେ ରଖିଥିବା ସୁନାମୁଣ୍ଡା ବେଙ୍ଗିପିତଳକୁ ବି ସରି ହେବନି। କାହିଁକି ଭାବିବ- ଜହ୍ନରୁ ଝରୁଥିବା ଶୀତଳ ଜ୍ୟୋସ୍ନା ଆଉ କେତୋଟି ଦିନ ପରେ ଅମାବାସ୍ୟାର ଘନ ଅନ୍ଧକାର ହୋଇଯିବ। ସ୍ୱପ୍ନ ଦେଖିଥିଲା- ପୁଅ ମଣିଷ ପରି ମଣିଷଟେ ହେବ। ବାପାମାଆର ଟେକ ରଖିବ। କିଛି ନହେଲେ ମଲା ମୁହଁରେ ନିଆଁଟିକେ ତ ଦେଇ କୂଳମର୍ଯ୍ୟାଦା ରଖିବ। ସୁନାଶଙ୍ଖାଳି ତାର ପିଣ୍ଡରେ ପାଣି ମୁନ୍ଦେ ଦେଇ ତୃଷା ତ ନିବାରଣ କରିବ। ବାପ କାନ୍ଧରେ କାନ୍ଧ ମିଳାଇ- କାମଟାକୁ ହାଲକା କରିବ। ସେଥିରେ କେତେ ବଡ ଆଶା ଥିଲା ରମାକାନ୍ତ ବାବୁଙ୍କ। ପୁଅକୁ ଶିକ୍ଷିତ କରି ସମାଜରେ ଲୋକଙ୍କ ମଧ୍ୟରେ ମୁଣ୍ଡଟେକି ଚାଲିବା ପାଇଁ।

ପୁଅକୁ ବିବାହ କରାଇ ପିଙ୍କିବୋଉ ପାଇଁ ବୋହୁ ଟିଏ ଆଣିବେ। ମଣିଷ ତିଆରି ଏଇ ମନ୍ଦିରର ଦାଣ୍ଡ ଅଗଣାରେ ଚଉକି ପକାଇ ଗୋଡ ଉପରେ ଗୋଡ ଥୋଇ ହାଇ ମାରିବାକୁ। ହେଲେ ଆଶା ସବୁ ଅନ୍ଧକାର ରାତ୍ରୀର ଝରା ଶେଫାଳି ପରି ଝଡିଗଲା। ଶେଫାଳିର ବାସ୍ନା ଅନ୍ଧକାରରେ ହଜିଯାଇଥିଲା ଆଉ ମଚମଚ ଗନ୍ଧ ବାହାରି ଚତୁର୍ଦିଗ ବାସିବାକୁ ବସିଲାଣି। ତା'ଛଡା ସେମାନେ ଆଉ ଛୋଟ ଛୁଆ ହୋଇ ରହିନାହାନ୍ତି। ସେମାନଙ୍କୁ ବାପରେ ଧନରେ କହି ବାଟକୁ ଆଣିହେବ।

ସେମାନେ ବଡ ହେଲେଣି, ବୁଦ୍ଧି ପାଇଲେଣି। ସମାଜକୁ ଡର ବୋଲି ଜିନିଷ ଟି ବାପା ଦଦାଠୁ ଶିଖିବା କଥା। ଆଉ ସେମାନେ ବି ଅଶିକ୍ଷିତ ତ ନୁହନ୍ତି। ପାଞ୍ଚଲୋକ ସହିତ ମିଶିବେଣି। ତାଙ୍କୁ ଆଉ କେତେ ବୁଝେଇବ ପିଙ୍କିବୋଉ। ମୁଁ ଯାହା ଭାବୁଛି; ରାଜୁ ଆଉ ସଳଖିବନି। ସହରର ପାଣିପବନକୁ ମୁଁ ଯାହା ଭାବିଥିଲି ପ୍ରକୃତରେ ସେୟା ହେଲା।

ରାଜୁବାପା ଚାହୁଁଥିଲେ ପୁଅ ଯାହା ପାଠପଡିଲା ବାସ୍ ସେତିକିରେ ଥାଉ, ହେଲେ ସ୍କୁଲ୍ ହେଡ୍ ଆଜ୍ଞା କହିଲେ ନାଇଁ ପୁଅ ଭାରୀ ଚାଲାକ୍ ଆଉ ବୁଦ୍ଧିମାନ। ଗତସନ ରାଜ୍ୟରେ ମେଟ୍ରିକ୍ ପରିକ୍ଷାରେ ଦ୍ୱିତୀୟ ସ୍ଥାନ ରଖିଛି। ତାକୁ ସହରକୁ ପଠାଇ ଅଧିକ ପାଠ ପଢାଇବାକୁ। ରମାକାନ୍ତବାବୁ ଭଳିଗଲେ। ନହେଲେ କାଲେ ପୁଅ ଭବିଷ୍ୟତରେ କହିଥାନ୍ତା ଯେ ତା' ପାଠ ପଢାରେ ତା ବାପା ପ୍ରତିବନ୍ଧକ ହେଲେ, କିମ୍ବା ପାଠ ପଢିବାକୁ ସୁଯୋଗ ଦେଲେନି। ନ ହେଲେ ତା ବୋଉକୁ ଯାଇ କହିଥାନ୍ତା, ଦେଖେ ବାପା କେତେ ଖରାପ ମୋ ଜୀବନଟା ନଷ୍ଟ କରିଦେଲେ। ଅନ୍ତତଃ ସେ କଥା ତ ସେ ଶୁଣିନଥାନ୍ତେ? ସଂସାର ବାଲାଏ କଣ ବୁଝିବେ ମୋ ଦୁଃଖ ଏବେ? ଯଦି ପୁଅକୁ ପଠାଇ ନଥାନ୍ତି ସେଇମାନେ ହିଁ କହିଥାନ୍ତେ, ଯେ ପୁଅକୁ ଘରେ ରଖି ତା ଜୀବନ ନଷ୍ଟ କଲା।

ଏଣେ ଗୋଟେ ଦୁଃଖ ନ ଯାଉଣୁ ଆଉ ଗୋଟେ ଦୁଃଖ ହାଜର ହେଲାଣି। ଝିଅର ଶ୍ୱଶୁର ରତ୍ନାକର ବାବୁ ଘର ବାହାରୁ ହିଁ ଥାଇ କହିଲେ, କିହୋ ରମାକାନ୍ତ ବାବୁ, କଣ ଏୟା ହିଁ ତୁମର ମର୍ଯ୍ୟାଦା? କଥା ଦେଇଥିଲ, ବାହା ଘର ଛ'ମାସ ଭିତରେ ସବୁ ଯାନିଯୌତୁକ ଦେଇ ଆସିବ, କୁଆଡେ ଗଲା ସେ କଥା? ପିଙ୍କି ବୋଉ ମୁଣ୍ଡରେ କାନୀ ଓଢଣା ଦେଇ ସମୁଦିଙ୍କୁ ଘର ଭିତରକୁ ଆମନ୍ତ୍ରଣ କରିଦେଇ କଥାକୁ ଘର ଭିତରେ ରଖିବାକୁ ଚେଷ୍ଟାକଲା ବେଳକୁ ରତ୍ନାକର ବାବୁ ନଛୋଡ଼ବନ୍ଧା। ସେ ଉଚ୍ଚସ୍ୱରରେ ଧମକି ଦେଇଗଲେ, ସପ୍ତାହକ ମଧ୍ୟରେ ସବୁ ସାମାନ ପତ୍ର ଯଦି ନ ଦିଅ ତାହେଲେ ପରିଣାମ ଭାରି ଭୟାବହ ହେବ। ଆଉ ଯେମିତି ଆସିଥିଲେ ସେମିତି ପବନ ପରି ଚାଲିଗଲେ।

ଛୋଟ ଘର ଛୋଟ ସଂସାରରେ ଏତେ ଦୁଃଖ ଆସିବ ବୋଲି କିଏ ଜାଣିଥିଲା? ପିଙ୍କିବୋଉ, ରାଜୁ କୁ ନେଇ ତିନିଜଣିଆ ସଂସାର ଗଢିଛନ୍ତି ରମାକାନ୍ତବାବୁ, ତେଣେ ଅତି ଅଲିଅଳିରେ ବଢିଥିବା ଝିଅ ଯୌତୁକ ତାଡନା କେମିତି ସହୁଥିବ ସେ କଥା ଦେଖିବାକୁ କି ଅଛି? ମନର କୋହକୁ ଚାପିଧରି ମନରେ

ମାରିବସିବା ହିଁ ଠିକ୍ ହେବ ସିନା।

ରାଜୁ ଗଲା ସହରଯେ ତା ଖୋଜଖବର ନାହିଁ। ସେଥିରେ ସେ ଛଣଛପର ଘରଟା ଭୂମିରେ ଲୀନ ହେବାକୁ ବସିଲାଣି। ମଥା ତଳର ଭିଟାମାଟି ଛିନ୍‌ଭିନ୍ ହୋଇ ସତ୍ତା ହରାଇ ବସିଛି। କେବେ ସେ ଉତ୍ତରାଧୀକାରୀ ଆସିବ? ନୃସଂଶ ରତ୍ନାକର ବାବୁଙ୍କଠାରୁ ଭିଟାମାଟି ଭାଗକରିବ। ସେ କଥା ତ ସମୟ କହିବ। କିଏ ଜାଣେ। ଅବା କିଏ କହି ପାରିବ?

କେବେ ସେ ସମୟ ଆସିବ? ସମୟର ଚକ ପଛକୁ ଫେରିବ। ଏ ସମାଜଟା ତ ବହୁତ ବେଇମାନ। ହସିଲା ପୁରିଲା ସଂସାରରେ ଥରେ ଅଧେ କହି ନଥିବ, ହେଲେ ମଲା ବେଳେ କହୁଛି, 'କେଡେ ହସିଲା ପୁରିଲା ସଂସାରଟା - ଏବେ ଭାଙ୍ଗି ପଡିଛି। ନିଶ୍ଚୟ ଭଲ ହୋଇଛି। ଦୁଃଖରେ ସଡିବା ଅପେକ୍ଷା।' ଅସଭ୍ୟ ସମାଜର କେଡେ ଇର୍ଷା ନୁହେଁ ସତେ।

କହୁଆ, ରାଜନଗର, କେନ୍ଦ୍ରାପଡା, ୭୫୪୨୨୫

# ଚମ ବଧିରା ହେଇଗଲାଣି

ଚନ୍ଦ୍ର ରାଓ ପଟ୍ଟନାୟକ

ମନବୋଧ ବାବୁ ସେଦିନ ମର୍ଣିଂ ୱାକ୍ (ପ୍ରାତଃ ବ୍ୟାୟାମ) ବେଳେ ଯେଉଁ ମଞ୍ଜ କଥା ପଦକ କହିଥିଲେ ତାକୁ ଗୁରୁବାକ୍ୟ ଜ୍ଞାନ କଲି। ଏବେ ଏବେ ବ୍ୟାଙ୍କ ଚାକିରୀରୁ ଅବସର ନେଇ ୱାକର୍ସ୍ କ୍ଲବ୍‌ରେ ସାମିଲ୍ ହୋଇଥିବା ସଦାଶୟ କହିଥିଲେ; ଆମ ଖୁସିର କାରଣ ନିଜର କଲ୍ୟାଣ କି ପରିବାରର ସମୃଦ୍ଧି ଯେତେଟା ନୁହେଁ, ତାଠୁଁ ବେଶୀ ପଡୋଶୀଙ୍କ ଦୁଃଖ ଦୁର୍ଦ୍ଦଶା। ତାଙ୍କ ଟିପ୍ପଣୀ ଶୁଣୁଶୁଣୁ କିଛି ପାଚିଲା ମୁଣ୍ଡିଆ ସରଳାର୍ଥ ପୁଛା କଲେ। ବୁଝାଇଦେଲେ ବି ମନବୋଧ ବାବୁ: ଆମ ପିଲେ ଭଲ ଚାକିରୀ କଲେ କି ବ୍ୟାଙ୍କ ବାଲାଂସ୍ ଛଅ ଫିଗର ହେଲା ସେଇଟା ଆମକୁ ଯେତେଟା ଆନନ୍ଦ ଦେଉନି ତା'ଠୁ ଅଧିକ ଆନନ୍ଦ ଦେଉଛି ଦେବାଳିଆ ପଡୋଶୀଙ୍କ ପୁଅ ମାଟ୍ରିକ୍‌ରେ ତିନିଥର ଫେଲ୍ ହେବା ଖବର। ଆମ ପଡୋଶୀଙ୍କ ଦୁଃଖ ଦୟନୀୟତାରେ କେତେ କୁତୁକୁତୁ ହେଉ ତା'ଠୁ ଢେର କମ ହେଉ ଆମ ପିଲା ମେଡିକାଲ୍ ସିଟ୍‌ଟିଏ ପାଇଲେ। ନୁହେଁ?

ସକାଳୁଆ ଚାଲିଟା ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ କୁହାଯାଏ ତା'ଠୁ କୁଆଡେ ଅଧିକ ମାନସିକ ସ୍ଥିତିକୁ ସତେଜ କରିବାପାଇଁ ଉପଯୋଗୀ। ବୟସ, ଅନୁଭବ ଓ ପଦପଦବୀ ବାହାରେ ମଣିଷ ଯେ କେତେ ସ୍ୱାର୍ଥପର ହେଲାଣି ଏହା ତାହାର ଗୋଟିଏ ଝଲକ। ବାହାରେ ପରୋପକାର କଥା କହୁଥିବା ମଣିଷ ଅବଚେତନରେ ପରର ଅପକାର ପାଇଁ ଚିନ୍ତିତ। କଥାରେ କଥାରେ ପରଚର୍ଚ୍ଚା ସତେ ଯେମିତି ବଞ୍ଚିବାର ରସଦ ଯୋଗାଉଛି। ଗାଁ ପୋଖରୀ ତୁଠରୁ ଆରମ୍ଭ କରି ପାର୍ଲ୍ୟାମେଣ୍ଟ୍ ପର୍ଯ୍ୟନ୍ତ ସବୁ ବିଷୟରେ ଟିପ୍ପଣୀ ଦେବାର ଅଭ୍ୟାସ ଆମମାନଙ୍କର ଅଛି। କଥା କହିବାରେ ବାଡବତା ନାହିଁ, ରେ ରା ସମ୍ବୋଧନ କରି ଆମେ କେତେ ଶାଳୀନତା ବିବର୍ଜିତ ଧରାପଡିଯିବା ପରେ ତାହାକୁ ଆମେ ସ୍ପଷ୍ଟବାଦିତାର ଆଖ୍ୟା ଦେଇ ଗୌରବ ନେଉ। କଣ ମିଛ? ଆମେ ଏମିତିରେ କହି ବୋଲୁ ଯେ ଲୋକଟା ଯାହା ପାରିବ ମୁହେଁ ମୁହେଁ କହିଦେବ- ପେଟରେ କିଛି ନାହିଁ।

ଜଣେ ବନ୍ଧୁ ଏହା ଭିତରେ କହୁଥିଲେ; ପେଟରେ କିଛି ରଖୁନଥିବା ଲୋକଙ୍କ କପାଳରେ ହୀନସ୍ତା ଯୋଗ ଥୁଆ। ପେଟ ଭର୍ତ୍ତି ଈର୍ଷା, ଅହଙ୍କାର ଓ ପରଶ୍ରୀକାତରତାକୁ ପାଳିପୋଷି ଏଡୁଟିରୁ



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଏତେଟାଏ କଲାପରେ ଆମେ ହସିବା ଭୁଲି ଯାଇଛୁ। ଯଦି କେହି ଆମକୁ ଦେଖି ସହାସ୍ୟ ବଦନରେ କିଛି ସମ୍ବୋଧନ କରନ୍ତି, ତେବେ ଆମେ ଧରି ନେଉ ଭଦ୍ରଲୋକଙ୍କର କିଛି ଗୋଟାଏ ମତଲବ ଥିବ। କ'ଣ ଗୋଟାଏ ମତଲବ ନଥିଲେ ଅମୁକ ବାବୁ ସମୁକ ବାବୁଙ୍କୁ ହସି ହସି କିଛି କୁହନ୍ତେନି। ଯେହେତୁ ଗୁଡାଏ କାରଣ ପାଇଁ ମଣିଷ ଟେନ୍‌ସନ୍‌ରେ ରହୁଛି- ତା'ର ହସିବା ପାଇଁ ଫୁରୁସତ୍ କାହିଁ? ପିଲା ଓ ବୁଢାଙ୍କୁ ଆଜିକାଲି ଗୋଟିଏ ନ ଜାଣିପାରିବାର ବ୍ୟାଧି ଘାରିଛି। ଜାଣିବା ଯେତେଟା ବାହାଦୂରୀର କଥା ନାହିଁ ନ ଜାଣିବା ତା'ଠୁ ଅଧିକ ଗୌରବପୂର୍ଣ୍ଣ। ଯୋଉ କାରଣରୁ ହେଉ ପଛକେ ଆଧୁନିକ ମଣିଷ ମୁହଁରୁ ହସ ଲିଭିଯିବା କିଛି କମ ବିପର୍ଯ୍ୟୟର ଲକ୍ଷଣ ନୁହଁ। ତେବେ ଜ୍ଞାନ ଓ ବିଦ୍ୟା ଭଳି ଈଶ୍ୱରୀୟ ଗୁଣ ଏହା ମଧ୍ୟରେ ବିଲୁପ୍ତ ହୋଇଯିବା ଏକ ଚିନ୍ତା ଜନକ ଲକ୍ଷଣ। କିଛି ଜାଣିନଥିବା, ନଜାଣି ଜାଣିବା ଭଳି ହେଉଥିବା ପ୍ରଜାତିର ଯୁବକ ଓ ବୟସ୍କଙ୍କ ସଂଖ୍ୟା ବଢିଚାଲିଛି। ଏଠି ଗୋଟାଏ ଉଦାହରଣ ନିଆଯାଉ।

ଧରନ୍ତୁ ଆପଣ ସହର ମଧ୍ୟରେ ଗୁଡାଏ ନଗର ଥିବାରୁ ଭୂଆଁ ବୁଲୁଛନ୍ତି। ଦେଖିପାରୁଛନ୍ତି ଅଦୂରବର୍ତ୍ତୀ କଲ୍‌ଭର୍ଟ ଉପରେ କିଛି ଅଜାତଶ୍ମଶ୍ରୁ ଖିଲି ଖିଲି ହୋଇ ହସୁଛନ୍ତି। ଆପଣ ବନ୍ଧୁଙ୍କ ଘର ପାଉନାହାନ୍ତି- ଟିକିଏ ଆଗକୁ ଯାଇ ପଚାରିଲେ; ବାପା ମନୋରଞ୍ଜନ ବାବୁଙ୍କ ଘର କୋଉଠି? ଜବାବ ତ ମିଳିଲା ନାହିଁ, ଓଲଟି ଟୋକାଏ ଟାପରାକଲା ମୁଦ୍ରାରେ ପରସ୍ପରକୁ ଚାହାଁଚୁହିଁ ହେଲେ ଓ କାନ୍ଧ ଟେକି ଦେଇ ଓଠକୁ ନେଫେଡି ଏମିତି ଇସାରା ଦେଲେ- ଯୋଉଥିରୁ କି ଧାରଣା ହେଲା ମୂକ ବଧିର ସ୍କୁଲ୍‌ଟି ଖୁବ ପାଖରେ।

ନିଜ ଲେନ୍, ଆପାର୍ଟମେଣ୍ଟ କି ପାଖ ପଡୋଶୀଙ୍କ ସଂପର୍କରେ ଆମର ଜ୍ଞାନ କମି କମି ଆସୁଛି। ଏହା ଖୁବ୍ ଶୀଘ୍ର ଶୂନ୍ୟାଙ୍କ ଛୁଇଁବ। କ୍ୱାର୍ଟର ନମ୍ବର, ଫୋନ୍ ନମ୍ବର, ମୋବାଇଲ୍ ନମ୍ବର ହେଉଛି ଆମର ପରିଚୟ। ଯେମିତି ଗ୍ୟାରେଜ୍‌ର ପରିଚୟ ଗାଡି ଚଡାଳି ନୁହେଁ ଗୁଡାଏ ନମ୍ବର, ସେମିତି ଆମେ ଏବେ ଅଙ୍କର ଗୋଲକ ଧନ୍ଦାରେ ଫସି ଯାଇଛୁ। ଟିଭି ରିମୋଟ କଣ୍ଟ୍ରୋଲ୍‌ରେ ଅଙ୍କ, କଂପ୍ୟୁଟର୍‌ରେ ଅଙ୍କ। ଖାଲି ଅଙ୍କ ଆଉ ଅଙ୍କ। ଟଙ୍କା ପଇସା ହିସାବରେ ଅଙ୍କ ଛଡା ଆଉ କିଛି ନାହିଁ। ନିର୍ଜୀବ ଅଙ୍କ ଗୁଡିକ ଯେମିତି ଆମକୁ ସକାଳୁ ସଂଜ ଯାଏଁ ଲୁଡୁପାଲିରେ ବସାଇଛନ୍ତି।

ଜଣେ ଭଦ୍ର ଲୋକ ଏ ନେଇ ମାର୍କିନ ଛାତ୍ରଙ୍କ ଉଦାହରଣ ଦେଉଥିଲେ। କୁଆଡେ ଶିକ୍ଷିତ ପିଲାଙ୍କୁ ଟୁ-ପ୍ଲସ୍-ଟୁ କେତେ ପଚାରିଲେ ସେମାନେ ଉତ୍ତର ଦେବା ପରିବର୍ତ୍ତେ 'ପ୍ଲିଜ୍ ୱେଟ୍' କହି ବ୍ୟାଗରୁ ଲ୍ୟାପ୍‌ଟପ୍ ଦରାଣ୍ଡନ୍ତି। ଦୁଇ ମିନିଟ୍ ପରେ ହସାଟେ ଦେଇ କହନ୍ତି, ଫୋଓର୍। ଏହାର ସିଧା ଅର୍ଥ ହେଲା ପଶ୍ଚିମା ପିଲାଏ ବ୍ରେନ୍‌ଟିକୁ ବେଶୀ କାମରେ ନ ଲଗାଇ ଭଡାରେ ଲଗାନ୍ତି। ରକ୍ ଡ୍ୟାନ୍‌ସ, ଭିଡିଓ ଗେମ୍ ଆଉ ଡବ୍ଲୁ ଡବ୍ଲୁ ଏଫ୍ ଯେମିତି ସେମାନଙ୍କୁ, ସେମାନଙ୍କର ନିତି ଦିନିଆ ଚଳଣୀକୁ ଶହେ ଭାଗ କଣ୍ଟ୍ରୋଲ୍ କରୁଛନ୍ତି। ଇଡିଅଟ୍ ବକ୍ସ ଆସିବା ଦିନଠୁ ଆମ ପିଲାଙ୍କୁ ପଶ୍ଚିମା ବେମାରୀ ଧରିଛି। କଥା କଥାରେ ଚିଡିଚିଡା, ଅର୍ଥଦାବିଠାରୁ ଆରମ୍ଭ କରି ବହୁତ କିଛି। ଖାଲି କହୁଛନ୍ତି- ଇଞ୍ଜିନିୟର ହବୁ, ବାଙ୍ଗାଲୋର ଯିବୁ ଆଉ ବହୁତ କମେଇ କରିବୁ। ଭଲ କଥା, ଏଇ ଭଲ କମେଇ କରିବା କଥାଟା ମନକୁ ଘେନୁଛି। ମାତ୍ର ଜୀବନକୁ ଖାଲି କମେଇବା ମାପ କାଠିରେ ମାପି ମାପି ଆମେ ଆସି ଏମିତି ଦୋ'ଛକିରେ ପହଞ୍ଚିସାରିଲୁଣି, ଯେତେବେଳେ ଆମେ ବାପା ମା'ଙ୍କୁ ଭୁଲି ଯାଉଛୁ, ଭୁଲି ଯାଉଛୁ ସାହିପଡିଶା, ଆଉ ମା' ମାଟି କୁ।

ଏକଥା କହିବା ବେଳେ ପୁରୁଖା ଲୋକଙ୍କ ଆପ୍ତବାକ୍ୟ ମନେପଡୁଛି। 'ଲୋକା ସମସ୍ତା ସୁଖୀନଃ ଭବନ୍ତୁ'। ଆଉ ସୁଖ ଲାଗୁନି ସେ କଥା। ଆମେ ଓଲଟି କହୁଛୁ, 'ଆପେ ବଞ୍ଚିଥିଲେ ବାପର ନାଁ'। ବ୍ୟକ୍ତି କୈନ୍ଦ୍ରିକ ହେବାକୁ ଆମକୁ କିଏ ଶିକ୍ଷା ଦେଉଛି। କିଏ ଶିଖାଉଛି ବାପା ମା'ଙ୍କୁ ସମ୍ମାନ ନ ଦେବା ପାଇଁ। ମଣିଷ ପଣିଆକୁ ବନ୍ଧାଦେଇ ଆମେ ଅନ୍ୟକୁ ଠକିଲେ ଭାବୁ ଗୋଟିଏ ଗଡ ଜିତିଗଲୁ। ବଙ୍ଗଳାବାଡି, ଘୋଡାଗାଡି, ସାଙ୍ଗକୁ ଘିଅମଖା ନିଶ ଫୁଲେଇ ଆମେ ବଖାଣିପାରୁଛୁ ଗୌରବଗାଥା। ହେଲେ ଏହାର ସ୍ଥାୟୀତ୍ୱ ସଂପର୍କରେ କାହାର କିଛି ଧାରଣା ଅଛି?

ସୁପର ପାୱାର ସନ୍ତୁଳନ ଏପଟ ସେପଟ ହୋଇଗଲା ପରେ ଆମେରିକାର ପ୍ରକାଣ୍ଡ ଅଟ୍ଟାଳିକା ଧରାଶାୟୀ ହେଲା । ତା ସହିତ ମାଟି ଚାଟିଲା ସାମ୍ରାଜ୍ୟବାଦ ଓ ବିସ୍ତାରବାଦର ପ୍ରତିଭୂ। ସେହି ଆମେରିକାର ବିମାନ ନେଇ ଅଟ୍ଟାଳିକା ଧ୍ୱଂସ କରି ଆତଙ୍କବାଦୀଏ ଶକ୍ତ ଚଟକଣା ଦେଲେ। ନଭଷ୍ଚୁମ୍ବୀ ଅଟ୍ଟାଳିକାଗୁଡିକ ଉନ୍ନତଶିର ହୋଇ

ଛିଡାହୋଇଥିଲେ ଶୋଇପଡିବାକୁ ଲାଗିଲାନି ମୁହୂର୍ତ୍ତିଏ । ସେଥିପାଇଁ ଏବେ ତା'ର ନାମକରଣ ହେଲା ଗ୍ରାଉଣ୍ଡଜିରୋ। ପ୍ରଥମେ ଆମ ପାଦତଳେ ମାଟି ଅଛି କି ନାହିଁ ଦେଖିବା- ଯେମିତି ସର୍କସର ଲାସ୍ୟମୟୀ ଲଳନାମାନେ ଏ ଦୋଳିରୁ ସେ ଦୋଳିକୁ ଲଂଫ ଦେଇ ଦେଖଣାହାରୀଙ୍କ ମନୋରଂଜନ କରନ୍ତି, ମାତ୍ର ତଳେ ଜାଲଟି ଅଛି କି ନାହିଁ ତାହା ପରଖି ନିଅନ୍ତି । ଅକୁହାକଥା ଓ ଯନ୍ତ୍ରଣାକୁ ଆତ୍ମସ୍ଥ କରି କଳାକାର ହୁଅନ୍ତୁ କି ଜୋକର ସେମାନଙ୍କର ଅଭିନୟ ଆମ ସମସ୍ତଙ୍କ ପାଇଁ କେତେ ଯେ ଶିକ୍ଷାପ୍ରଦ ତାହା ବୁଝିବାକୁ ବାକି ନାହିଁ। ସ୍ୱର୍ଗବାସୀ ଦୀର୍ଘକାୟ ନେତାଙ୍କ ଦୁଆରେ ଜଣେ କବି ସେଦିନ ବସିଥିଲେ। ପ୍ରୋଟୋକଲ୍ ଡେଇଁ ପଶିବାର ଜୁ' ନାହିଁ, ହେଲେ ନେତାଙ୍କୁ ଭେଟିବାର ଅଭିଳାଷ ଅଦମନୀୟ। ଉପର ପାହାଚରୁ ଓହ୍ଲାଉଥିବା ବେଳେ ନେତାଙ୍କ ନଜର ପଡିଗଲା ତିନିଥାକ ତଳର ଜଣେ ସହକାରୀଙ୍କ ସହ କବିଙ୍କ ଉଚ୍ଚବାଚ୍ୟ ଦୃଶ୍ୟ । ସ୍ୱଭାବତଃ ବଡପାଟିଆ ପଚାରିଲେ; ବ୍ୟାପାରଟା କଣ? ଛାଡିଦିଅ ସେ କୁଆଡେ ଆସିଛି । କବି ତାଙ୍କର ଅଳି ଜଣାଇଲେ ଓ ଯାହା ଜବାବ ପାଇଲେ ତାଙ୍କ ମନ ସେଥିରେ ବୁଝିଗଲା । ହଠାତ୍ ତାଙ୍କର ମନେ ପଡିଗଲା ଦୀନକୃଷ୍ଣଙ୍କ, 'ଏଥିକି ଭଲ ଛାତି କି କାତି ଯେ ।' କବି ଚାହୁଁଥିଲେ ଏତେ ଲୋକ ଯାଉଛନ୍ତି, ତାଙ୍କୁ ରାଜ୍ୟସଭା ପଠାଇଲେ ହୁଅନ୍ତାନି? ମାତ୍ର ଜବାବ ପାଇଲେ: ତୁ କଣ ସେଠିକି ଯାଇ କବିତା ଫବିତା ଲେଖିବୁ । ଟୋକାମାନେ ଯାଆନ୍ତୁ, ରାଜ୍ୟସଭାରେ ଓଡିଶା ପାଇଁ କିଛି ଗୋଟାଏ କରିବେ । ପାଚିଲା ବାଳିଆ କବିଙ୍କ ମନ ବିଷି ପିତେଇଗଲା । ତଥାପି ନେତାଙ୍କୁ କହିଲେ ରାଜ୍ୟସଭା ପରା ହାଉସ୍ ଅଫ୍ ଏଲ୍ଡ୍ର୍ସ। ନେତାଙ୍କର ଶୁଣିବାକୁ ବେଳ ନଥିଲା, ବିଳାସପୂର୍ଣ୍ଣ କାରଟି ତାଙ୍କୁ ସାଇଁ କିନା ନେଇଗଲା ଏରୋଡ୍ରମ୍ ଆଡକୁ।

ଏଥିରୁ ଆମେ ବୁଝିଲେ କଣ? ନିଷ୍ଠା, ସାଧୁତା, ପରୋପକାର ଭଳି ଶବ୍ଦ ଲୋପ ପାଇବାକୁ ଯାଉଛି। ଦରମା ବାହାରେ ଫରମା କେତେ ମିଳୁଛି, ସେଇଟା ହେଉଛି ଆମର ଷ୍ଟାଟସ୍ର ମାପକାଠି। ପଇସାଟିଏ ଖାଉନି ବୋଲି କହୁଥିବା ଲୋକକୁ ଆମେ ଟିଟିକାର କରି କହିପାରୁଛୁ 'କିଛି ପାଉନି ବୋଲି ଲୋକଟା ସାଧୁ'। ଦୀପ ତେଜିଲେ ହାତ ଚିକ୍କଣ ହୁଏ। ମାତ୍ର ତେଜିବା ଲୋକ ଯଦି ନିଜକୁ ଅନେଷ୍ଟ ବୋଲି କହିଲା ଆମେ ତାକୁ ଟାହିଟାପରା କରୁ। ସବୁଠି ଗୋଟିଏ ଫର୍ମୁଲା ଲଗାଇଲେ ସମାନ ନିଷ୍କର୍ଷ ପାଇବାନି। ଆଜି ଯଦି ଝାରପଡା ଜେଲ୍ରେ ମିନି ସେକ୍ରେଟାରିଏଟ୍ ଖୋଲାଯାଇଥାଏ, ବଡ ବଡ ହାକିମ ହାୱା ଖାଉଥାଆନ୍ତି, ଏହା ପଛରେ ଯେଉଁ ଯୁକ୍ତି ଅଛି ତାହାର ଗଭୀରତାକୁ ଯିବା ସୁଯୋଗ ଏଠାରେ ନାହିଁ। ହସ ସହିତ ଆମ ମୁହଁରୁ ପାଣି ମଧ୍ୟ ମରିଗଲାଣି। ତେଣୁ ସମ୍ବେଦନଶୀଳତା କାହାକୁ କୁହାଯାଏ ତାହା ବୁଝାଇବାକୁ କ୍ଲାସ୍ ନେବାକୁ ପଡିବ। ଚିମୁଟିଲେ ଯଦି କାଟୁନି ବୁଝିବାକୁ ହେବ ଆମ ଚମ ବଧିରା ହୋଇଗଲାଣି କିମ୍ବା ଚିମୁଟୁଥିବା ଆଙ୍ଗୁଠିଟି ଶକ୍ତିହୀନ ହୋଇପଡିଛି।

## ବିଶେଷ ସୂଚନା

ଏହି ସଂସ୍କରଣ ସହିତ ଓଡିଆ କ୍ୟାଲେଣ୍ଡର ମଧ୍ୟ ଡାଉନ୍ଲୋଡ୍ କରିରଖନ୍ତୁ। ଯଦି ଆପଣ ଓଡିଆ କ୍ୟାଲେଣ୍ଡର୍


ଅସୀମ ଆଶା ଓ ଅଣାୟତ ଉନ୍ମାଦନାର

# ଆହ୍ୱାନ

ଡାଉନ୍‌ଲୋଡ୍ କରିନାହାନ୍ତି ତା'ହେଲେ ନିମ୍ନରେ ଦିଆଯାଇଥିବା ଲିଙ୍କରେ କ୍ଲିକ୍ କରି ବର୍ତ୍ତମାନ ହିଁ ଡାଉନ୍‌ଲୋଡ୍ କରନ୍ତୁ।

http://www.freewebs.com/aahwaan/cal.html

## ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ




ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ,
ସଂପାଦକ
ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ୍: ୯୨୩୮୬୮୫୬୯୮

ଆଗାମୀ ସଂସ୍କରଣ ଆସିଲା ବେଳକୁ ଏକ ନୂତନ ବର୍ଷରେ ପଦାର୍ପଣ କରି ସାରିଥିବା ଆମ୍ଭେମାନେ, ସମ୍ଭବତଃ ଆହୁରି ଅନେକ ସ୍ୱପ୍ନ ଆଶା ଆଉ ଆକାଂକ୍ଷାକୁ ବାନ୍ଧିଦେଇ ପୁଣି ବିତାଇ ଚାଲିବା ଦିନରାତି। ଆପଣ ମାନଙ୍କ ଆଗାମୀ ବର୍ଷ ନିଶ୍ଚୟ ଭାବରେ ଭଲରେ ବିତିବ ଏହା ଆମର ଆଶା।

ଆମର ଏହି ସଂସ୍କରଣରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ କଥା ଆଉ କାହାଣୀ ଆପଣଙ୍କୁ କେମିତି ଲାଗିଲା, ସେ ସଂପର୍କରେ ଆପଣ ଆମକୁ ଜଣାଇପାରିବେ, ଆମର ୱେବ୍‌ସାଇଟ୍‌ରେ ମତାପତ ପୃଷ୍ଠାରେ ନିଜ ମତ ଦେଇ କିମ୍ବା ଆପଣ ଆମ ନିକଟକୁ ଇ-ମେଲ୍ ବି କରି ପାରିବେ।

ଆଗାମୀ ସଂସ୍କରଣରେ ଆମେ ଉପସ୍ଥାପନା କରିବୁ ଆହୁରି ଅନେକ କଥା ଓ କାହାଣୀ, ଏବଂ ଆଗାମୀ ସଂସ୍କରଣ ହେବ ଅନନ୍ୟ, ଯାହା ନୂଆବର୍ଷ ପାଇଁ ଏକ ବିଶେଷାଙ୍କ ରୂପରେ ପ୍ରକାଶ ପାଇବ। ଯଦି ଆପଣ ନିଜଦ୍ୱାରା ଲିଖିତ କଥା ଓ କାହାଣୀ ଆମ ନିକଟକୁ ପଠାଇବେ ତା'ହେଲେ ଆମେ ସେ ସବୁକୁ ଆମର 'ଆହ୍ୱାନ' ପତ୍ରିକାର ଆଗାମୀ ସଂସ୍କରଣରେ ପ୍ରକାଶ କରିବୁ। ଧନ୍ୟବାଦ।




**ଆମକୁ ସାହାଯ୍ୟ କରନ୍ତୁ, ଶୈଶବର ବିକାଶରେ ସହାୟକ ହୁଅନ୍ତୁ।**

**ଆହ୍ୱାନ**